ଚଢ଼ାଉତୁରା



ପ୍ରଫୁଲ୍ଲ କୁମାର ତ୍ରିପାଠୀ

Digitized by srujanika@gmail.com

ଚଢ଼ା ଉତୁରା

(ଗଳ୍ପ, କବିତା ଓ ଚିତ୍ର)

ଡ଼କ୍ଟର ପ୍ରଫୁଲ୍ଲ କୁମାର ତ୍ରିପାଠୀ

Digitized by srujanika@gmail.com

ଚଢ଼ା ଉତୁରା

ପ୍ରଫୁଲ୍ଲ କୁମାର ତ୍ରିପାଠୀ

ସ୍ୱତ୍ୱ : ଶ୍ରୀମତୀ ଜ୍ୟୋସ୍ନା ମିଶ୍ର, ୧୯୯୫

ପ୍ରକାଶକ
ଲାର୍କ ବୁକ୍‌ସ୍
ସୁବର୍ଣ୍ଣରେଖା ଚେମ୍ବର୍ସ
ଭୌମ ନଗର, ଭୁବନେଶ୍ୱର

ପ୍ରଥମ ପ୍ରକାଶ - ୧୯୯୭

ମୁଦ୍ରଣ
ଓଁକାର
ଆଚାର୍ଯ୍ୟ ବିହାର, ଭୁବନେଶ୍ୱର

ମୂଲ୍ୟ : ଟ. ୬୦. ୦୦

ISBN-81-7375-024-6

Digitized by srujanika@gmail.com

କ୍ରମଶଃ.......

	ଗଳ୍ପ
୯	ଗାଈ ଓ ଭାଇ
୧୧	ସତ ଗାଈ ଓ ମିଛ ଗାଈ
୧୩	ଗାଈ ଓ ରାସ୍ତା
୧୫	ଗାଈ ଓ ରଚନା
୧୭	ଗାଈ ଓ କାଗଜ
୧୮	ଯାନ ଓ ଯାତ୍ରୀ
୨୦	ନିଦ ଓ ଆଖି
୨୨	ଦୁଃଖ ଓ ଚେଷ୍ଟା
୨୪	ସ୍ମୃତି ଓ ସଂଭାବନା
୨୬	ହର୍ଷ ଓ ବିଷାଦ
୨୮	ମଦ ଓ ମାଇକ୍ରିନା
୩୦	ଅଂଧୁଣୀ ବୁଢ଼ୀର ଶୋଷ
୩୨	ଷ୍ଟାଇକ୍
୩୪	ଓଡ଼ିଶା ପାଇଁ ଅତ୍ୟନ୍ତ ଆବଶ୍ୟକ ଅତଏବ ଏଭଳି ଏକ.....
୩୬	ଯେ କେହି ସଚିବ ତତ୍କ୍ଷଣାତ୍ ଉତ୍ତର ଦେବେ କି ?
୩୮	ଭଗବାନ ମୋତେ କହିଲେ
୪୧	ବୀଜ ବପନ
୪୪	ମନ : ଏକ ଯୁଦ୍ଧ କ୍ଷେତ୍ର
୪୭	ହଠାତ୍ ଶେଷ
୫୧	କଥୋପକଥନ
୫୫	କିଏ କୁଆଡ଼େ
୫୭	ନିଷେଧାଜ୍ଞା
୫୯	ତରଂଗ
୬୧	ପ୍ରଥମ ପତ୍ର

Digitized by srujanika@gmail.com

୬୩ ଦିଗ ଦର୍ଶନ
୬୫ ଅନୁଧାବନ
୬୭ ଚରମ ସୁଖ
୬୯ ସ୍ୱାଗତ ଅଂଧକାର
୭୧ ଟାର ଜାତି
୭୩ ପୋଥି ବାଇଗଣ ସଂବାଦ
୭୫ ଆଇସ୍କ୍ରିମ୍
୭୬ ପକ୍ଷୀ ଶିକାର
୭୭ ମୁଖା
୭୮ ଅସମ୍ଭବ ଅସଂଭବ ଅସମ୍ଭବ
୭୯ ଝଡ଼ ଓ ତା'ପରେ
୮୦ ଉଦ୍‌ଲିଆ
୮୧ ଆମେ ତିନିଜଣ
୮୨ ଗଂଗା, ହୁଗୁଲୀ, ମହାନଦୀ
୮୩ ଡାଏରୀରୁ ନୁହେଁ
୮୪ ମୋ ପରିବାର ସଂପର୍କରେ ଜେରା
୮୫ ଗୁଡ଼ି ଓ ଆକାଶ
୮୬ ନିଦ
୮୭ ବର୍ଷ ପରେ ବର୍ଷ
୮୮ ଉପହାର
୮୯ ପେଟ ପଚାରିଲା,

କବିତା

୯୦ ମତର ବେପାର
୯୨ ଶୋଭ ପତ୍
୯୪ ମୃତ-ବିକ୍ରି
୯୬ ସଲାମ ଘେନ

Digitized by srujanika@gmail.com

୯୮	ବନବାସୀ
୧୦୦	ରଂଗ ଗୀତ
୧୦୨	ସହର-ଦେଖା
୧୦୪	ମାଳ ପହଲି
୧୦୬	ଏଠି
୧୦୮	ଅସହାୟ କଉଡି
୧୧୦	ଚଢ଼ା ଭତ୍ରା
୧୧୧	ଭୁଲାମନ
୧୧୨	ପେଟ ପାଟି
୧୧୪	ଚୁପ୍
୧୧୬	ସଭାକୁ ଚାଲ
୧୧୭	ସୁଦିନ
୧୧୮	ଫେରି ଯା
୧୧୯	କଥା
୧୨୦	ବଂଚିବାର ଭାଷା

Digitized by srujanika@gmail.com

ଗାଈ ଓ ଭାଈ

ମୋର ଜଣେ ପରିଚିତ ବ୍ୟକ୍ତି ଅଛନ୍ତି ଯିଏ ଟଙ୍କା ଚାଷ କରନ୍ତି। ମନେମୋନେ ସେ ଯେଉଁ ଶବ୍ଦାର୍ଥ ତାଲିକାଟି ନିଜର ମସ୍ତିଷ ଭିତରେ ସଜାଇ ରଖିଛନ୍ତି ତଦନୁସାରେ 'ମଣିଷ' ଶବ୍ଦର ନଅ ଶହ ତେପନଟି ଅର୍ଥ ରହିଛି, କିନ୍ତୁ 'ଅର୍ଥ' ଶବ୍ଦର ଏକମାତ୍ର ଅର୍ଥ ଟଙ୍କା। ସେ ଅଦୃଶ୍ୟ କ୍ଷେତ୍ରମାନଙ୍କରେ ଟଙ୍କା ରୋପଣ କରି ଅଜ୍ଞାତ ସୂତ୍ରରୁ ତାହା ବେଉଷଣ କରନ୍ତି।

ଦିନେ ମୋତେ ଖବର ମିଳିଲା ଯେ ତାଙ୍କର ସାନ ଭାଇ ଘର ଛାଡ଼ି କୁଆଡ଼େ ପଳେଇଛି। ତେଣୁ ତାଙ୍କୁ ସମବେଦନା ଜଣାଇବା ଉଦ୍ଦେଶ୍ୟରେ ମୁଁ ଯାଇ ପହଂଚିବାରୁ ସେ, 'ଆରେ ବାଟ ଭୁଲିଗଲେ ନା କ'ଣ?' କହି ମୋତେ ହସ ହସ ମୁହଁରେ ସ୍ୱାଗତ କଲେ।

ମୁଁ ପଚାରିଲି, "କିଛି ଖବର ମିଳିଲା?" ପରିଚିତ ଟଙ୍କା ଚାଷୀ କହିଲେ, "ଆରେ କେତେ ଦିନ ପରେ ଆପଣଙ୍କ ସାଂଗରେ ଦେଖା, ଆଗ ଚାହା ଟିକେ ହଉ, ତାପରେ ଖବର ଟବର କଥା ହେବା।" ଅଳ୍ପ ସମୟ ମଧ୍ୟରେ ଖାଣ୍ଟି କ୍ଷୀରରେ ପ୍ରଚୁର ଚିନି ଓ ଅଳ୍ପ ଚା' ରସ ଗୋଳା ହୋଇଥିବା ଗରମ ବହଳିଆ ପାନୀୟ ଦୁଇ ଗିଲାସ ପହଂଚିଲା। ମୁଁ ତହିଁରୁ ଟିକିଏ ଚୋକି ପଚାରିଲି, "ମିଳିଲା କିଛି ଖବର?"

ପରିଚିତ ଟଙ୍କାଚାଷୀ କହିଲେ, "ସେ କଣ ତୁଚ୍ଛା ହାତରେ ଯାଇଛି ଯେ ଖବର ମିଳନ୍ତା ନାହିଁ। ଏଠୁ ଯେତିକି ଇନ୍ଧନ (ଟଙ୍କା) ନେଇ ଯାଇଥିଲା ସବୁ ଅନଗୁଳ ବଜାରରେ ବୁଣି ଦେଇଛି। ମୁଁ ତା'ର ସବୁ ଖବର ପାଇଛି।"

ମୁଁ କହିଲି, "ଯାହାହେଉ ଭଲ ହେଲା। ମୋ ମନରୁ ଦୁଶ୍ଚିନ୍ତା ଗଲା। କିନ୍ତୁ ସେ କାହିଁକି ପଳାଇଲା, ସେ ବିଷୟରେ କିଛି.....?"

ପରିଚିତ ଟଙ୍କାଚାଷୀ ହସିହସି କହିଲେ, "ଦେଖନ୍ତୁ, ମୋ ଭାଇ ମୋ ଗାଈ ସହିତ ସବୁବେଳେ ନିଜକୁ ତୁଳନା କରି ବସିଲା। କହିଲା, କ୍ଷୀର ନ ଖାଇବ ନାହିଁ ପଛକେ ଗୋବର ପୋଛିବ ନାହିଁ।"

ମୁଁ ପଚାରିଲି, "ତା'ପରେ?"

ସେ କହିଲେ, "ତା'ପରେ ଆଉ କଣ? ମୋ ମୁଣ୍ଡକୁ ପିତ୍ତ ଚଢ଼ି ଯିବାରୁ ମୁଁ ତାକୁ କହିଲି, "ଭାଗ୍, ପଳା ଏଠୁ।""

ମୁଁ କହିଲି, "ତା'ହେଲେ ଭାଇକୁ ଘରୁ ତଡ଼ି ଆପଣ ଗାଈକୁ ପୋଷି ରଖିଛନ୍ତି।"

Digitized by srujanika@gmail.com

ପରିଚିତ ଟଙ୍କା ଚାଷୀ ହସି ହସି କହିଲେ, "ଠିକ୍ କହିଛନ୍ତି ଆପଣ। ଭାଇକୁ ଟଙ୍କା ଉଧାର ଦେଲେ ଫେରାଏ ନାହିଁ, କିନ୍ତୁ ଗାଈଠାରେ ଘାସ ବିନିଯୋଗ କଲେ ସେ ସୁନ୍ଦର କ୍ଷୀର ଦିଏ। ଭାଇ ରହିବା ପାଇଁ ଜାଗା ମାଗେ, ପିନ୍ଧିବା ପାଇଁ ଲୁଗା ମାଗେ। ଗାଈ ଲଙ୍ଗଳା ହୋଇ ରାସ୍ତାରେ ବୁଲୁଥାଏ। ଭାଇ ସିନେମା ଦେଖି ଯିବାକୁ ଅଡ଼ିବସେ, ରାତିସାରା ଆଲୁଅ ଜଳେଇ ରଖେ, ଫେନ୍ ଚଳେଇ ରଖେ। ଗାଈ ସିନେମା ଦେଖିବାକୁ ଯାଏ ନାହିଁ କି ଭଡ଼ାରେ ଆଣି ଉପନ୍ୟାସ ପଢ଼େ ନାହିଁ। ଗାଈ ଖାଲି ଦେଉଥାଏ। ଯେ କୌଣସି ମାପରେ ମାପିଲେ ବି ଘରେ ଭାଇକୁ ରଖିଲେ କ୍ଷତି ଓ ଗାଈକୁ ରଖିଲେ ଲାଭ।"

ମୁଁ ତାଙ୍କ ସହିତ ଅଧିକ ବାକ୍ୟ ବିନିମୟ ନ କରି ଚା' ଗିଲାସଟି ଥୋଇ ଦେଇ ଫେରି ଆସିଲି।



Digitized by srujanika@gmail.com

ସତ ଗାଈ ଓ ମିଛ ଗାଈ

ଗୋଟିଏ ସ୍ୱଚ୍ଛଳ ମଧ୍ୟବିତ୍ତ ପରିବାରରେ ପ୍ରତିଦିନ ଯେତିକି ଖିଆଯାଏ ପ୍ରାୟ ସେତିକି ଫୋପଡ଼ାଯାଏ। ଏହି ବାକ୍ୟଟି ଯେଉଁଦିନ ମୋର ସହକର୍ମୀ ବନ୍ଧୁଙ୍କର ମସ୍ତିଷ୍କ ଭିତରର 'ସାଂସାରିକ ବୁଦ୍ଧି' ଅଂଚଳକୁ ପ୍ରବେଶ କଲା ସେଦିନ ସଂଧ୍ୟାରେ ସେ ଗୋଟିଏ ନିଷ୍ପତ୍ତି ନେଇ ଘୋଷଣା କରିବା ଢଂଗରେ ମୋତେ କହିଲେ, ''ମୋତେ ଯେମିତି ହେଲେ ଗୋଟେ ଗାଈ କିଣିବାକୁ ହେବ।''

ତାଙ୍କର ସବାସାନ ପୁଅ ପାଇଁ ସେ ଏହା ପୂର୍ବରୁ ଅନେକ କାର୍, ରେଳଗାଡ଼ି, ଉଡ଼ାଜାହାଜ ଓ ବନ୍ଧୁକ କିଣି ସାରିଥିଲେ। ତାଙ୍କର ସବାସାନ ପୁଅଟି ଯଦି ସକାଳୁ 'ବାପା ଉଲାଜାଜ୍', 'ଉଲାଜାଜ୍' କହିବା ଆରମ୍ଭ କଲା ତା' ହେଲେ ସଂଧ୍ୟା ସୁଦ୍ଧା ଉଡ଼ାଜାହାଜଟିଏ କିଣା ହୋଇ ନ ଆସିବା ପର୍ଯ୍ୟନ୍ତ ଗାଧୋଇବ ନାହିଁ, ଖାଇବ ନାହିଁ, ଖେଳିବ ନାହିଁ; ସବୁବେଳେ ଖାଲି 'ଉଲାଜାଜ୍' 'ଉଲାଜାଜ୍' ରଟୁଥିବ। ସହକର୍ମୀ ବନ୍ଧୁ ତେଣୁ ବେଳେ ବେଳେ କହିପକାନ୍ତି, ''ଦେଖିବେ, ଏଇ ପୁଅଟି ମୋର ଦିନେ ଟ୍ରେଡ୍ ୟୁନିୟନ୍ ନେତା ହେବ। ଏବେ ଖାଲି 'ଉଲାଜାଜ୍' କହୁଛି, ବଡ଼ ହେଲେ 'ଅଧିକ ଦରମା, ଅଧିକ ଦରମା' କହି ଗଗନ ପବନ କଂପାଇବ।''

ତାଂକ ସବାସାନ ପୁଅର ଏହି ଗୁଣ ମୋତେ ଜଣା ଥିବାରୁ ମୁଁ ମନେ ମନେ ଭାବିନେଲି, ବୋଧହୁଏ ସକାଳୁ ସକାଳୁ ସେ କେବଳ 'ଗାଈ, ଗାଈ' ରଟୁଛି। ତେଣୁ କହିଲି, ''ଠିକ୍ ଅଛି, ଚାଲନ୍ତୁ, ଗୋଟିଏ ଗାଈ କିଣି ଆଣିବା।''

''ସହକର୍ମୀ ବନ୍ଧୁ ପଚାରିଲେ, ''ଏଠି ବଜାରରେ ଗାଈ କେଉଁଠୁ ମିଳିବେ?''

ମୁଁ କହିଲି, ''ଖାଲି ଗାଈ କାହିଁକି, ଏଇ ଡେଲି ମାର୍କେଟ୍ ପାଖ ରାସ୍ତା କଡ଼ରେ ଗୋଟିଏ ଲୋକ ପସରା ମେଲାଇ ବାଘ, ସିଂହ, ହାତୀ, ବିଲେଇ ସବୁ ବିକେ। ମୁଁ ଦେଖିଛି। ଚାଲନ୍ତୁ ଯିବା।'' ସହକର୍ମୀ ବନ୍ଧୁ ହସିଦେଲେ ଓ କହିଲେ, ''ମୁଁ କ'ଣ ଏମିତି ମିଛ ଗାଈ କିଣିବି ବୋଲି ଭାବୁଛି? ଏଥର ସତଗାଈଟିଏ କିଣିବି ପରା।''

ମୁଁ ପଚାରିଲି, ''କାହିଁକି ହଠାତ୍?''

ବନ୍ଧୁ କହିଲେ, ''ଆମ ଘରେ ପ୍ରତିଦିନ ଯେତେ ଖାଇବା ଜିନିଷ ଧୋଇ ଫୋପଡ଼ା ହେଉଛି, ସେତିକିରେ ଗାଈଟିଏ ସୁନ୍ଦର ପୋଷି ହେବ। ତା ଛଡ଼ା ଘରେ ଗାଈଟିଏ ରହିଲେ, ମୋ ପିଲାମାନେ ଅନ୍ତତଃ ଖାଣ୍ଟି କ୍ଷୀର ଟିକେ ପାଟିକୁ କିପରି ଲାଗେ ଜାଣି ପାରିବେ। ମୁଁ ମଧ୍ୟ ବହୁଦିନ ହେଲା ସେ ସ୍ୱାଦ ପାସୋରି ଦେଲିଣି।''

Digitized by srujanika@gmail.com

ମୁଁ କହିଲି, ''ଆପଣ ଯାହା କହୁଛନ୍ତି ସବୁ ଠିକ୍ ଯେ, ଏଠି ସହରର ହାଟରେସତ ଗାଈ ତ କିଣିବାକୁ ମିଳିବେ ନାହିଁ।''
ସହକର୍ମୀ ବନ୍ଧୁ ଚିନ୍ତିତ ଦେଖାଗଲେ ଓ କହିଲେ, ''ଭାବିଥିଲି ଶୁଭସ୍ୟ ଶୀଘ୍ରଂ, ଏବେ ଦେଖୁଛି କଥାଟା ସେତେ ସହଜ ନୁହେଁ।''
ମୁଁ କହିଲି, ''ତଥାପି ଚାଲନ୍ତୁ, ଆଜି ଯାଇ ଆମେ ଗୋଟେ ମାଟି ଗାଈ କିଣି ଆଣିବା। ସେଇଥିରୁ ଖୁରା, ଶିଂଘ, ଲାଂଜ ଇତ୍ୟାଦି ପିଲାଙ୍କୁ ଚିହ୍ନାଇ ଦେଇ ବୁଝାଇ ଦେବା ଯେ, କିପରି ଗାଈ ଖୁରାରେ ମାରେ, ଲାଂଜରେ ଛାଟେ ଆଉ ଶିଂଗରେ ଭୁଷେ। ସେମାନେ ଏ ସବୁ ଜାଣିଗଲା ପରେ ପାଖ ଗାଁ ହାଟକୁ ଯାଇ ସତ ଗାଈଟିଏ କିଣି ଆଣିବା।''
ବନ୍ଧୁ ମୋ କଥାରେ ସମ୍ମତ ହେଲେ।



Digitized by srujanika@gmail.com

ଗାଈ ଓ ରାସ୍ତା

"ଭୁବନେଶ୍ୱର ରାସ୍ତାରେ କାହିଁକି ଏତେ ଅଧିକ ସଂଖ୍ୟକ ଗାଈ ଦେଖା ଯାଉଛନ୍ତି ?"

ଅନ୍ୟ ସହରରୁ ଆସିଥିବା ବନ୍ଧୁ ପଚାରିଲେ। ମୁଁ କହିଲି, "ଭୁବନେଶ୍ୱର ରାସ୍ତାରେ ସବୁଠାରୁ ଅଧିକ ମଟରଗାଡ଼ି ମଧ୍ୟ ଦେଖାଯାଆନ୍ତି।"

"ଏଇ ଦୁଇ କଥା ମଧ୍ୟରେ ସଂପର୍କ କ'ଣ ?"

"ଅଛି। ରାସ୍ତାରେ ଅଧିକ ଯାନବାହନ ଚଳପ୍ରଚଳ ହେଉଥିବା ଯୋଗୁଁ ଏଠାକୁ ଗାଈମାନଂକୁ ଅଣାଯାଇଛି।"

"ଭାଇ, କ'ଣ କହୁଛ ମୁଁ ମୋଟେ ବୁଝି ପାରୁନାହିଁ।"

"କଥାଟା ଖୁବ୍ ସରଳ। ଗାଈମାନେ ନଥିଲେ ଏଠି ଯାନବାହନର ଗତି ନିୟନ୍ତ୍ରଣ କରିବା ଆଦୌ ସଂଭବ ହୁଅନ୍ତା ନାହିଁ।"

"ତା'ହେଲେ ଟ୍ରାଫିକ୍ ପୁଲିସ୍‌ର ରହିବା କ'ଣ ଦରକାର ?"

ମୁଁ ହସିଦେଲି। ବନ୍ଧୁ ମୋ ମୁହଁକୁ ଅନାଇ ରହିଥାନ୍ତି। ମୁଁ ପୁଣି କହିଲି, "ଟ୍ରାଫିକ୍ ପୁଲିସ୍ ନଥିଲେ ଛକଗୁଡ଼ିକ ସୁନ୍ଦର ଦିଶିବ କିପରି ?"

"ଛକର ସୌନ୍ଦର୍ଯ୍ୟ ବୃଦ୍ଧି କରିବା କ'ଣ ସେମାନଂକର ଏକମାତ୍ର କାମ ?

"ହଁ ଛକରେ ଡ୍ୟୁଟି ଦେଉଥିବା ପର୍ଯ୍ୟନ୍ତ ତାହା ହିଁ ସେମାନଂକର ଏକମାତ୍ର କାମ। ଡ୍ୟୁଟି ଶେଷ ହେଲା ପରେ ତାଂକର ଆହୁରି ଅଲଗା କାମ ସବୁ ଆରଂଭ ହୋଇଯାଏ।"

"ଗାଈମାନେ ରାସ୍ତାକୁ ଆସୁନଥିଲେ ଏ ସହରର ଅବସ୍ଥା କ'ଣ ହୁଅନ୍ତା ?"

"ସେ କଥା ପଚାର ନାହିଁ, ଦେହ ଶୀତେଇ ଉଠୁଛି।"

"ଏଇ ତ ଅକ୍‌ଟୋବର୍ ଶେଷ ହୋଇ ନାହିଁ ଏବେଠୁଁ କାହିଁକି ଏତେ ଶୀତ ?"

"ଏହା ଋତୁ-ଜନିତ ଶୀତ ନୁହେଁ, ଭାବନା-ଜନିତ ଶୀତ। ଗାଈ-ହୀନ ରାସ୍ତାରେ ପ୍ରତିଦିନ କେତେଲୋକ ମଟରଗାଡ଼ି ତଳେ, ଆହା, ଆହା, ଥାଉ।"

"ଆଚ୍ଛା ଗାଈମାନେ କିପରି ମଟରଗାଡ଼ି ତଳେ, ମାନେ... ?"

"ପ୍ରଶ୍ନ ଅସଂପୂର୍ଣ୍ଣ ରହିଲେ ସୁଦ୍ଧା ବେଶ୍ ବୁଝି ହେଉଛି। ଆମର ଏଠି କାହିଁକି, ବୋଧହୁଏ ସବୁଠି ମଟରଚାଳକମାନେ ମଣିଷ ତୁଳନାରେ ଗାଈକୁ ଅଧିକ ଡରନ୍ତି।"

"କାହିଁକି ?"

Digitized by srujanika@gmail.com

"ଉତ୍ତର ସହଜ। ଗୋହତ୍ୟା ମହାପାପ, କିନ୍ତୁ ନରହତ୍ୟା ଏକ ଅପରାଧ।"

"ଠିକ୍ କହିଛ। ଆହୁରି ଅଧିକ ସଂଖ୍ୟାରେ ଗାଈମାନଙ୍କୁ ଭୁବନେଶ୍ୱର ରାସ୍ତାକୁ ଅଣାଯିବା ଆବଶ୍ୟକ।"



Digitized by srujanika@gmail.com

ଗାଈ ଓ ରଚନା

୧। ଖବରକାଗଜ :

ଯେଉଁ କାଗଜରେ ବିଭିନ୍ନ ସ୍ଥାନରେ ଘଟୁଥିବା ଘଟନାର ଲିଖିତ ବିବରଣୀ ଛପା ହୋଇଥାଏ ତାକୁ ଖବରକାଗଜ ବା ସମ୍ବାଦପତ୍ର କହନ୍ତି। ଆଜିକାଲି ପୃଥିବୀର ବିଭିନ୍ନ ଭାଷାରେ ଅନେକ ଖବରକାଗଜ ପ୍ରକାଶିତ ହେଉଛି। ଶିକ୍ଷିତ ଲୋକେ ଅଭ୍ୟାସ କରି ଖବରକାଗଜ ପଢ଼ନ୍ତି ଓ ଦେଶ ବିଦେଶର ଅନେକ କଥା ଜାଣିପାରନ୍ତି। କେତେକ ଲୋକ ଖବରକାଗଜ ପଢ଼ି ସାରି ଫୋପାଡ଼ି ଦିଅନ୍ତି। ବେଳେ ବେଳେ ଏଭଳି ପିଙ୍ଗା ହୋଇଥିବା ଖବର କାଗଜକୁ ଗାଈମାନେ ଖାଦ୍ୟ ମନେ କରି ଖାଆନ୍ତି। ଗାଈ ଏକ ଚତୁଷ୍ପଦ ଗୃହପାଳିତ ପ୍ରାଣୀ.... ଇତ୍ୟାଦି।

୨। ବନ୍ୟା :

ବର୍ଷା ଋତୁରେ ଆମ ପ୍ରଦେଶରେ ନଦୀନାଳରେ ଜଳପତନ ବଢ଼ିଗଲେ ବନ୍ୟା ହୋଇଥାଏ। ବନ୍ୟା ବେଳେ ନଦୀରେ ଅଧିକ ଜଳ ଅଧିକ ବେଗରେ ପ୍ରବାହିତ ହୋଇଥାଏ। ଏହି ପ୍ରବଳ ସ୍ରୋତରେ ଗଛ, ଲତା, ଚାଳ, ଜିନିଷପତ୍ର ଓ ଗାଈମାନେ ଭାସି ଯାଆନ୍ତି। ଗାଈ ଏକ ଗୃହପାଳିତ ପ୍ରାଣୀ। ଏହାର ଚାରୋଟି ଗୋଡ଼, ଦୁଇଟି ଆଖି, ଦୁଇଟି କାନ, ଗୋଟିଏ ଲାଂଜ.... ଇତ୍ୟାଦି।

୩। ବ୍ୟାୟାମ :

ଶରୀର ପାଇଁ ନିୟମିତ ବ୍ୟାୟାମ ଅତ୍ୟନ୍ତ ଜରୁରୀ। ବ୍ୟାୟାମ କଲେ ଶରୀରରେ ଭଲ ଭାବରେ ରକ୍ତ ପ୍ରବାହିତ ହୁଏ ଏବଂ ଖାଇଥିବା ଖାଦ୍ୟ ହଜମ ହୋଇଥାଏ। ଖୋଲା ପଡ଼ିଆରେ ବ୍ୟାୟାମ କଲେ ଶରୀର ସୁସ୍ଥ, ସବଳ, ନିରୋଗ ଏବଂ ମନ ପ୍ରଫୁଲ୍ଲ ରହିଥାଏ। ଖୋଲା ପଡ଼ିଆରେ ବେଳେ ବେଳେ ଗାଈମାନେ ମଧ୍ୟ ଘାସ ଖାଉଥିବାର ଦେଖାଯାଏ। ଗାଈ ଏକ ଗୃହପାଳିତ ପ୍ରାଣୀ। ଏହା ଘାସ ଖାଏ ଏବଂ ଦୁଧ ଦିଏ.... ଇତ୍ୟାଦି।

୪। ଅଣୁଅସ୍ତ୍ର :

ପୃଥିବୀର ବିଭିନ୍ନ ଦେଶ ଅଣୁଅସ୍ତ୍ର ତିଆରି କରିବାରେ ଲାଗିଛନ୍ତି। ଅଳ୍ପ କେତେକ ଦେଶରେ ଅଣୁଅସ୍ତ୍ର ଥିବାରୁ ଅନେକ ଦେଶ ଡରି ଡରି ରହିଛନ୍ତି। ଅଣୁଅସ୍ତ୍ରର ପ୍ରୟୋଗଦ୍ୱାରା ଯେଉଁ ପ୍ରକାର କ୍ଷତି ହୋଇପାରେ, ବାସ୍ତବରେ ତାହା ଅତ୍ୟନ୍ତ ଭୟାବହ। ଆଣବିକ ବୋମା ପଡ଼ିଲେ, ସେହି ଅଂଚଳର

Digitized by srujanika@gmail.com

ଗଛ, ଲତା, ପଶୁ, ପକ୍ଷୀ, ମଣିଷ ଓ ଗାଈମାନଙ୍କର ପ୍ରାଣନାଶ ନିଶ୍ଚୟ ଘଟିବ। ଗାଈକୁ ଭାରତୀୟମାନେ ମାତା ରୂପେ ମାନନ୍ତି। ସେଥିପାଇଁ ଗାଈକୁ ଗୋମାତା ବୋଲି ନାମିତ କରାଯାଇଛି.... ଇତ୍ୟାଦି।

୫। ଗଣତନ୍ତ୍ର :

ଗଣତାନ୍ତ୍ରିକ ପଦ୍ଧତି ମାନି ଯେଉଁ ଦେଶରେ ଶାସନ ହୁଏ, ସେଠି ପ୍ରତ୍ୟେକ ସାବାଳକ ନାଗରିକଙ୍କ ମତ ନେଇ ସରକାର ଗଢ଼ାଯାଏ। ଯେଉଁମାନେ ମତ ଲୋଡ଼ନ୍ତି ସେମାନେ ସାଧାରଣତଃ ବିଭିନ୍ନ ଚିହ୍ନର ସାହାଯ୍ୟ ନିଅନ୍ତି। କେତେକ ଦେଶରେ ହାତୀ, ଘୋଡ଼ା, ବାଘ, ସିଂହ ଇତ୍ୟାଦି ପଶୁଙ୍କର ଚିତ୍ରକୁ ନିର୍ବାଚନ ଚିହ୍ନ ରୂପେ ବ୍ୟବହାର କରାଯାଏ। ଗାଈମାନଂକର ଚିତ୍ର ମଧ୍ୟ ବ୍ୟବହୃତ ହୋଇଥାଏ। ଗାଈ ଏକ ଚାରିଗୋଡ଼ିଆ ପ୍ରାଣୀ। ଏହା ମଣିଷର ବୋଲ ମାନି ମଣିଷ ସାଙ୍ଗରେ ରହେ..... ଇତ୍ୟାଦି।

୬। ଶିକ୍ଷା ଓ ଯୁବ ସମାଜ :

ଶିକ୍ଷା ଓ ଯୁବ ସମାଜ ମଧ୍ୟରେ ଥିବା ସଂପର୍କ ଯେଉଁ ଦେଶରେ ଯେତେ ଦୃଢ଼, ସେହି ଦେଶ ସେତେ ଶୀଘ୍ର ଉନ୍ନତି ପଥରେ ଅଗ୍ରସର ହୋଇଥାଏ। ଦେଶର ଯୁବକମାନଂକୁ ଉଚିତ ଶିକ୍ଷା ଦେବା ପାଇଁ ସରକାରଙ୍କ ତରଫରୁ ବହୁ ଅର୍ଥବ୍ୟୟ ପୂର୍ବକ ବିଭିନ୍ନ ପ୍ରକାର ଉଦ୍ୟମ କରାଯାଇ ଥାଏ। ଯେଉଁ ଛାତ୍ର ଶିକ୍ଷକ ବା ପାଠକୁ ଡରି ଏହି ବ୍ୟବସ୍ଥାର ସୁଫଳ ପାଇବାରୁ ବଂଚିତ ହୁଅନ୍ତି ସେମାନେ ଗାଈ ଚରାନ୍ତି। ଗାଈ ଏଭଳି ଏକ ଗୃହପାଳିତ ପ୍ରାଣୀ ଯିଏ ଜୀବନର ଅଧିକାଂଶ ସମୟ ଗୋଠରେ କିଂବା ଅନ୍ୟ ଲୋକର କ୍ଷେତରେ ବିତାଏ। ଗାଈର ଚମଡ଼ା ମନୁଷ୍ୟର ବିଭିନ୍ନ କାମରେ ଲାଗେ.... ଇତ୍ୟାଦି।



Digitized by srujanika@gmail.com

ଗାଈ ଓ କାଗଜ

"ଏଠି ଆଖ ପାଖରେ ତ କୌଣସିଠାରେ ଗୋଚର ଜମି ଟୁକୁଡ଼ାଏ ଦିଶୁନାହିଁ?" ନିଜର ବଦଳି ବନ୍ଦ କରାଇବା ପାଇଁ ଅନ୍ୟ ସହରରୁ ଆସିଥିବା ବନ୍ଧୁ ପଚାରିଲେ। ମୁଁ କହିଲି, "ଏଠି ଗୋଚର ଜମି ରହିବା ଅନାବଶ୍ୟକ। ଏଠି ଯାହା ଜମି ଅଛି କେବଳ ଘର ତିଆରି ହେବା ପାଇଁ।"

"ତା' ହେଲେ ଏଠି ଗାଈମାନେ ଚରନ୍ତି କେଉଁ ଜାଗାରେ? ଗୋଠ କେଉଁଠି?"

"ଏଠି ଗାଈମାନେ ରାସ୍ତାରେ ଚରନ୍ତି। ଛକ ପାଖରେ ସେମାନଙ୍କର ଗୋଠ"

"ରାସ୍ତାରେ କ'ଣ ଅଛି ଯେ ସେମାନେ ସେଠି ଚରନ୍ତି?"

"ରାସ୍ତାରେ ହିଁ ତ ସବୁ ଅଛି। କାଗଜ, ପ୍ଲାଷ୍ଟିକ୍, କଦଳୀଚୋପା, ଖଣ୍ଡିଆ ବିଡ଼ି, ଛିଣ୍ଡା ଜୋତା, ଦିଆସିଲି ଖୋଳ- ଏ ସବୁ ତ ରାସ୍ତାରେ।"

"ସେ କଥା ସତ ଯେ, ଏ ସବୁ ସହିତ ଗାଈ ମାନଙ୍କର ସଂପର୍କ?"

"ଗାଈ ମାନେ ଏ ସବୁ ଅତି ଆଗ୍ରହରେ ଖାଆନ୍ତି।"

ଅନ୍ୟ ସହରରୁ ଆସିଥିବା ବନ୍ଧୁ ଆଁ ପାଡ଼ି ମୋ ମୁହଁକୁ କେବଳ ଅନେଇ ରହିଲେ। ମୋର କଥା ଉପରେ ତାଙ୍କର ବିଶ୍ୱାସ ଜନ୍ମାଇବାକୁ ମୁଁ ପୂର୍ବୋକ୍ତ ବାକ୍ୟଟି ପୁଣି ଥରେ ଉଚ୍ଚାରଣ କରିଦେଲି, "ହଁ ଆମର ଏଠି ଗାଈମାନେ ଏସବୁ ଅତି ଆଗ୍ରହରେ ଖାଆନ୍ତି।"

ବନ୍ଧୁ ପଚାରିଲେ, "ସେମାନଙ୍କର ପେଟ ଖରାପ ହୁଏ ନାହିଁ?"

"ହୁଏ। ପେଟ ଖରାପ ହେଲେ ସେମାନଙ୍କୁ ରାସ୍ତାରୁ ଘରକୁ ଫେରାଇ ଅଣାଯାଏ ଓ ସଜ ପରିବା ଚୋପା, କୁଣ୍ଡା, ତୋରାଣି ଇତ୍ୟାଦି ଖାଇବାକୁ ଦିଆଯାଇଥାଏ।"

"ଆଚ୍ଛା କଥା, ଏମିତି ଖାଇ, ଏମିତି କିଙ୍ଗ ଗାଈମାନେ ଏଠି କ୍ଷୀର କିପରି ଦିଅନ୍ତି?"

"ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ଘାସରୁ ଯେ କାଗଜ ତିଆରି ହୁଏ, ଏ କଥା ମଣିଷମାନଙ୍କ ଅପେକ୍ଷା ଗାଈମାନେ ଅଧିକ ଜାଣନ୍ତି"

"କ'ଣ କହୁଛ ଭାଇ?"

"ଠିକ୍ କହୁଛି। ସବୁ ଠିକ୍ କହୁଛି।"

"କିନ୍ତୁ ଘାସ ଖାଇଲେ ତ ସେମାନେ ଅଧିକ କ୍ଷୀର ଦିଅନ୍ତେ?"

"ନିଶ୍ଚୟ। ମାତ୍ର କାଗଜ ଖାଇ ସେମାନେ ଯେତିକି କ୍ଷୀର ଦେଉଛନ୍ତି, ସେତିକି ଯଥେଷ୍ଟ। ନଳରୁ ପାଣି ଝରୁଥିବା ପର୍ଯ୍ୟନ୍ତ ଗାଈମାନେ କମ୍ କ୍ଷୀର ଦେଲେ କି ବେଶୀ, ସେ କଥା ଚିନ୍ତା କରିବା ଅନାବଶ୍ୟକ।"

Digitized by srujanika@gmail.com

ଯାନ ଓ ଯାତ୍ରୀ

ପ୍ରତି ସେକେଣ୍ଡକୁ ଏଗାର ହଜାର କି.ମି. ବେଗରେ ଯେଉଁ ଯାନଟି ପୃଥିବୀର ଚତୁର୍ଦ୍ଦିଗ ପରିକ୍ରମା କରୁଥିଲା, ତାହା ଟି.ଭି. ପର୍ଦ୍ଦାରେ ଗୋଟିଏ ଧାତବ ରେଖା ପରି ଦେଖାଯାଉଥିଲା । ବିଶ୍ୱର ବିଭିନ୍ନ ସ୍ଥାନରେ ଅବସ୍ଥିତ ମାନମନ୍ଦିରରେ ଠୁଳହୋଇ ଆମର ଅନ୍ତରୀକ୍ଷ-ବିଜ୍ଞାନୀମାନେ ଅତ୍ୟନ୍ତ ଶକ୍ତିଶାଳୀ ଦୂରବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ଯେତିକି ଦେଖିପାରିଲେ, ତହିଁର କିୟଦଂଶ ମାତ୍ର ଜନସାଧାରଣଙ୍କର କୌତୂହଳ ନିବାରଣ ସକାଶେ ଦୂରଦର୍ଶନ ଜରିଆରେ ସର୍ବତ୍ର ପ୍ରଦର୍ଶନ କରିଥିଲେ । ଏହା ତ ସମସ୍ତେ ଜାଣନ୍ତି । ଖୁବ୍ ଅଳ୍ପ ଲୋକ ଜାଣନ୍ତି ଯେ ଯାହା ସମସ୍ତଙ୍କୁ ଜଣାଇ ଦିଆଯାଏ ତାହା କସ୍ମିନ୍‌କାଳେ ସମ୍ପୂର୍ଣ୍ଣ ତଥ୍ୟ, ସୂଚନା ବା ଜ୍ଞାନ ହୋଇ ନ ପାରେ । ଯାହା ସମସ୍ତଙ୍କର ନୟନ ଓ କର୍ଣ୍ଣ ପ୍ରତି ଅଭିପ୍ରେତ ତାହା କେବଳ ପ୍ରଚାର ହିଁ ହୋଇପାରେ । ତେଣୁ ସ୍ୱଚକ୍ଷୁରେ ଦୂରଦର୍ଶନର ବୈଦ୍ୟୁତିକ 'ଜୀବନ୍ତ ପ୍ରସାରଣ' ଦେଖିଥିଲେ ହେଁ, ଗୋଟିଏ ଜନମତ ଗଣନାକାରୀ ସଂସ୍ଥାର କମ୍ପ୍ୟୁଟର୍-ସମ୍ମତ ମତ ବା ହିସାବ ଅନୁସାରେ, ପୃଥିବୀର ଶତକଡ଼ା ୮୬ ଭାଗ ଗ୍ରାମବାସୀ ଓ ୯୨ ଭାଗ ନଗରବାସୀ, ୭୩ ଭାଗ ପୁରୁଷ ଓ ୮୧ ଭାଗ ନାରୀ, ୬୩ ଭାଗ କୃଷକ ଓ ୭୬ ଭାଗ ଶ୍ରମିକ, ୯୧ ଭାଗ କଳାଲୋକ ଓ ୮୮ ଭାଗ ଗୋରାଲୋକ ବିଶ୍ୱାସ କରୁ ନ ଥିଲେ ଯେ ଯାନଟି କେଉଁ ଏକ ସୁଦୂର ଅଜ୍ଞାତ ଗ୍ରହରୁ ପ୍ରେରିତ ହୋଇଥାଇପାରେ । ଅଧିକାଂଶ ଦର୍ଶକଙ୍କ ବିଶ୍ୱାସ ଅନୁସାରେ ତାହା ସମ୍ଭବତଃ ଟି.ଭି. ପ୍ରତି କ୍ରମବର୍ଦ୍ଧିଷ୍ଣୁ ଜନବିରକ୍ତି ହ୍ରାସକରଣର ଅନ୍ୟତମ ଉପାୟ ମାତ୍ର ଥିଲା । ବସ୍ତୁତଃ ଆଲୋଚ୍ୟ କାଳଖଣ୍ଡରେ ଟି.ଭି. ପ୍ରତି ଜନସାଧାରଣ ପୁନର୍ବାର ଅନୁରକ୍ତ ହୋଇ ପଡ଼ିଥିବା ଲକ୍ଷ୍ୟ କରାଯାଉଥିଲା । ଯେଉଁ ଦ୍ରୁତ ଗତିଶୀଳ ଧାତବ ରେଖାଟିକୁ ନେଇ ଏତେ କୌତୂହଳ ଓ ପରିକଳ୍ପନା, ସେଇଟି ଗତକାଲି ଏଇପାଖ ପଡ଼ିଆରେ ଖସି ପଡ଼ିଛି । ଅତ୍ୟନ୍ତ ସୁନ୍ଦର ଦିଶୁଥିବା ସେଇ ଯାନ ଭିତରେ କିଏଜଣେ ମରିସାରି ପଚୁଛି ଓ ସଢ଼ୁଛି । ସେକେଣ୍ଡକୁ ଏଗାର ହଜାର କି.ମି. ବେଗରେ ଯେଉଁ ଯାନ ଗତି କରିପାରେ, ତାକୁ ତିଆରି କଲାଭଳି ହାତ କିମ୍ବା ମୁଣ୍ଡ, ଏଭଳିକି ଯନ୍ତ୍ର ମଧ୍ୟ ଆମର ଚିହ୍ନା ପୃଥିବୀରେ ନାହିଁ। ଅନ୍ତତଃ ସେ ପ୍ରକାର କୌଣସି ମାନବୀୟ କୃତିତ୍ୱ ଏପର୍ଯ୍ୟନ୍ତ ଘୋଷିତ, ପ୍ରଚାରିତ, ବିଜ୍ଞାପିତ ବା ରଟିତ ହୋଇଥିବାର ଜଣାନାହିଁ। ତେଣୁ ଯାନଟିର ଗତି କାହିଁକି ବ୍ୟାହତ ହେଲା କିମ୍ବା ଏଇ ପାଖପଡ଼ିଆରେ ଥିବା କେଉଁ ଆକର୍ଷଣୀ ଶକ୍ତି ଯୋଗୁଁ ତାହା ଖସିପଡ଼ିଲା ଅଥବା ସକଳ ସନ୍ଦେହ ଓ ଅବିଶ୍ୱାସ ସତ୍ତ୍ୱେ ତାହା ପ୍ରକୃତରେ ଏକ ଅନ୍ୟଗ୍ରହୀ ଯାନ ଓ ଭିତରେ ମରି ସାରି ସଢ଼ୁଥିବା ଚାଳକଟି ଏକ ଅନ୍ୟଗ୍ରହୀ ଜୀବ, ଏ ସବୁ ବିଷୟ କିଛି ଜଣାପଡୁନାହିଁ। କିନ୍ତୁ

Digitized by srujanika@gmail.com

ମୃତ ଶରୀରଟି ସତ୍କାର ପ୍ରତୀକ୍ଷାରେ କେତେବେଳ ଆଉ ସଢ଼ିବ ସେଠି ? ଦୂରବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ଅନ୍ତରୀକ୍ଷଦର୍ଶୀ ଜ୍ୟୋତିର୍ବିଜ୍ଞାନୀଗଣ ଭୂପତିତ ଏହି ଯାନଟି ସମ୍ପର୍କରେ ଉଦାସୀନ। ପଦାର୍ଥବିଜ୍ଞାନୀ, ଜୀବବିଜ୍ଞାନୀ ଓ ରସାୟନଶାସ୍ତ୍ରୀଗଣ ଏ ପ୍ରସଙ୍ଗରେ ଜଡ଼ିତ ହେବାକୁ ଅନିଚ୍ଛୁକ। ରାଜନେତା, ଶିଳ୍ପପତି, ଅଭିନେତା ଓ ଖେଳାଳିମାନେ ଏ ବିଷୟରେ ମୁଣ୍ଡ ଖେଳାଇବାକୁ ଅନାଗ୍ରହୀ। ଏ ସମସ୍ତ ଉଦାସୀନତା, ଅନିଚ୍ଛା ଓ ଅନାଗ୍ରହ ସତ୍ତ୍ୱେ ଏ ପୃଥିବୀର କେହିଜଣେ ତ ଶବସତ୍କାର କରିବା କଥା। ସେଭଳି କେହିଜଣେ ଅଛି କି ଆମର ଏହି ପୃଥିବୀରେ ? ଯାନ ଅଚଳ। ଯାତ୍ରୀ ମୃତ।

ପୃଥିବୀ ବାହାରର ଯାନ। ପୃଥିବୀ ବାହାରର ଯାତ୍ରୀ। କାହିଁକି ଆସିଥିଲା ଏ ପୃଥିବୀକୁ ? ଆମଭଳି ଅନ୍ୟ ସମସ୍ତେ କଅଣ ନିଜନିଜ ଗ୍ରହ ଛାଡ଼ି ମହାକାଶରେ ଉଡ଼ି ବୁଲୁଛନ୍ତି ? ଯାନଟିକୁ ଯଦି ଟେକି ନିଆଯାଏ ସ୍ଥାନୀୟ ସଂଗ୍ରହାଳୟକୁ ?

ଯାତ୍ରୀ ଓ ଯାନ ଉଭୟ ସ୍ଥିର। କେମିତି ଖବର ପଠାଇବା ତାଙ୍କ ଗ୍ରହକୁ ? ଗୋଟିଏ ଗାଁର ଭାଷା ଅନ୍ୟ ଗାଁରେ ନିରର୍ଥକ, ଏଇ ଗ୍ରହର ଭାଷା ଅନ୍ୟ ଗ୍ରହବାସୀ ବୁଝିପାରିବେ ତ ? ଏ ଯାତ୍ରୀର ଧର୍ମ କଅଣ ? ଏହାକୁ ପୋଡ଼ାଯିବ, ପୋତାଯିବ ନା ସେମିତି ଛାଡ଼ି ଦିଆଯିବ ନା ନଈରେ ଭସାଇ ଦିଆଯିବ ?

ପ୍ରଶ୍ନମୟ ହୋଇ ଉଠିଲା ପରିବେଶ। ଉତ୍ତର ସନ୍ଧାନରେ ଦଳେ ଲୋକ ଗଲେ ରାଜଧାନୀ, ଆଉ ଦଳେ ଗଲେ ଦେବାଳୟ, ଆଉ ଦଳେ ଗଲେ ଗ୍ରନ୍ଥାଳୟ, ଆଉ ଦଳେ ଗଲେ .... ସେମାନଙ୍କ ଫେରିବା ବାଟକୁ ଅନାଇ ରହିଥାନ୍ତି ଲୋକେ। ଠିକ୍ ସେତିକିବେଳେ ନିଦରୁ ଉଠିଲା ପରି ଯାନ ଭିତରର ଯାତ୍ରୀ ଚେଇଁଉଠିଲା ଓ ଯାନକୁ ଚଳାଇ ନେଇଗଲା ମହାଶୂନ୍ୟକୁ। ଅନେକ ଲୋକ ଅନେକ କଥା କହିଲେ। ମୁଁ କହିଲି- ଠିକ୍ କଲା। ପ୍ରଶ୍ନର ଉତ୍ତର ଦେବାରେ, ସମସ୍ୟାର ସମାଧାନ କରିବାରେ ଯେଉଁମାନଙ୍କର ଏତେ ବିଳମ୍ବ, ସେମାନଙ୍କ ପାଖରେ ସେ ଆଉ କାହିଁକି ବେଶି ବେଳ ଅଟକି ରହିଥାନ୍ତା ?

Digitized by srujanika@gmail.com

ନିଦ ଓ ଆଖି

କି ଏକ ଅଚିହ୍ନା ନିଶା ବୋହିଯାଏ ଶିରା ଧମନୀରେ। ନିତାନ୍ତ ହାଲୁକା ମନେ ହେଉ ଭାବିଯାଏଁ ଧୂଆଁଳିଆ ପୃଥିବୀର ବଳୟ ଭିତରେ ମେଘ ଏବଂ ତାରା ଟପି ଆକାଶ ସୀମାନ୍ତେ ନୁଅନ୍ତି ମୁଁ ଆରଣ୍ୟକ ଫୁଲଟିଏ। ସବୁ କିନ୍ତୁ ଝରିଯାଏ ହଜିଲା ମନରେ।

ଆଖି ତଳେ ନିଦ ହଜେ। ଜ୍ୟୋତ୍ସ୍ନାର ତରଂଗ। ମୁଁ ନିଜେ ନିଜକୁ ପିଏ। ଟେଙ୍ଗଟେଙ୍ଗ ସ୍ୱପ୍ନ ବୁଣେ। ସ୍ୱପ୍ନ ମାଳମାଳ। ବହୁତ ଦୂରରୁ ଶୁଭେ ଆକାଶ ଓ ସମୁଦ୍ରର ଗୀତ।

ଭାରବାହୀ ଜାହାଜର ଗତି ଏବଂ ସ୍ଥିତି ନୀଳ ବନ୍ଦରରେ କେହି ବୁଝିପାରେ ନାହିଁ। ଝଡ଼ରେ ଶୃଙ୍ଖଳା କାହିଁ? ତୋଫାନରେ ନାହିଁ ନିୟନ୍ତ୍ରଣ।

ଭାବନାର ଅନେକ ଅଦୃଶ୍ୟ ବୃତ୍ତ ଆଙ୍କିସାରି କ୍ଲାନ୍ତ ହୋଇ ଉପସ୍ଥିତ ପ୍ରସଂଗକୁ ହେୟଜ୍ଞାନ କରି ମୁଁ ଆହୁରି ମନେ ପକାଇଲି, କେହି ଜଣେ ଅନ୍ତରୀକ୍ଷ ଯାତ୍ରୀ ଯାତ୍ରାରମ୍ଭ ହେଲାବେଳେ ଖୋଜୁଥିଲେ ମୂଳବୀଜ ଯାହା ହେବ ନୂତନ ଗ୍ରହର ପ୍ରଥମ ଫସଲ।

ନିଜକୁ ପଚାରି ପ୍ରଶ୍ନ ଯେତେବେଳେ ଉତ୍ତର ମିଳେନା ମୁଁ ରହେଁ ନୀରବସ୍ଥିର। ମାତ୍ର ତାହାପରେ ପୁରୁଣା ପ୍ରଶ୍ନର ବନ୍ଧୁ ଘଷରା ଉତ୍ତର କୁଢ଼େଇ ହୁଅନ୍ତି। ମହା ଏକ ପରୀକ୍ଷାରେ ବସିବାର ପ୍ରସ୍ତୁତି ହିଁ ହରିନିଏ ବଳ।

ନକ୍ଷତ୍ରର ନିର୍ବାପନ ଅପ୍ରତିରୋଧ୍ୟ। ସୂର୍ଯ୍ୟ ଯଦି ବୁଡ଼ିଯାଏ, ଚନ୍ଦ୍ର ଯଦି ନଇଁଯାଏ, ତଥାପି ବି ଆକାଶର ବ୍ୟାପ୍ତି ଟିକେ ସଂକୁଚିତ ହୁଏନାହିଁ। ଘୂରୁ ଘୂରୁ ମହାଘୂର୍ଣ୍ଣନରେ ପରସ୍ପର ଦେଖିବା ଓ ଚାହିଁବା ହିଁ ଏକମାତ୍ର ନାକ୍ଷତ୍ରିକ କାର୍ଯ୍ୟ।

ସାମାନ୍ୟ ଟେବୁଲ୍ ଘଣ୍ଟାର ଟିକ୍‌ଟିକ୍ ଶବ୍ଦ ଯେ ମୋ କାନପାଇଁ ଏତେ ଅସହ୍ୟ ହୋଇପଡ଼ିବ, ଏହା ମୁଁ ଶୋଇବାକୁ ଯିବା ପୂର୍ବରୁ ଅନୁମାନ ସୁଦ୍ଧା କରିପାରି ନଥିଲି। ଗୋଟିଏ କାନକୁ ତକିଆ ଉପରେ ଚାପିଦେଇ ଅନ୍ୟଟିକୁ ପାପୁଲି ଦ୍ୱାରା ଘୋଡ଼ାଇଦେଲି। ଧ୍ୱନିର ତୀବ୍ରତା କମିଗଲା ସିନା, ଶୁଭିଲା। ବାରଂବାର ମନେ ପକାଇଦେଲା ଯେ, ତାହା ଅଛି।

ମୁଁ ମନେ ମନେ ଏଭଳି ଏକ ଉପାୟ ପାଂଚିଲି ଯାହାଦ୍ୱାରା ନିର୍ଦ୍ଧାରିତ ସମୟ ପୂର୍ବରୁ ଘଡ଼ିଟିକୁ ବନ୍ଦ କରି ଦେଇହେବ। ସେଭଳି କୌଣସି ଉପାୟ ଜୁଟିଲା ନାହିଁ।

Digitized by srujanika@gmail.com

ଶେଷ ସୁଦ୍ଧା ଘଡ଼ିଟିକୁ ନେଇ ପାଇଖାନାରେ ଛାଡ଼ିଦେଇ ଆସିଲି। ତା'ପରେ ନିଶବ୍ଦ ଲାଗିଲା। ନିଦ ଟିକିଏ ପାଇବା ପାଇଁ ଆଜିକାଲି ମୁଁ ଖୁବ୍ ହଇରାଣ ହେଉଛି। ସମୟ ଥିଲା, ଯେତେବେଳେ କାନ ପାଖରେ, ଢୋଲ ମହୁରି ବାଜିଲେ ବି ମୁଁ ବେଧଡ଼କ୍ ଘୁଙ୍ଘୁଡ଼ି ମାରି ଶୋଇ ପାରୁଥିଲି ଏବେ ତାହା ମୋର ସ୍ମୃତିର ବିଷୟ ହୋଇ ପଡ଼ିଛି।

ଟେବୁଲ୍ ଘଣ୍ଟାର ଅନୁପସ୍ଥିତିରେ, ଶୋଇବାକୁ ଚେଷ୍ଟା କଲାବେଳେ ମୋର ମନେ ପଡ଼ିଲା ଯେ, ତାକୁ ନେଇ ପାଇଖାନରେ ରଖିଦେବା ମୋଟାମୋଟି ଅନାବଶ୍ୟକ ଥିଲା। ମୋଟା ଚାଦରଟିଏ ଘୋଡ଼ାଇ ଦେଇଥିଲେ ଟେବୁଲ ଘଣ୍ଟାର ଟିକ୍‌ଟିକ୍ ଶବ୍ଦ ହୁଏତ ଆଉ ପଦାକୁ ମୁକୁଳି ପାରି ନ ଥାନ୍ତା। ଯାହା କରିନାହିଁ ଓ ଯାହା କରିପାରିଥାନ୍ତି, ଏ ଦୁଇଟି ସଂଭାବନା ଭିତରେ ସମନ୍ଧ ସନ୍ଧାନ କରୁକରୁ ବିତିଗଲା ଆହୁରି କିଛି ବେଳ। ଶ୍ରୁତିର ପ୍ରଣାଳୀରୁ ଅତୀତ ଓ ବର୍ତ୍ତମାନର ଶବ୍ଦସବୁ ପୋଛିନେଇ ମୁଁ ଖୁବ୍ ଧୀରରେ ଡାକିଲି, 'ଆ ନିଦ ଆ, ଆ ନିଦ ଆ।'

ନିଦ ଆସିଗଲା। ଏମିତି ବହୁ ବର୍ଷ ହେଲା ବହୁ କଷ୍ଟରେ ନିଦ ଆସି ଯାଉଛି।



Digitized by srujanika@gmail.com

ଦୁଃଖ ଓ ଡେଣା

ଶରୀରକୁ ଯନ୍ତ୍ରଟିଏ ପରି ସାଧିଦେଲେ ଅନେକ ଗୁଡ଼ିଏ ଛୋଟ ଛୋଟ ସମସ୍ୟାଠାରୁ ଦୂରରେ ରହିହୁଏ। ଛୋଟ ଛୋଟ ସମସ୍ୟାମାନଙ୍କଠାରୁ ଦୂରରେ ରହିହୁଏ ବୋଲି ଅନ୍ୟାନ୍ୟ କାର୍ଯ୍ୟ କରିହୁଏ।

ଅନ୍ୟାନ୍ୟ କାର୍ଯ୍ୟ ମଧ୍ୟରେ ବାରଂବାର ଗୋଟିଏ କାର୍ଯ୍ୟ ତାଲିକାଭୁକ୍ତ ହୋଇପଡ଼େ। ସେ କାର୍ଯ୍ୟଟି ହେଲା : ଦୁଃଖୋତ୍ପାଦନ।

ଅଫିସରୁ ଫେରି, ହାତ ଗୋଡ଼ ମୁହଁ ଧୋଇ ପାଇଜାମା ପଞ୍ଜାବି ପିନ୍ଧି, ବଗିଚା ଆଡ଼କୁ ମୁହଁ କରି, ସାମ୍ନା ପଡ଼ିଆର ଶେଷ ମୁଣ୍ଡରେ ଥିବା ଲମ୍ବା ଡାକ୍ତରଖାନା କୋଠାର ଆର ପାଖରେ ଦିନେ ଦିନେ ସୂର୍ଯ୍ୟାସ୍ତ ଦେଖିଲେ ଖୁବ୍ ଦୁଃଖ ଲାଗେ। ଅନ୍ୟ କୌଣସି କାମ ନ ଥିଲାବେଳେ କିଛି କିଛି ଭାବି ହୋଇଯାଏ। ଭାବିଲା ମାତ୍ରକେ ଦୁଃଖ ଲାଗେ।

ଚାକରାଣୀ ଟୋକୀ ଆଣି ଥୋଇଦେଇଥିବା କଫି ମଗ୍‌ଟି ଉଠେଇ ଓଠରେ ଛୁଆଁଇଲେ ଖୁବ୍ ଥଣ୍ଡାଲାଗେ। ଦୁଃଖର ଉତ୍ପାଦନ ହାର ବଢ଼ିଯାଏ। ମସ୍ତିଷ୍କ ଅଭ୍ୟନ୍ତରର ଦୁଃଖୋତ୍ପାଦନ କେନ୍ଦ୍ରରେ ଫୁଲଝରି ଜଳିଉଠେ। ଉଲ୍ଲାସ ଟିକେ ଆସିବ ଆସିବ ହୋଇ ଅଟକିଯାଇଥାଏ ବହୁତ ଦୂରରେ। ମନ ପହଞ୍ଚି ପାରେନା।

ଏ ମାଟି, ଏ ବଗିଚା ଛାଡ଼ି କାହିଁ କେତେ ଉପରକୁ ଉଡ଼ିଗଲେ ବେଶ୍ ଆରାମ୍ ଲାଗନ୍ତା ପରା! କାନ୍ଧକୁ ଲାଗି ହାତ ଦୁଇଟା ଓହଳି ରହିଥାନ୍ତି, ହଟି ଯାଆନ୍ତି ନାହିଁ ଯୋଡ଼ା ଯୋଡ଼ା ପର, ସୁନ୍ଦର ସୁନ୍ଦର ମଜବୁତ ଡେଣା ସଜ୍ଜିତ ହୋଇଥାଏ ମୁଖ୍ୟ ବଜାରର ବିଶିଷ୍ଟ ଦୋକାନ ଗୁଡ଼ିକରେ। କାଚ କାନ୍ଥ ନିକଟରେ ଠିଆହୋଇ ଡେଣା ହଲେ କିଣିବାର ନ କିଣିବାର ଦ୍ୱନ୍ଦ୍ୱର ସମାଧାନ ପୂର୍ବରୁ ହିଁ ତଳକୁ ଖସିଆସେ ରୋଲିଂ ସଟର୍।

କାହାକୁ କହିନାହିଁ ମୁଁ ଏଯାଏଁ। ହେଲେ ମନେମନେ ବହୁବାର ଯୋଜନା କରି ସାରିଛି ଯେ, ରାତିଟିଏ ବାଛିବି। ସେଇ ରାତିପାଇଁ ବଜାର ବାରଣ୍ଡାରୁ ସାଥୀଟିଏ ବାଛିବି। ଦୁହେଁ ମିଶି ରୋଲିଂ ସଟର୍ ଫିଟାଇ ଦୋକାନ ଭିତରେ ପଶିବୁ। ଦୁଇହଳ ଡେଣା ଚୋରିକରିବୁ।

ଓ ଏ ମାଟି, ଏ ବଗିଚା ଛାଡ଼ି କାହିଁ କେତେ ଉପରକୁ ଉଡ଼ିଯିବୁ।

ସବା ଉପରେ କ'ଣ ଅଛି ମୁଁ ଜାଣିନାହିଁ ମାତ୍ର ସେଇ ଉପରେ ଆହୁରି ଉପରକୁ ଉଡ଼ିଯିବା ପାଇଁ ନୂଆ ହଳେ ଡେଣା ଯଦି ନ ମିଳେ......ମୁଁ ଲେଉଟି ଆସିବି।

Digitized by srujanika@gmail.com

ତେଣୁ ପରିବର୍ତ୍ତେ ଦୁଃଖ ଉତ୍ପାଦନ କରିବି। କୌଣସି ସ୍ୱପ୍ନ ବା କାମନା ଉଡ଼ି ପାରିବେ ନାହିଁ। ମୋ ଭିତରେ ସବୁ ପଚିବେ ଶଢ଼ିବେ।



Digitized by srujanika@gmail.com

ସ୍ମୃତି ଓ ସଂଭାବନା

ଓଦା ମାଟିରେ ମଲା ମଲ୍ଲୀର ଅସଂଖ୍ୟ ପାଖୁଡ଼ା। ତାଳରୁ ତାଳକୁ ବୁଢ଼ିଆଣୀର ସୂତା। ଶକ୍ତି ଆଉ ଶବ୍ଦର ଯାତାୟାତ ପଥ। ଖୁବ୍ ଦୂରରୁ ଲହରେଇ ଆସେ ହସ। ଧଳା ମୁଖା ପିନ୍ଧି କେହି ଜଣେ ନାଚୁଥାଏ। ନାଚୁଥାଏ। ଗଣି ଗଣି ପଦପାତ। ମାପି ମାପି ଦୂରତ୍ୱ।

''ନିଆଁ ଲାଗିଛି
ନିଆଁ ଲାଗିଛି
ମଲ୍ଲୀଫୁଲର ପାଖୁଡ଼ା-ଉପରେ ନିଆଁ ଲାଗିଛି।''

-ଏଭଳି ଚିତ୍କାରଟିଏ ଆସି ପ୍ରବଳ ଧକ୍କାରେ ପ୍ରାଚୀର ଭାଂଗିଦିଏ। ତଥାପି ବନ୍ଦୀଶାଳାର ଅନ୍ତେବାସୀଗଣଙ୍କର ନିଦ ଭାଂଗେ ନାହିଁ। ମୁର୍ଦାର କୋଠିର ଧାଡ଼ିଧାଡ଼ି ମଲା ଦେହ ପରି ବନ୍ଦୀଗଣ ପଡ଼ିରହିଥାନ୍ତି ନିଜନିଜର ପରିସର ଭିତରେ। ବହୁ ଅପେକ୍ଷିତ ସକାଳଟିଏ ସଦ୍ୟ ଉଇଁଥାଏ।

''ନିଆଁ ଲାଗିଛି
ନିଆଁ ଲାଗିଛି
ମଲ୍ଲୀ ଫୁଲର ପାଖୁଡ଼ା-ଉପରେ ନିଆଁ ଲାଗିଛି।''

-ଏଭଳି ସମ୍ବାଦଟିଏ ପରସ୍ପର ମଧ୍ୟରେ ବିନିମୟ କରିସାରି ପ୍ରାଣୀ ଓ ପକ୍ଷୀଗଣ ନିଜନିଜର ନୀଡ଼ ଓ ଗୁହାରେ ଧ୍ୟାନସ୍ଥ ହୋଇ ପଡ଼ନ୍ତି। ଆଖି ଉପରେ ପତା ଘୋଡ଼ାଇ ସୂର୍ଯ୍ୟର ଉପସ୍ଥିତିକୁ ଅସ୍ୱୀକାର କରି ଜଗତ୍‌ରେ ବ୍ୟାପ୍ତ ରାତିଟିରେ ପୁନର୍ଜୀବନ ସଂଚାର ଉଦ୍ଦେଶ୍ୟରେ ପ୍ରାର୍ଥନା କରନ୍ତି।

ମାଟି ଉପରେ, ପାଣି ଉପରେ ମେଘ ଅଡାଡ଼ିଦିଏ ଛାଇଛାଇକା ଅନ୍ଧକାର। ସେଇ ଅନ୍ଧକାର ଓ ନିର୍ଜନତାକୁ ଗତିଶ ତୀକ୍ଷ୍ଣତା ଦ୍ୱାରା ହାଣିଦେଇ ଦ୍ରୁତ ନୃତ୍ୟର ସଶକ୍ତ ତାଳ କଚାଡ଼ି କଚାଡ଼ି ଦୃଶ୍ୟ ଭୂମିକୁ ଦଖଲ କରିନିଏ ଧଳାମୁଖା ପିନ୍ଧିଥିବା କେହିଜଣେ। ତରଙ୍ଗ ଛୁଇଁ ଯାଉଥାଏ ସ୍ତମ୍ଭତଳ। ସ୍ତମ୍ଭର ଶୀର୍ଷରେ ଖଚିତ ଫଳକର ପୂର୍ବାଙ୍କିତ ତୀର ଚିହ୍ନ ତଳେ ଧଳା ହାତମୋଜା ପିନ୍ଧିଥିବା ହାତଟିଏ ଲେଖିଦିଏ ମାତ୍ରାଭୂଷିତ ତାରୋଟି ଅକ୍ଷର: 'ଚୋ ରା ବା ଲି'। ବହୁତ ରାତିରେ ବିଲୁଆ ମାନଂକର ବୃନ୍ଦଗାନ ଉପରେ କଳହୋତ୍ପାଦକ କୌଣସି ମନ୍ତବ୍ୟ ଦେବା ଅପେକ୍ଷା ବକଧ୍ୟାନ କରୁକରୁ ଡମି ପାଲଟି ଯିବାକୁ ସବୁ ଦିଗରୁ ନିରାପଦ ମନେକରି ଧଳାଲୁଗା ପିନ୍ଧିଥିବା ଶରୀରଟି ନିଶ୍ଚଳ ହୋଇଗଲା। ଏ ପ୍ରକାର ନିଶ୍ଚଳତାରେ ଆକ୍ରାନ୍ତ ହୋଇ ବହୁବେଳ ହେଲା ରାତ୍ରିର ଆଗମନୋତ୍ତର ସସ୍ୱର ପ୍ରଚାରରେ ସ୍ୱୟଂନିଯୁକ୍ତ ଥିବା ଝିଙ୍କାରି,

Digitized by srujanika@gmail.com

ବେଂଗ ଓ ବିଲୁଆମାନେ କ୍ଳାନ୍ତି ଅନୁଭବ କଲେ। ଦୃଶ୍ୟଭୂମି ଉପରେ ବହୁଆକାଂକ୍ଷିତ ନୀରବତା ନେସି ହୋଇ ଯିବାର ଦେଖି ଧଳା ଦିହଟିରେ ପୁନର୍ବାର ଗତିସଂଚାର ହେଲା। ନିଶବ୍ଦ ପଦପାତରେ ଖଇରିଆ ନରମ ମାଟିରେ ଘନଘନ ସ୍ବରଚ୍ୟୁତି ଘଟାଇ ତାହା ସଂଯତ ବନର ସଦାସ୍ରୋତ ଜଳୀୟ ଶୀତଳତା ଆଡ଼କୁ ବଢ଼ିଲା। ନାଳ ଟପିଲେ ଘର। ସଦ୍ୟଧୌତ ପାଦ ଦୁଇଟିକୁ ପୋଛିଦେବା ସକାଶେ ଅଙ୍ଗବସ୍ତ୍ର ଫିଟାଇବାକୁ ପଡ଼ିଲା। ସଂପୂର୍ଣ୍ଣ ଉଲଗ୍ନ ହୋଇ ପଡ଼ିବାରୁ ତାକୁ ନିଜପାଖକୁ ଫେରିଆସିଥିବା ଭଳି ଲାଗିଲା। ଅନ୍ଧାର ଭିତରେ ଆଖି ବୁଜି ଶୋଇବାକୁ ଚେଷ୍ଟା କଲାବେଳେ ମଶାଟିଏ ଆସି ପଚାରିଲା- ଖୁବ୍ କ୍ଳାନ୍ତ ଦିଶୁଛ ଯେ।

ଅନେକ ଥର 'ଯା ଯା ଯା' କହିବା ସତ୍ତ୍ୱେ ମଶାଟି ବାରଂବାର ନିଜର ପରିଧି ବଦଳାଇ ଅଖଣ୍ଡ ଅସ୍ୱୀକାର ଉଚ୍ଚାରଣ କଲା, 'ନା ନା ନା'। ଏହାପରେ ଜଗତ୍‌ର ବାର୍ତ୍ତା ଦାବି କରୁକରୁ ସେ ଭଲମନ୍ଦ, ଲାଭକ୍ଷତି, କର୍ମକ୍ଳାନ୍ତି, ଜ୍ଞାନଭ୍ରାନ୍ତି, ସତମିଛ, ଦେଣାପାଉଣା ଇତ୍ୟାଦି ଗଣନାରେ ମୁଖରହୋଇପଡ଼ିଲା। 'ଏକ ଦୁଇ, ଏକ ଦୁଇ' କହିକହି ସେ ନିଜର ଉଡ଼ନ୍ତା ଗତିରେ ଆଙ୍କିଦେଲା ବୃତ୍ତମାଳ ଅସରନ୍ତି ଦୀର୍ଘ। ଗୋଲକକୁ ଘେରିଦେଲା ବୃତ୍ତ ମାଳଟିଏ। ତାହା ହିଁ ସ୍ୱୀକାର୍ଯ୍ୟ ସୀମା ଉଭୟ ପାର୍ଶ୍ୱର। ଏଭଳି ଅବସ୍ଥାଟିଏ ପ୍ରତିଷ୍ଠିତ ହେବାପରେ ସରା ହେଲା ଦ୍ୱିଖଣ୍ଡିତ। ଏକଦେ଼ ଉଜାଗର ନିଦ ଆଉ ସେକଦେ଼ ଚୈତନ୍ୟ। ତା' କାନକୁ ଛୁଇଁ ମନେକରି ମଶାଟି ବସିଲା ଏବଂ ପଚାରିଲା- "ଆଜି ଏତେ ଡେରି କିଆଁ?

ମେଲା ହାତ ମେଲା ଛାତି

ଗଲୋ ବୁଝିଲି ମୁଁ ପାଦଦେଇ ପ୍ରାନ୍ତର ବେଦିରେ ତୁମେ ବୋଧେ କାହା ସଂଗେ ଗପିଗପି ପାଉ ମାରୁଥିଲ। ତା'ପରେ ଫେରିଲାବେଳେ ଭୁଲ ବାଟ ବତାଇ ସଭିଙ୍କି ନିଜେ ମଧ୍ୟ ବଣା ହୋଇଗଲ। ବରଂ ଆସି ଠିକ୍ ସମୟରେ ଏଠି ଟିକେ ଗଡ଼ିପଡ଼ିଥିଲେ ମୁଁ ତୁମକୁ ଦେଇଥାନ୍ତି ଗୀତ ଛଳେ କି ଏକ ଦୁଷ୍ପ୍ରାପ୍ୟ ନିଦ୍ରା, ତାହା ତୁମେ କୁଆଡୁ ବୁଝିବ? ତୁମେ ତ ଜାଣିଛ ଖାଲି ସମୁଦ୍ରରେ ଢେଉର ଗଣନା। ଜମ୍ମାରୁ ତ ଜାଣିନାହଁ କେତେ କ୍ଷୁବ୍‌ଧ ହୋଇପାରେ ପ୍ରତାପୀ ଜୁଆର?

ସୁଦ୍ଧିର ସୈକତେ ବସିଥିବା ସାଗରଦର୍ଶୀର ପ୍ରତ୍ୟେକ ଲୋମରେ ଢେଉଗଣା ବିବରଣୀ। ଢେଉ ପରେ ଢେଉ ପରେ ବିଚିତ୍ର ବର୍ଣ୍ଣାଳୀ ପରେ ଆଲୋକିତ ଛୋଟ ବୃତ୍ତ ପରେ ଉଜ୍ଜ୍ୱଳ ରଂଗର ମାଳମାଳ ଫୁଲ। ତରଂଗରେ ରଂଗ ଢାଳି ପ୍ରତିଫଳନରେ ନୂଆଁ ଏକ ସକାଳରେ ଜ୍ୟାମିତିକ କୋଣ ଆଙ୍କି ସୂର୍ଯ୍ୟର ଦେହରୁ ନିକ୍ଷିପ୍ତ ଅନେକ ତୀର ବିଦ୍ଧ କରେ ମାଟି ଆଉ ପାଣିର ଜଗତ୍।

Digitized by srujanika@gmail.com

ହର୍ଷ ଓ ବିଷାଦ

ସେତେବେଳେ ସ୍ଥିତି ଅସ୍ଥିତି କିଛି ନଥିଲା । ନା ପୃଥିବୀ, ନା ଆକାଶ, ନା ଆକାଶଲଂଘୀ କୌଣସି ପରିସର । କୌଣସିଠି କିଛି ନାହିଁ ନା ସମ୍ପର୍କ, ନା ସଂପୃକ୍ତି । କୌଣସି ଭୟାବହ ଜଳଜ ଗଭୀରତା ନଥିଲା ସେତେବେଳେ । ମୃତ୍ୟୁ ନାହିଁ କି ଅମରତ୍ୱ ନାହିଁ, ରାତି ନାହିଁ କି ଦିନ ନାହିଁ ।

ନିଜ ମଧ୍ୟରେ ପାଳିତ ପ୍ରକୃତି ବ୍ୟତୀତ ଅନ୍ଧକାରର ଭେଦଶୂନ୍ୟ ମଣ୍ଡଳରେ ସେ ଶାନ୍ତ ଓ ଏକାକୀ । ଦୀର୍ଘ ବେଳବ୍ୟାପୀ ଧ୍ୟାନଶକ୍ତିର ଜାଗରଣ ପରେ ସେ ବୁଝିଗଲେ, ତାହା ହିଁ ଜୀବ, ତାହା ହିଁ ମୂଳ ଓ ତାହା ହିଁ ସୂତ୍ର । ସେଇ ବିନ୍ଦୁ ହିଁ ଆରମ୍ଭ ଏକ ବ୍ୟୋମବିସ୍ତାରୀ ଯାତ୍ରାର । ସଦ୍ୟ ଫୁଟିଥିବା ସକାଳଟିଏ ଆକାଶରେ ଟେହଟାଇ ଦେଇଥାଏ ଅପୂର୍ବ କେତୋଟି ରଂଗ ଓ ଆଲୋକର ରେଖା । ଭେଳା ଭାଂଗିଯାଏ । ପ୍ରାଣୀମାନେ ଏକାକୀ ଅନ୍ୱେଷଣରେ ଦିଗ୍‌ବିଦିଗ ଛୁଟି ଯାଆନ୍ତି । ଗତିଚଞ୍ଚଳ ଓ ଧ୍ୱନିମୁଖର ହୋଇପଡ଼େ ସଂସାର । ଶୃଙ୍ଗ ହୋଇପଡ଼େ ମେଘର ପ୍ରତିଦ୍ୱନ୍ଦ୍ୱୀ । ତରଳିଯାଏ ଚୂଡ଼ା ଓ ଶିଖର ।

ତାହାହିଁ ସୂତ୍ରବୋଲି ବିଦିତ ହୋଇଗଲା ପରେ ଆବିଷ୍କାରର ଉତ୍କଣ୍ଠାରେ ଚଂଚଳ ହୋଇପଡ଼ିଲେ ପ୍ରାଣୀଗଣ । ନିଜର ଛାୟାକୁ ହିଁ ଶ୍ରେଷ୍ଠ ବନ୍ଧୁରୂପେ ଗ୍ରହଣ କରିନେଲା ପରେ ଜୀବନକୁ ଆହୁରି ଟିକିଏ ଗତି ମିଳିଗଲା । ଉପରୁ, ତଳୁ ନା ମଝିରୁ କେଉଁଠାରୁ ଅନ୍ଧାର ଭିତରେ ଫୁଟିଉଠିଲା ଅଗଣିତ ରଶ୍ମିରେଖା, ଆଦୌ ଜଣାପଡ଼ିଲା ନାହିଁ । ସେହି ଜାତ-କ୍ଷମ ଶକ୍ତିର ବିନିଯୋଗରେ ପ୍ରତିଷ୍ଠିତ ହୋଇଥିଲା ବସ୍ତୁ ଓ ଚେତନାର ସଂସାର । ଲତା, ଉପଲତା, ଅନୁଲତା, ପ୍ରତିଲତାଦିର ନିୟମିତ ପୁଷ୍ପଦାନ ଗ୍ରହଣ କରେ ଦରବରିଆ ଜଳଧାରଟିଏ । ବନଭୂମି ମହକୁଥାଏ । ମସ୍ତିଷ ଭିତରର ଶିରା, ଉପଶିରା, ପ୍ରଶିରାଦି ଭିତରେ ଚହଲି ଯାଉଥାଏ ରକ୍ତର ନଈଟିଏ ।

ତାଙ୍କରି ସତ୍ତାରୁ ମୁକୁଳି ଆସିଲା ପ୍ରକୃତି । ସେ ମୁଗ୍ଧ । ତାଙ୍କରିଠାରୁ ବିକିରିତ ଶକ୍ତିର ଶୃଙ୍ଖଳାରେ ବାନ୍ଧି ହୋଇଗଲା ସଂସାର । ସେ ସ୍ତବ୍ଧ ।

ସ୍ତବ୍ଧତା ଭଙ୍ଗହେବା ପର୍ଯ୍ୟନ୍ତ ସେ ଏକାକୀ ଓ ନିଃସଙ୍ଗ ରହିଲେ । ବସ୍ତୁତଃ ତାଙ୍କରି ସନ୍ତାନଗଣ ସ୍ୱୟଂସଂଭୂତ ବୋଲି ସର୍ବତ୍ର ବିଶ୍ୱାସ ଜନ୍ମାଇବାକୁ ଚେଷ୍ଟାଶୀଳ ରହି ତାଂକୁ ପାଶୋରିଦେଲେ । ଖୁବ୍ ଅସହାୟ ଲାଗିବାରୁ ସେ ଛାଡ଼ିଦେଲେ ଏକ ଦୀର୍ଘଶ୍ୱାସ । ଶୂନ୍ୟରେ ଦୋହଲିଗଲେ ପୁଂଜେ ତାରା । ଶଂକିତ ହୋଇ ପଡ଼ିଥିଲେ ଅନ୍ୟ ତାରାଗଣ । ବଦଳି ଯାଇଥିଲା ଅସଂଖ୍ୟ ଗତିପଥ । ବଦଳି ଯାଇଥିଲା ମୁଦ୍ରା, ଗତି, ପ୍ରକୃତି ।

Digitized by srujanika@gmail.com

ସ୍ତବ୍ଧତା ଭାଂଗିବା ପରେ ପରେ ସେ ନିଷ୍ପଲକ ଅନେଇ ରହିଲେ ।

ଏତେ ବଦଳିଗଲା ଏ ମଧ୍ୟରେ ? ନିଦରୁ ଉଠିଲା ପରେ ଅପରିଚିତ ଧକାନର ସାମ୍ନାସାମ୍ନି ହେଲାପରି ଲାଗିଲା ।

ଐଶ୍ୱର୍ଯ୍ୟ-ଲୁଣ୍ଠନର ଦୀର୍ଘମିଆଦି କାର୍ଯ୍ୟକ୍ରମରେ ବ୍ୟାପୃତ ପ୍ରାଣୀଗଣ ପ୍ରକୃତିକୁ ମୃତ ମନେକରି ଭକ୍ଷଣ କରୁଛନ୍ତି । ବସ୍ତୁଭୋଗ ଲାଳସାରେ ଚେତନା ଶୃଙ୍ଖଳିତ । ପକ୍ଷୀମାନେ ବାରଂବାର ଫେରି ଆସୁଛନ୍ତି ନୀଡ଼କୁ । ତଟରୁ ବାର୍ତ୍ତା ନେଇ ତରଂଗ ଫେରିଯାଉଛି ସମୁଦ୍ରର ଛାତି ପାଖକୁ ।

ସ୍ତବ୍ଧତା ଭାଂଗିଲାପରେ ସେ ଦେଖିଲେ ସୁକୁମାର ଚେତନାଟିଏ ବସ୍ତୁଭୋଗରେ ଏତେ ଲିପ୍ତ, ଯେ ତାକୁ ତନ୍ଦ୍ରୀରୁ ନିବୃତ୍ତ କରାଇବାର ସାଧ୍ୟ ତାଂକର ମଧ୍ୟ ନଥିଲା । ସେ ବିମର୍ଷ ଦେଖାଗଲେ ।



Digitized by srujanika@gmail.com

ମଦ ଓ ମାଇକିନା

ତିନିମାସ ପୂର୍ବେ ଲୋକଟି ଡାକ୍ତରଖାନାରେ ମରିଯିବା ପରେ ତା'ର ବନ୍ଧୁ ଓ ସମ୍ପର୍କୀୟମାନେ ସପ୍ତାହେ ପର୍ଯ୍ୟନ୍ତ ଆଧୁନିକ ଚିକିତ୍ସା ପ୍ରଣାଳୀର ତ୍ରୁଟିପୂର୍ଣ୍ଣତା ଓ ଚିକିତ୍ସକ ଓ ସେବିକାମାନଙ୍କର ଅବହେଳା ସମ୍ପର୍କରେ ଚର୍ଚ୍ଚା କରିଥିଲେ। କେହି କହି ନ ଥିଲେ ଯେ ଲୋକଟିର ନିଜ ପ୍ରତି ସାମାନ୍ୟତମ ଶ୍ରଦ୍ଧାଭାବ ନ ଥିବା ଯୋଗୁଁ ସେ ଅତ୍ୟଧିକ ପରିମାଣରେ ମଦ ପିଉଥିଲା ଓ ସେଥିଯୋଗୁଁ ତାର ଯକୃତରେ ଘା ହୋଇଯାଇଥିଲା ଓ ସେଇ ଘା ଥିବା ସତ୍ତ୍ୱେ ସେ ଡାକ୍ତରଖାନାର ମେହେନ୍ତରକୁ ଲାଞ୍ଚ ଦେଇ ମଦ ମଗାଉଥିଲା ଓ ଲୁଚିଲୁଚି ତାହା ଚୋଟି ଭିତରେ ଅଜାଡ଼ି ଦେଲାବେଳେ ନିଜକୁ ଚାଲାକ ବୋଲି ଭାବୁଥିଲା ଓ ନିଜ ସହ ପ୍ରତାରଣା କରି ସେ ଜୀବନର ଦୈର୍ଘ୍ୟ ବଢ଼ାଇବାକୁ ଚାହୁଁଥିଲା ଓ ଯାହା ଜାଣୁଥିଲା ତାହା ମାନୁ ନ ଥିଲା ଓ ଏତେ ହତାଦର ସହି ଜିଇଁରହିବା ଅପେକ୍ଷା ତାର ଶରୀର ମରିଯିବାକୁ ପସନ୍ଦ କଲା।

ଲୋକଟିର ସ୍ତ୍ରୀ ହଠାତ୍ ବିଚଳିତ ହୋଇପଡ଼ିଥିଲେ ହେଁ ତତ୍‌କ୍ଷଣାତ୍ ନିଜକୁ ସମ୍ଭାଳିନେଇ ଏମିତି ଏକ ଦୀର୍ଘନିଶ୍ୱାସ ଛାଡ଼ିଥିଲା, ଯେମିତି କି ତା'ର ଭିତରେ ଅଟକି ରହି ଅଭ୍ୟାସ ହୋଇଯାଇଥିବା ଏକ ସମସ୍ୟାର ସମାଧାନ ହୋଇଗଲା। ରୋଜ ରାତି ବାରଟା ପରେ ଘରକୁ ବୁହା ହୋଇ ଆସୁଥିବା ଏକ ମଦ୍ୟପକୁ ସ୍ୱାମୀ ବୋଲି ସ୍ୱୀକାର କଲେ ସୁଦ୍ଧା ସେ ଆଦୌ ଗ୍ରହଣ କରିପାରୁ ନ ଥିଲା। ତେଣୁ ସେ ବାରଂବାର ନିଭୃତରେ ଭାବୁଥିଲା, ଲୋକଟା ମରିଯାଆନ୍ତା କି! ଲୋକଟିକୁ ନିଜେ ହତ୍ୟାକରିବା ଭଳି ସାହସ କିମ୍ବା ପାପ ସଞ୍ଚୟ କରିପାରୁ ନ ଥିବା ଯୋଗୁଁ ସେ ଲୋକଟି ପାଟିରେ କିଛି ଖାଦ୍ୟ ଦେଉଥିଲା, ପୁଣି ତା'ର ବାନ୍ତି ପୋଛୁଥିଲା ଓ ସାଙ୍ଗରେ ଶୋଉଥିଲା। ଅନେକ ବର୍ଷ ପୂର୍ବରୁ ସେ ପ୍ରଶ୍ନ ପଚାରିବାର ଅଧିକାର ସ୍ୱେଚ୍ଛାରେ ତ୍ୟାଗ କରି ସାରିଥିଲା। ଯାହା ରାନ୍ଧିଥାଏ ସ୍ୱାମୀ ଆଗରେ ବାଢ଼ିଦିଏ, ସେ ନିଜେ ଖାଇ ନ ପାରିଲେ, ତାକୁ ଖୁଆଇଦିଏ, ଆଞ୍ଚୋଇଦିଏ, ଲୁଗାପଟା, ଜୋତାମୋଜା ଖୋଲିଦିଏ, ଶୋଇବା ଘରର ଆଲୁଅ ଲିଭେଇ ଦେଇ ସ୍ୱାଟିଏ ହେବାକୁ ଚେଷ୍ଟାକରେ। ସ୍ୱାମୀ ବଞ୍ଚିଥିବା ପର୍ଯ୍ୟନ୍ତ ସେ କେବେ ପରାଜୟ ସ୍ୱୀକାର କରି ନ ଥିଲା। କିନ୍ତୁ ଲୋକଟି ମରିଯିବା ପରେ ସେ ବାରଂବାର ନିଜକୁ ଧିକ୍କାର କରିଥିଲା। ଛି କେମିତି ମାଇକିନିଆଟେ ମୁଁ

Digitized by srujanika@gmail.com

ଯେ, ଲୋକଟାକୁ ମଦ ଛଡ଼େଇ ପାରିଲିନାହିଁ, ଛି କେମିତି ଏତେ କଥା ସହିଗଲି ? ମୂଳରୁ ମୁଁ ଆଦୌ ସହି ନ ଥିଲେ....

ସେ ନିଜକୁ ସୁଦ୍ଧା ଆଉ କୌଣସି ପ୍ରଶ୍ନ ପଚାରି ପାରେନାହିଁ। 'ଏମିତି ହୋଇଥିଲେ ବୋଧହୁଏ ସେମିତି ହୋଇଥାନ୍ତା' ଏଇ ଭଳି କଥାରେ ସେ ଘାରି ହେଉଥାଏ।



Digitized by srujanika@gmail.com

ଅଂଧୁଣୀ ବୁଢ଼ୀର ଶୋଷ

ଅଠେଇଶ ଅଗଷ୍ଟ ୧୯୭୫ ରାତିରେ ଦେଖିଥିବା ଏକ ସ୍ୱପ୍ନାଂଶ:

ଅନଭିଜ୍ଞ ହାତଅଙ୍କା ଭାରତବର୍ଷର ମାନଚିତ୍ର ଭଳି ଟହଲୁ ଥିବା ଖଣ୍ଡେ ମଇଳା କପା ରଙ୍ଗର ମେଘଖଣ୍ଡ ଉପରେ ସୁପର୍ ଇମ୍ପୋଜ୍ ହୋଇଥାଏ ଗୋଟିଏ ବୁଢ଼ୀର ମୁହଁ। ବଡ଼ କୁତ୍ସିତ ଓ ଭୟାବହ। ଲୋଳିତ ଚର୍ମ। ବଡ଼ବଡ଼ ଆଳୁକୁ ଶିଝାଇ ଓ ଚୋପା ଛଡ଼ାଇ ତହିଁର ଧଳାଅଂଶ ଉପରେ କଳା ଚିକ୍କଣ ଶିମ୍ବମଞ୍ଜି ଲଗାଇଦେଲେ ଯେମିତି ଦେଖାଯିବ, ସେମିତି ଯୋଡ଼େ ଆଖି। ଘୁଁ ଘୁଁ ନାକଟିଏ। ବଡ଼ବଡ଼ ଦାନ୍ତ। ନ ହସିଲେ ଓ ନ କହିଲେ ସୁଦ୍ଧା ଦେଖାଯାଉଥାଏ। ଲମ୍ବା କଖାରୁ ଆକାରର ମୁଣ୍ଡ ଉପରେ ଗୋଛେ ତମ୍ବା ତାର ପରି କେଶ।

ସେ ଆକାଶରୁ ମାଟିକୁ ଓହ୍ଲାଇ ଆସିଲା। ଏକା ଝାମ୍ପରେ ତା'ର ହାତ ଲମ୍ବାଇ ଲମ୍ବାଲମ୍ବା ଧାରୁଆ ନଖ ଦ୍ୱାରା ମୋତେ ରାମ୍ପୁଡ଼ି ଦେବାକୁ କ୍ଷେପି ଆସିଲା। ଯେମିତି ଗୋଟେ ରାକ୍ଷସୀ କି ଡାଆଣୀ। ଅଦ୍ଭୁତ ହସ ହସି ମୋତେ ତାଚ୍ଛଲ୍ୟ କରି କହିଲା-ହଃ ଦେଖ, ଲେଖକ ହୋଇଛି ଲେଖକ। ରହ ମୁଁ ତୋତେ ମଜା ଚଖାଉଛି।

ମଜା ଚାଖିବାର ବେଳ କେତେ ନିକଟ କେତେ ପାଖ ଜଣା ନ ପଡ଼ିବାରୁ ମୁଁ ଡରିଗଲି। ସତରେ ଡରିଗଲି।

ଉର୍ଦ୍ଧ୍ୱବାହୁ ହୋଇ କହିଲି-ଏଃ, ଏଃ ମୋତେ ଏମିତି ଡରାଇଲେ, ମୋର ହୃଦୟ ବୋଇଲେ ପ୍ରକୃତରେ ଗୋଟେ ଠେକୁଆର କଳିଜା, ଏମିତି ଡରାଇଲେ ମୁଁ ନରଭସ୍ ହୋଇ ମରିଯିବି।

ବୁଢ଼ୀର ହସ ଥମିଗଲା। ସେ ମୋତେ ପ୍ରଶ୍ନ ପଚାରିବା ଭଳି ନୁହେଁ, ଆଦେଶ ଦେବା ଭଙ୍ଗୀରେ ପଚାରିଲା- ମୋ କଥା ଶୁଣିବୁ ?

- ହଁ।
- ମାନିବୁ ?
- ନିଶ୍ଚୟ।
- ମୋତେ ଖୁବ୍ ଶୋଷ।
- ତ ପାଣି ପିଉ ନାହାଁନ୍ତି ?
- ମୂର୍ଖ। ମୋ ସାଂଗରେ ଥଟ୍ଟା ଲଗେଇଛୁ। ଜାଣିଛୁ ନା ମୁଁ ଚାହିଁଲେ କଣ କରିପାରେ ?

Digitized by srujanika@gmail.com

ମୁଁ ଶରୀର ଭିତରେ ପ୍ରାଣ ଅଟକାଇ ନିରବ ରହିଲି। ସେ ହସିଲା ଓ କହିଲା,- ଆରେ ଓଲୁ, ପାଣି କାହିଁ? ପିଇବା କଥା ଛାଡ଼, ଏଠି ତ ବୁଡ଼ିବାଯୋଗ୍ୟ ପାଣି ସୁଦ୍ଧା ନାହିଁ। ସବୁଆଡ଼େ ଖାଲି ନର୍ଦ୍ଦମା। ଛି।

ପ୍ରଥମେ ନାସିକା କୁଞ୍ଚନ। ବୁଢ଼ୀ ଏକ ଦୁର୍ଗନ୍ଧର କଳ୍ପନା କରି ତାର ରେଶମୀ ଶାଢ଼ିର କାନିରେ ନାକ ଚାପିଦେଲା। ତା'ପରେ ଉନାସିକ ମୁଖ ମୁଦ୍ରା। ବୁଢ଼ୀ ଚିନ୍ତିତ ଦିଶିଲା। ଡାହାଣ ହାତର କାଣୀଆଙ୍ଗୁଠିଟିକୁ ଓଠରେ ଛୁଆଁଇଦେଲା।

ମୁଁ ପଚାରିଲି;- ତା ହେଲେ ଦୁଧ?

ସେ ମାତ୍ର ଗୋଟିଏ ତ୍ୱରିତ ବାକ୍ୟରେ ମୋର ପ୍ରସ୍ତାବକୁ ନାକଚ କରିଦେଲା,-ଦୁଧରେ ସେଇ ନର୍ଦ୍ଦମା ମିଶିଛି।

ମୁଁ ତାକୁ ଚା, ସରବତ୍, କଫି, ବିଅର୍, ତାଡ଼ି, କୁସ୍ନା, ମଦ, ପଣା, ପଇଡ଼ପାଣି, ଚହ୍ଲା ସବୁ ଯାଚିଲି। ସେ ସବୁଥିରେ ଖୁଣ ଖୋଜିଲା।

ମୋର ହଠାତ୍ ମନେହେଲା, ଆରେ ଏ ସବୁ ତ ମଣିଷ ପିଅନ୍ତି। ଏ ବୁଢ଼ୀଟିର ଡାଆଣୀଶୋଷ ମେଣ୍ଟାଇବା ଲାଗି ରକ୍ତ, ହୁଏତ ରକ୍ତ ଲୋଡ଼ା। ମୁଁ କହିଲି,-ତା ହେଲେ ରକ୍ତ ହେଲେ ଚଳିବ?

ବୁଢ଼ୀ କହିଲା,-ଆରେ ଗବା, ଏଦେଶର ସବୁ ମଣିଷଙ୍କର ରକ୍ତ ଥଣ୍ଡା। ବହୁ ବର୍ଷ ହେଲା ଶୀତଳ ହୋଇ ରହିଛି। ଏମାନେ ତ ମଣିଷ ନୁହନ୍ତି। ଏମାନେ ଶୀତଳ ଭଣ୍ଡାରର ମାଛ। ମୁଣ୍ଡ ନଣ୍ଡା ହେଲେ ଗଲା, ରକ୍ତ ଥଣ୍ଡା ହେଲେ ଗଲା।

ମୁଁ ଆଉ କଣ ଦେଇ ତାର ଶୋଷ ମେଣ୍ଟା ଯାଇପାରେ ସ୍ଥିର କରିପାରିଲି ନାହିଁ। ତେଣୁ ପଚାରିଲି,-ଶୋଷ କଣ ଚାହୁଁଛି?

ବୁଢ଼ୀ ମାଗିଲା,-ଦେ ତୋ କଲମରୁ କାଳିତକ ଅଜାଡ଼ି ଦେ। ସେଇଥିରେ ମୋର ଶୋଷ ମେଣ୍ଟିବ। କାଳେ।

ବୁଢ଼ୀ ଆଁ କରି ପାଟି ମେଲେଇଦେଲା। ମୁଁ କଲମ ପିଟାଇବାର ବାହାନା କରି ତା ଆଖିରେ କଲମମୁନ ଗେଞ୍ଜିଦେଲି। ଆଜିକାଲି ସେ ଅନ୍ଧୁଣୀ ହୋଇଯାଇଛି। 'ଶୋଷ ଶୋଷ' ରଡ଼ୁଛି।

କିନ୍ତୁ ମୁଁ ତାକୁ ମୋ କଲମର କାଳି ମୋଟେ ଦେବିନାହିଁ। ଦେଇଦେଲେ ଲେଖିବି କିପରି?

Digitized by srujanika@gmail.com

ଷ୍ଟ୍ରାଇକ୍

ସକାଳୁ ନିଦ ଭାଙ୍ଗିବାପରେ ଗୃହସ୍ଥ ଯେଉଁ କ୍ରମରେ କାର୍ଯ୍ୟାରମ୍ଭ କରନ୍ତି ତାହା ଏହିପରି: ସେ ଖାଇବା ଟେବୁଲ ଉପରେ ଚାରୋଟି ଦାନ୍ତଘଷା ବ୍ରସ୍ ଧାଡ଼ିକରି ଥୋଇଦିଅନ୍ତି, ପ୍ରତ୍ୟେକ ବ୍ରସ୍‌ରେ ଟିକିଏ କୋଲଗେଟ୍ ପେଷ୍ଟ ଲଗାଇ ଦିଅନ୍ତି, ରେଡିଓର ସ୍ୱିଚ୍ ଅନ୍ କରି ଦିଅନ୍ତି, ଗୋଟିଏ ବ୍ରସ୍ ଧରି ବେସିନ୍ ଉପରର ଦର୍ପଣ ସାମ୍ନାରେ ଠିଆହୋଇ ଦାନ୍ତ ଘଷନ୍ତି। ଏହାପରେ ସେ ଫିଲଟରରୁ ଗ୍ଲାସେ ପାଣି ପିଅନ୍ତି ଓ ସାମ୍ନା କବାଟ ଫିଟାଇ ଗେଟ୍ ପର୍ଯ୍ୟନ୍ତ ଯାଆନ୍ତି। ଗେଟ୍ ପାଖରେ ଦୁଇଖଣ୍ଡ ଖବରକାଗଜ ପଡ଼ିଥାଏ। ସେ କାଗଜ ଦୁଇଟିକୁ ଧରି ବାରଣ୍ଡାକୁ ଆସନ୍ତି। ସେଠି ଠିଆଠିଆ ଇଂଲିଶ୍ ପେପରର ହେଡ୍‌ଲାଇନ୍ ଓ ଓଡ଼ିଆ କାଗଜର ଅଗ୍ରଲେଖାଗୁଡ଼ିକୁ ପଢ଼ି ନିଅନ୍ତି। ତା'ପରେ ସେ ବୈଠକଖାନାକୁ ଯାଇ ସୋଫାରେ ଆଉଜି ବସି ଭିତର ପୃଷ୍ଠାମାନଙ୍କର ଶୀର୍ଷକଗୁଡ଼ିକ ପଢ଼ନ୍ତି। ଏହା ଚାଲିଥିଲା ବେଳେ ଦୁଇକପ୍ ଚା' ଧରି ଗୃହିଣୀ ସେଠାରେ ପହଞ୍ଚିବା କଥା, କିନ୍ତୁ ଯେଉଁ ଦିନର କାହାଣୀ ଏବେ ରଚିତ ହେଉଛି, ସେଦିନ ଗୃହିଣୀ ସେଠାରେ ହାଜର ନ ହେବାରୁ, ଗୃହସ୍ଥ ପରବର୍ତ୍ତୀ କାର୍ଯ୍ୟ ସବୁ କିପରି ହେବ ତାହା ସ୍ଥିର କରିପାରିଲେ ନାହିଁ। ସେ ଆହୁରି କିଛି ସମୟ ଖବରକାଗଜ ପଢ଼ିଲେ। ତଥାପି ପରବର୍ତ୍ତୀ କାର୍ଯ୍ୟ ଅର୍ଥାତ୍ ପାଇଖାନାକୁ ଯିବା ଭଳି ଅବସ୍ଥାରେ ସେ ପହଞ୍ଚିପାରିଲେ ନାହିଁ। ତେଣୁ ସେ କାଗଜ ଛାଡ଼ିଦେଇ ପୁଣି ଖାଇବା ଟେବୁଲ୍ ପାଖରେ ପହଞ୍ଚିଲେ। ସେଠି ଦାନ୍ତ ଘଷିସାରି ଗୃହିଣୀ ଚଉକିରେ ବସିଥାନ୍ତି ଓ ଦୁଇପୁଅ ଅଗଣାରେ ବୁଲିବୁଲି ଦାନ୍ତ ଘଷୁଥାନ୍ତି।

ଗୃହସ୍ଥ ପଚାରିଲେ,- ଚା'?

ଗୃହିଣୀ କହିଲେ,-ହୋଇପାରିବ ନାହିଁ।

- ଚିନି ନାହିଁ?
- ଅଛି।
- କ୍ଷୀର ଛିଡ଼ି ଯାଇଛି ?
- ନା।
- ଚା' ସରିଯାଇଛି ?
- ନା।
- ଗ୍ୟାସ୍ ଖତମ୍ ?
- ନା।
- ସବୁ ତ ଅଛି ?
- ହଁ।

Digitized by srujanika@gmail.com

- ତା ହେଲେ ଚା' ?
- ହୋଇପାରିବ ନାହିଁ।
- କାହିଁକି ?
- ଏ ସକାଳୁ ସକାଳୁ ଏମିତି ପାଟିକର ନାହିଁ।
- ମୁଁ ପାଟି କରୁନାହିଁ, ଖାଲି ପଚାରୁଛି କାହିଁକି ଚା' ହୋଇପାରିବ ନାହିଁ?
- ସେଇ ତ ମୁସ୍କିଲ୍।
- ମାନେ ?
- ମାନେ ତୁମେ ମୋତେ ଚା' ବଦଳରେ କୈଫିୟତ୍ ମାଗି ସାରିଲଣି।
- ଯେମିତି ତୁମର ଢଙ୍ଗ।

ଗୃହିଣୀ ଠିଆହେଲେ। ଜୁଡ଼ା ପିଟାଇ ବାଳ ଝାଡ଼ିଦେଲେ ଓ କହିଲେ,-ତୁମେ ଯାହା ମନ କହ, ହେଲେ ଆଜି ଚା' ହୋଇପାରିବ ନାହିଁ।

ଗୃହସ୍ଥ ତାଙ୍କର ବଡ଼ପୁଅକୁ ଡାକିଲେ,-ଶୁଣିଲୁ ବଡ଼ା।

ପାଟିରେ ଟୁଥ୍‌ପେଷ୍ଟ ଫେଣ ଭର୍ତ୍ତି ହୋଇଥାଏ, ବଡ଼ପୁଅ ଅଗଣାରୁ ପଚାରିଲା,-କ'ଣ ହେଲାକି ବାପା ?

ଗୃହସ୍ଥ ପଚାରିଲେ,-ଏ ମା କାହିଁକି ମନା କରୁଛି କିରେ ?

ବଡ଼ପୁଅ କହିଲା,-ସେ ଷ୍ଟ୍ରାଇକ୍ କରୁଛି।
- ଷ୍ଟ୍ରାଇକ୍ ?
- ହଁ।
- ଷ୍ଟ୍ରାଇକ୍ କାହିଁକି ?
- କାହିଁକି ଗୋଟେ କ'ଣ ? ସମସ୍ତେ କରୁଛନ୍ତି, ସେ ବି ଆଜି କରୁଛି।

ଗୃହସ୍ଥ ନିରବ ରହିଲେ।



Digitized by srujanika@gmail.com

ଓଡ଼ିଶା ପାଇଁ ଅତ୍ୟନ୍ତ ଆବଶ୍ୟକ ଅନ୍ତତଃ ଏଭଳି ଏକ

* ରାଜଧାନୀ: ଯେଉଁଠି ସବୁ ଜିଲ୍ଲାର ଲୋକଙ୍କ ମୁହଁ ଦିଶୁଥିବ ଓ ସ୍ୱର ଶୁଭୁଥିବ।
* ବିଶ୍ୱବିଦ୍ୟାଳୟ: ଯେଉଁଠି କେବଳ ପରୀକ୍ଷା, ପରୀକ୍ଷା, ପରୀକ୍ଷା, ପରୀକ୍ଷା ହେଉ ନଥିବ।
* ସମୃଦ୍ଧ ପାଠାଗାର: ଯେଉଁଟା ଦିନରାତି ଚବିଶ ଘଣ୍ଟା ପାଠକମାନଙ୍କ ପାଇଁ ଖୋଲା ରହୁଥିବ।
* ଚିକିତ୍ସାଳୟ: ଯେଉଁଠି ରଞ୍ଜନରଶ୍ମି ଓ ଅନ୍ୟାନ୍ୟ ଯନ୍ତ୍ରପାତି କାର୍ଯ୍ୟରତ ଅବସ୍ଥାରେ ଥିବ।
* ବସ୍‌ଷ୍ଟାଣ୍ଡ: ଯାହା କସ୍ମିନ୍‌କାଳେ ଗୋଟିଏ ମିନିବଜାର ପରି ଦିଶୁନଥିବ।
* ଥାନା: ଯେଉଁଠି କାର୍ଯ୍ୟରତ ବିଭିନ୍ନ ପଦବୀ ସମ୍ପନ୍ନ କର୍ମଚାରୀମାନେ ଦୋ-ଅକ୍ଷରୀ ଶବ୍ଦ ତୁଣ୍ଡରେ ଧରୁ ନଥିବେ।
* କାରଖାନା: ଯେଉଁଠାରେ ଶ୍ରମିକ ଓ ଯନ୍ତ୍ର ମଧ୍ୟରେ ଯଥେଷ୍ଟ ପାର୍ଥକ୍ୟ ଥିବ
* କାର୍ଯ୍ୟାଳୟ: ଯେଉଁଠାକୁ ଗୋଟିଏ କାମ ପାଇଁ କେହି ତିନିରୁ ଅଧିକା ଥର ଯାଉ ନଥିବେ।
* ମ୍ୟୁନିସିପାଲିଟି: ଯାହାର କ୍ଷେତ୍ରସୀମା ମଧ୍ୟରେ ଥିବା ପ୍ରତ୍ୟେକ ବତୀଖୁଣ୍ଟ ପ୍ରତି ରାତିରେ ଆଲୋକ ଦେଉଥିବ।
* ପତ୍ରିକା: ଯେଉଁଠାରେ ସମ୍ପାଦକଙ୍କର ନାମ ପ୍ରତି ସଂଖ୍ୟାରେ କେବଳ ଥରେ ମୁଦ୍ରିତ ହେଉଥିବ।
* ହାଟ: ଯେଉଁଠାକୁ ଗାଈ, ବଳଦ ଓ ଷଣ୍ଢମାନେ ଆଦୌ ଆସୁ ନଥିବେ।
* କଲେଜ୍: ଯେଉଁଠି ସନ୍ଧ୍ୟାବେଳେ ବସି ବୁଢ଼ାମାନେ ଗପ କରୁନଥିବେ।
* ସିନେମାହଲ୍: ଯେଉଁଠି ପଙ୍ଖା ବା ଶୀତତାପ-ନିୟନ୍ତ୍ରକ ଯନ୍ତ୍ର ପ୍ରତିଥର ସିନେମା ପ୍ରଦର୍ଶନ ଶେଷ ହେବା ପର୍ଯ୍ୟନ୍ତ ଚାଲୁଥିବ।
* ମହିଳା ମହାବିଦ୍ୟାଳୟ: ଯାହା ସାମ୍ନାରେ ବିଜୁଳିଆ ଯୁବକମାନେ ଗଛ ପରି ଠିଆହେଉ ନଥିବେ।

Digitized by srujanika@gmail.com

* ରେଡିଓ ଷ୍ଟେସନ: ଯେଉଁଠାରୁ କଷ୍ମିନ୍‌କାଳେ 'ନୀରବତା' ପ୍ରଚାରିତ ହେଉ ନଥିବ।
* ଚା'ଦୋକାନ: ଯେଉଁଠି ପ୍ରତ୍ୟେକ ଅଇଁଠା କପ୍ ଓ ଗ୍ଲାସ ନୂଆ ପାଣିରେ ଧୂଆ ହେଉଥିବ।
* ମନ୍ଦିର: ଯେଉଁଠି ଦେବ ବିଗ୍ରହ ଆଡ଼କୁ ଭକ୍ତଗଣ ପଇସା ଫୋପାଡୁ ନଥିବେ।
* ଡାକଘର: ଯେଉଁଠାରେ ପ୍ରତିଦିନ ପୋଷ୍ଟକାର୍ଡ଼, ଇନ୍‌ଲାଣ୍ଡ, ଡାକଟିକେଟ ଇତ୍ୟାଦି କିଣିବାକୁ ମିଳୁଥିବ।
* ଲଣ୍ଡ୍ରି ବା ସିଲେଇ ଦୋକାନ: ଯେଉଁଠାରୁ ନିର୍ଦ୍ଧାରିତ ଦିନ ଲୁଗାପଟା ମିଳିଯାଉଥିବ।
* ପ୍ରକାଶନ ସଂସ୍ଥା: ଯେଉଁଠାରେ ନିୟମିତି ବେତନ ପ୍ରାପ୍ତ 'ପ୍ରୁଫ୍ ରିଡର୍' ନିଯୁକ୍ତି ପାଉଥିବେ।
* ଟେଲିଫୋନ୍ ଏକ୍ସଚେଞ୍ଜ: ଯେଉଁଠାରୁ ମାଗଣାରେ ଫୋନ୍ କରି ହେଉନଥିବ।
* ଜଙ୍ଗଲ: ଯେଉଁଠାରୁ ଗଛମାନେ ଟ୍ରକ ଚଢ଼ି ପଳାଇ ଯାଉ ନଥିବେ।
* ଲୁଗାଦୋକାନ: ଯେଉଁଠାରେ ଦୁର୍ଗାପୂଜାବେଳେ ରିହାତି ଘୋଷଣା କରାଯାଉ ନଥିବ।
* ପୋଲ: ଯେଉଁଟା କୌଣସି ମନ୍ତ୍ରୀଙ୍କ ଦ୍ଵାରା ଉଦ୍‌ଘାଟିତ ହୋଇ ନଥିବ।
* କ୍ଲବ୍: ଯେଉଁଠାରେ ତାସ୍ ଖେଳ ହେଉ ନଥିବ।
* ଧର୍ମଶାଳା: ଯେଉଁଠାରେ ଛାରପୋକ ଓ ମଶାମାନଙ୍କ ପାଇଁ ସ୍ଥାନ ନଥିବ।
* ବସ୍: ଯେଉଠି ପ୍ରତ୍ୟେକ ଯାତ୍ରୀ ବସିବାକୁ ଜାଗା ପାଉଥିବେ ଓ କାହାକୁ ଠିଆହୋଇ ଯିବାକୁ ପଡୁ ନଥିବ।
* କାରାଗାର: ଯେଉଁଠାରେ ବନ୍ଦୀମାନଙ୍କର ବ୍ୟବହାର ପାଇଁ ଉଦ୍ଦିଷ୍ଟ ସାମଗ୍ରୀ ରକ୍ଷୀମାନେ ନିଜ ପାଇଁ ରଖି ନେଉ ନଥିବେ।
* ସୁଲଭ ଶୌଚାଳୟ: ଯାହାର ଦୁଆର ମୁହଁରେ କେବେ ହେଲେ 'ପାଣିନାହିଁ' ଫଳକ ଝୁଲୁ ନଥିବ।
* ପାହାଡ଼: ଯାହା ଉପରେ ମନ୍ଦିରଟିଏ ଗଢ଼ାହୋଇ ବା ହେଉ ନଥିବ।
* ରାଜପ୍ରାସାଦ: ଯାହାକୁ ଭଡ଼ାରେ ଲଗାଯାଇ ନଥିବ।
* ବଗିଚା ବା ତୋଟା: ଯେଉଁଠାରୁ ଫୁଲ, ଫଳ ଚୋରି ହେଉ ନଥିବ।
* ଅନାଥାଳୟ: ଯେଉଁଠାରୁ ପିଲାଙ୍କୁ ଭିକ ମାଗିବା ପାଇଁ ବାହାରକୁ ପଠା ଯାଉନଥିବ।
* ଜଳ ପ୍ରପାତ: ଯେଉଁଠାକୁ କେହି 'ପିକ୍‌ନିକ୍' ପାଇଁ ଯାଉ ନଥିବେ।
* ପୁସ୍ତକ: ଯେଉଁଠାରେ ଏଭଳି ଲେଖା ସଂପୂର୍ଣ୍ଣ ରୂପେ ପ୍ରକାଶ କରାଯାଉଥିବ।

Digitized by srujanika@gmail.com

ଯେ କେହି ସଚିବ ତତ୍କ୍ଷଣାତ୍ ଉତ୍ତର ଦେବେ କି ?

୧. ବଡ଼ ସହରରେ, ନିଜର ଖଣ୍ଡେ ଘର ତୋଳି ତାକୁ ଭଡ଼ାରେ ଲଗାଇଛ କି ?

୨. କୌଣସି ଜଣେ ଅଭାଗାକୁ ପ୍ରଥମେ ଭୃତ୍ୟ ରୂପେ ଖଟାଇ, ପରେ ତାକୁ ପିଅନ୍ ରୂପେ ନିଯୁକ୍ତ କରିଛ କି ?

୩. ତୁମର ପୁଅ ଝିଅମାନେ ଯାହାଦ୍ୱାରା ବୁହାହୋଇ ସ୍କୁଲକୁ ଯାଆନ୍ତି ତାହା ତୁମର ନା ଅନ୍ୟ କାହାର ?

୪. ତୁମର ଲନ୍‌ର ଘାସ କ'ଣ କେବଳ ପାଣିପିଇ ବଂଚେ ? ନା ତହିଁରେ କାହାର ଲହୁ ଓ ଝାଳ ବି ପଡ଼େ ?

୫. ତୁମର କାର୍ଯ୍ୟ ଦ୍ୱାରା ସର୍ବାପେକ୍ଷା ଅଧିକ ଲାଭବାନ୍ ହେଉଥିବା ବ୍ୟକ୍ତିଟି ତୁମ ବ୍ୟତୀତ ଅନ୍ୟ କେହି ହୋଇଥିଲେ ଜଣାଇବ କି ?

୬. କିଛି ବି କିଣିବା ପାଇଁ ଅଥବା ପାଇବା ପାଇଁ ତୁମେ କେବେ ବି କୌଣସି ଧାଡ଼ିରେ ଠିଆ ହୋଇଛ କି ?

୭. କେତେ ଜଣ ବନ୍ଧୁଙ୍କର ସଂପୂର୍ଣ୍ଣ ବର୍ତ୍ତମାନ ଠିକଣା ତୁମର ମନରେ (ଡାଏରିରେ ନୁହେଁ) ଅଛି ?

୮. ତୁମର ଟେଲିଫୋନ ଘଣ୍ଟାକୁ ହାରାହାରି କେତେ ଥର ପଡ଼େ ଉଠେ ତହିଁର ହିସାବ କାହାରି ପାଖରେ ଥିବାର ତୁମେ ଜାଣ କି ?

୯. ଦୀର୍ଘଦିନ ଧରି ତୁମ ପାଖରେ ଅଟକି ରହିଥିବା କାଗଜ ନଥିର ଉତ୍କଟ ଗଂଧ ତୁମେ କେଉଁ ଉପାୟରେ ସହ୍ୟ କିମ୍ବା ଉପଭୋଗ କର ?

୧୦. ଏ ପ୍ରଶ୍ନଗୁଡ଼ିକର ଯଥାଯଥ ଉତ୍ତର ଦେଇ ନ ପାରିବା ଫଳେ ବାର୍ଷିକ ଇନ୍‌କ୍ରିମେଣ୍ଟ ଅଟକି ଯିବାର ଆଶଙ୍କା ଉପୁଜିଲେ ତୁମେ କ'ଣ କରିବ ?

୧୧. ପରୀକ୍ଷା ଖାତାରେ ଉତ୍ତର ଓ କାଗଜ ନଥିରେ ମନ୍ତବ୍ୟ- ଏ ଦୁଇ ପ୍ରକାର ଲେଖନ ମଧ୍ୟରେ କୌଣସି ପାର୍ଥକ୍ୟ ତୁମେ ଅନୁଭବ କରିଛ କି ?

୧୨. ପ୍ରତିଦିନ ତୁମେ କେତେ ସମୟ ଗାଧୁଆଘରେ ବିତାଅ ?

Digitized by srujanika@gmail.com

୧୩. ସାଧାରଣ ଲୋକେ ଭୟ, ଘୃଣା ଯୋଗୁଁ ତୁମର ପାଖ ମାଡ଼ନ୍ତି ନାହିଁ, ଏହା ତୁମେ ଜାଣି ପାରିଛ କି ?

୧୪. ତୁମ ଘରେ ଯେତେ ବହି ଅଛି, ସେ ସବୁ କେହି ପଢ଼ିଥିବାର ତୁମେ ଦେଖିଛ କି ?

୧୫. କାନ୍ଥରେ ଟଙ୍ଗା ହୋଇଥିବା ମାନଚିତ୍ର ବ୍ୟତୀତ ଦେଶର ଅନ୍ୟ କୌଣସି ସାମଗ୍ରିକ ରୂପେ ତୁମେ କଳ୍ପନା କରି ପାର କି ?

୧୬. ତୁମର ବିବାହ ପରେ ତୁମର ଶ୍ୱଶୁର କେତେ ହାଲୁକା ହୋଇଗଲେ ତହିଁର କୌଣସି ହିସାବ ତୁମ ପାଖରେ ଅଛି କି ?

୧୭. ତୁମର ରେସନ୍ କାର୍ଡ଼ ତୁମ ପାଖରେ ଆସି ପହଂଚିଥିଲା ନା ତୁମେ ନିଜେ ଯାଇ ତାହା ଆଣିଥିଲ?

୧୮. ସରକାରଙ୍କୁ ଦୁହିଁବାର କେତୋଟି କୌଶଳ ତୁମେ ଆୟତ୍ତ କରି ପାରିଛ ?

୧୯. ଗାମ୍ଭୀର୍ଯ୍ୟ ବଜାୟ ରଖିବା ସକାଶେ ତୁମର ମୁଖମଣ୍ଡଳର ତନ୍ତୁଗୁଡ଼ିକ ଥକି ଯାଉଥିବାର ତୁମେ ଅନୁଭବ କରିଛ କି ?

୨୦. ତୁମ ନାମରେ ଆସୁଥିବା ଚିଠିଗୁଡ଼ିକୁ ତୁମେ ନିଜେ ଖୋଲି ପଢ଼ କି ?

୨୧. 'ଆଇ ଏମ୍ ସରି' ବଦଳରେ ବାରଂବାର 'ଆଇ ଏମ୍ ବିଜି' କହିବାକୁ ତୁମେ ପସନ୍ଦ କର କି ?

୨୨. ଏ ପୃଥିବୀରେ କେତେ ଜଣ ତୁମକୁ ତୁମର ନାମ ଧରି ଡାକନ୍ତି ?

୨୩. କେତେ ବର୍ଷ ହେଲା ବସ୍ ଚଢ଼ି ତୁମେ କୌଣସି ଆଡ଼େ ଯାଇ ନାହଁ?

୨୪. ଏ ପର୍ଯ୍ୟନ୍ତ ତୁମେ କେତେଥର ତୁମର ହୋଟେଲ ଖାଇବା ବିଲ୍ ପଇଠ କରିଛ ?

୨୫. ନିୟମାବଳୀର ଶବ୍ଦାର୍ଥ ବ୍ୟତୀତ ଅନ୍ୟ କୌଣସି ଅର୍ଥ ତୁମେ ବୁଝି ପାର କି ?

Digitized by srujanika@gmail.com

ଏଇ କାଗଜଖଣ୍ଡେ ମୋ ହାତରେ ଧରାଇ ଦେଇ ଜଣେ ଲୋକ ମିଶିଗଲା ସହର ମାର୍କେଟ୍‌ର ଭିଡ଼ରେ। କାଗଜରେ ଛାପା ହୋଇଥିଲା।

ଭଗବାନ ମୋତେ କହିଲେ.....

"ମୁଁ ଜଣେ ସାଧାରଣ ଦୋକାନୀ। ରାଉରକେଲା ସହରରେ ଗୋଟିଏ ଛୋଟ ଦୋକାନ କରିଛି। ଲୋକଙ୍କର ଦରକାରୀ ଜିନିଷ ବିକ୍ରିକରି ପରିବାର ପାଳନ କରେ। ଯାହା ଦୁଇଚାରି ପଇସା ବଳିପଡ଼େ ତାକୁ ଭଗବାନଙ୍କ ସେବାରେ ଲଗାଏ।

ଜନ୍ମାଷ୍ଟମୀ ଦିନ ରାତିରେ ମନ୍ଦିରରୁ ଫେରି ଜଳଖିଆ ସାରି ଶୋଇଲି। ଯେତେବେଳେ ସବୁଆଡ଼େ ଶୁନ୍‌ଶାନ୍ ଓ ନିଛାଟିଆ, କୌଣସି ଆଡ଼େ କିଛି ଶବ୍ଦ ନାହିଁ; ସେତେବେଳେ ମୋର ମନେହେଲା କିଏ ଯେମିତି ଶୋଇବାଘରର କବାଟଟା ଠେଲି ଫିଟାଇଦେଲା। ମୋର ସେଇ ଅନ୍ଧାର ଘରଟି ହଠାତ୍ ଉଜ୍ଜ୍ୱଳ ହୋଇଗଲା। ମୁଁ ଚାହିଁ ଦେଖିଲାବେଳକୁ ସେଇ ଘର ଭିତରେ ଜଣେ ଅତି ସୁନ୍ଦର ଲୋକ ଠିଆ ହୋଇଛନ୍ତି। ତାଙ୍କ ଦେହରୁ ଆଲୋକ ବାହାରୁଛି। ମୋତେ ବଡ଼ ଆଶ୍ଚର୍ଯ୍ୟ ଲାଗିଲା, ମୁଁ ତା'ପରେ ଡରିଗଲି ଓ ଥରିବାକୁ ଲାଗିଲି। ମୋତେ ଶୁଭିଲା- ଡରିବାର କିଛି ନାହିଁ। ମୁଁ ଭୂତ ପ୍ରେତ ନୁହେଁ, ମୁଁ ସ୍ୱୟଂ ଭଗବାନ। ତୋତେ ଗୋଟିଏ କଥା ଜଣାଇ ଦେବାପାଇଁ ଆସିଛି। ମୋ କଥା ମାନି କାର୍ଯ୍ୟକଲେ ତୋର ଅଶେଷ ମଙ୍ଗଳ ହେବ। ମୁଁ ନିଜେ ହିଁ ରାମ, କୃଷ୍ଣ, ଶିବ, ସରସ୍ୱତୀ, ଗଣେଶ ସବୁ- ମୋର ନାମ ସ୍ମରଣ କରି ହିଁ, ବିବାହ ବ୍ରତ ଓ ନାନା ଯଜ୍ଞ ହେଉଛି। ମୋର ପୂଜା ଆରାଧନା ବେଳେ ବା ବିବାହ ବ୍ରତ ବେଳେ ଆଜିକାଲି ଲୋକେ ପବିତ୍ରତା ରକ୍ଷାକରୁ ନଥିବାରୁ ମଣିଷ ସମାଜର ଅମଙ୍ଗଳ ହେଉଛି। ଲୋକ କାଗଜଫୁଲ ଲଗାଉଛନ୍ତି, ସିନେମା ଗୀତର ରେକର୍ଡ଼ ବଜାଉଛନ୍ତି, ଅଯଥାରେ ଧନ ବ୍ୟୟ କରୁଛନ୍ତି। ଏସବୁ ମୋର ପସନ୍ଦ ହେଉନାହିଁ। ଏଣୁ ତୁ ଲୋକଙ୍କୁ ବୁଝାଇ କହିଦେବୁ ଯେ ସେମାନେ ଏ ତିନୋଟି କାମ କରିବେ ନାହିଁ।

Digitized by srujanika@gmail.com

୧ ମୋର ପୂଜା ଓ ବିବାହ ବ୍ରତାଦି କାର୍ଯ୍ୟରେ କେବଳ ମୁଁ ସୃଷ୍ଟି କରିଥିବା ପତ୍ର, ଫୁଲ ଲାଗିବ। କାଗଜ ବା ପ୍ଲାଷ୍ଟିକର ପତ୍ର ଫୁଲରେ ମୋତେ କିଛି ସଜା ହେବନାହିଁ।

୨ ମାଇକ୍ରୋଫୋନ୍ ବ୍ୟବହାର କରି ବା ଲାଉଡ୍‌ସ୍ପିକର୍ ଲଗାଇ ରେକର୍ଡ଼ ବଜାଯିବ ନାହିଁ। ଯେତେ ଧୀରେ କହିଲେ ବି କିଂବା ମନେମନେ ମୋର ନାମ ଉଚ୍ଚାରଣ କଲେ ବି ମୋତେ ସବୁ କଥା ଶୁଭୁଛି।

୩ ଏସବୁ କାର୍ଯ୍ୟରେ ବଡ଼ବଡ଼ ଶୋଭାଯାତ୍ରା, ସାଜସଜ୍ଜା ଓ ଭୋଜି ଭାତରେ ଅଧିକ ଧନ ବ୍ୟୟ ନ କରି ଦାନ ପୁଣ୍ୟ କରନ୍ତୁ। ଦରିଦ୍ର ସେବା ହିଁ ମୋର ସେବା।

ତା'ପରେ ସ୍ୱୟଂ ପ୍ରଭୁ ମୋତେ କହିଲେ- ତୁ ଯଦି ଦଶଦିନ ମଧ୍ୟରେ ଶହେଜଣଙ୍କୁ ଏ କଥା କହି ବା ଲେଖି ବା ଛପାଇ ଜଣାଇଦେବୁ ତା ହେଲେ ଏଗାର ଦିନ ଏହାର ସୁଫଳ ପାଇବୁ। ଯେ କେହି ମନୁଷ୍ୟ ଏ ସବୁ ଦଶ ଦିନ ମଧ୍ୟରେ ଶହେଲୋକଙ୍କ ମଧ୍ୟରେ ପ୍ରଚାର କରିବ, ସେ ଏଗାର ଦିନ ସୁଫଳ ପାଇବ।

ଏତିକି କହିସାରି, ସେ କୁଆଡ଼େ ଉଭେଇଗଲେ। ମୋର ଘର ଭିତରଟା ପୁଣି ଅନ୍ଧାର ହୋଇଗଲା। କିନ୍ତୁ ଏକ ପ୍ରକାର ମଧୁର ବାସ୍ନା ଘର ଭିତରକୁ ମହକାଇ ଦେଉଥାଏ।

ମୁଁ ଚଞ୍ଚଳ ଉଠିଯାଇ ଅନ୍ୟ ଏକ ଘରେ ଶୋଇଥିବା ମୋର ବୁଢ଼ୀମା, ସ୍ତ୍ରୀ ଓ ବଡ଼ପୁଅକୁ ଉଠାଇଲି ଏବଂ ସମସ୍ତଙ୍କୁ ଯାହାଯାହା ଘଟିଥିଲା ସବୁ କଥାକହିଲି। ସମସ୍ତେ ଭଗବାନଙ୍କ ଉଦ୍ଦେଶ୍ୟରେ ମୁଣ୍ଡ ନୁଆଁଇଲେ। ଆମେ ନିଷ୍ପତ୍ତି କଲୁ ଯେ ଆମ ଘରେ ଚାରିଜଣ ଥିବାରୁ ଏ କଥା ଚାରିଶହ ଲୋକଙ୍କୁ ଜଣାଇବୁ।

ତା ପରଦିନ ମୁଁ ପ୍ରେସ୍‌ରେ ଚାରିଶହ କାଗଜ ଛପାଇ ଆଣିଲି ଓ ବାଣ୍ଟିଲି। ମୁଁ ପ୍ରକୃତ ନିଷ୍ଠା ଓ ଭକ୍ତିର ସହ ଏହାକୁ ଭଗବାନଙ୍କ ଆଦେଶ ଭାବି କରୁଥାଏ। ଏମିତି ଦଶଟି ଦିନ ବିତିଗଲା। ମୁଁ ଛପାଇଥିବା ଚାରିଶହ କାଗଜ ଶେଷ ହୋଇଗଲା।

୧। ମୋ ମା'ର ବହୁ ଦିନର ପକ୍ଷାଘାତ ଭଲ ହୋଇଗଲା।

୨। ମୋତେ ଗୋଟିଏ ପାଞ୍ଚ ଶହ ଟଙ୍କାର ଲଟେରି ମିଳିଲା।

୩। ମୋର ସ୍ତ୍ରୀର ପେଟ କାଳା ଭଲ ହୋଇଗଲା।

୪। ମୋର ପୁଅ ଚାକିରି ପାଉଛି ବୋଲି ଖବର ଆସି ପହଞ୍ଚିଲା।

Digitized by srujanika@gmail.com

ଏ ଘଟଣା ପରେ ମୋର ମନେହେଲା ଯେ ଏହି କଥାଟିକୁ ଲୋକଙ୍କୁ ବୁଝାଇ ଦେବାପାଇଁ ସେ ଦିନ ସ୍ୱୟଂ ଭଗବାନ ହିଁ ଆସିଥିଲେ ଓ ମୋର ଭାଗ୍ୟ ଯେ ସେ ମୋଦ୍ୱାରା ଏ କାମଟି କରାଇବା ମୋତେ ବାଛିଥିଲେ।

କେବଳ ମୋର କଥା ଏ ନୁହେଁ। ଅନ୍ୟମାନେ କିପରି ଉପକୃତ ହୋଇଛନ୍ତି। ତାହା ଲେଖି ଜଣାଉଛି।

ଇନି ପରୀକ୍ଷାରେ ସେତେ ଭଲ କରି ନଥିଲା। ଯେତେ କହିଲେ ବି ସେଇ ଚନ୍ଦାମୁଣ୍ଡିଆ ଦାନ୍ତୁରା ଗଣିତ ଅଧ୍ୟାପକ ମାର୍କ ବଢ଼ାଇବାକୁ ରାଜି ହେଉ ନଥିଲା। ଇନି ଏମିତି ୧୬ଖଣ୍ଡ ପୋଷ୍ଟ କାର୍ଡ଼ ଲେଖିଲା। ତହୁଁ ଗଣିତ ଅଧ୍ୟାପକ ତାକୁ ଖାତାରେ ଯେଉଁ ୩୨ ମାର୍କ ଦେଇଥିଲା ତାହା ରେଜିଷ୍ଟରରେ ଉଠିଲା ବେଳକୁ ୭୩ ହୋଇଗଲା। ଇନି ଫାଷ୍ଟକ୍ଲାସ ପାଇଲା।

ବୁଦ୍ଧିଆକୁ ବ୍ୟାଙ୍କରୁ ଋଣ ମିଳୁନଥିଲା। ଅନେକ ଲୋକଙ୍କ ସାଙ୍ଗରେ କେତେ ନା କେତେ ପ୍ରକାର ଜାମିନ କାଗଜ ପତ୍ର ନେଇ ବହୁ ବାର ଯିବା ପରେ ମଧ୍ୟ ମେନେଜର ସବୁଥର କହୁଥିଲା - ଏଥର ଏଲଟମେଣ୍ଟ ନାହିଁ। ପୂର୍ବ ଋଣ ଅସୁଲ କାମ ନ ସରିବା ପର୍ଯ୍ୟନ୍ତ ନୂଆ ଋଣ ଆଦୌ ଦିଆଯାଇ ପାରିବ ନାହିଁ ହେଡ୍ ଅଫିସରୁ ଅର୍ଡ଼ର ଆସିଛି। ଆମେ କଣ କରିବୁ?

ବୁଦ୍ଧିଆ ଏମିତି ୧୬ଖଣ୍ଡ ପୋଷ୍ଟକାର୍ଡ଼ ଲେଖିଲା। ସେ ସବୁ ପଠାଇବାର ମାତ୍ର ୧୫ଦିନ ପରେ ତା'ର ଋଣ ଦରଖାସ୍ତ ମଞ୍ଜୁର ହୋଇଗଲା। କେବଳ ସେତିକି ନୁହେଁ ସମଗ୍ର ପରିମାଣରୁ ସାଢ଼େ ସାତ ହଜାର ଟଙ୍କା ସେ ସବ୍‌ସିଡ଼ି ରୂପେ ମଧ୍ୟ ପାଇଛି। ଏ ଟଙ୍କା ଆଉ ମୋଟ ଶୁଝିବାକୁ ପଡ଼ିବ ନାହିଁ।

- ଯାହା ଦୃଷ୍ଟିରେ ଏହା ପଡ଼ିବ ସେ ଦଶଦିନ ମଧ୍ୟରେ ଅବିକଳ ଏ ପ୍ରକାର ଶହେ କାଗଜ ଛପାଇ ବାଣ୍ଟିବା। ନିଜର ନାଁ ଗାଁ ଲେଖିବ ନାହିଁ। ନାଁ ଲେଖି କାଗଜ ଛପାଇଥିବାରୁ ଜଣେ ଲୋକର ଏକ୍ସିଡେଣ୍ଟରେ ଗୋଡ଼ ଭାଙ୍ଗିଗଲା।''

ଏ କାଗଜ ଖଣ୍ଡମାନ ମୁଁ ନିଶ୍ୱାସ ସହିତ ଛକ କଡ଼ରେ ଠିଆ ହୋଇ ବାଣ୍ଟିଲି।

ଘଟନାର ତିନିମାସ ପରେ ମୋ ନିଜ ପାଖରେ ବିଭିନ୍ନ ସୂତ୍ରରୁ ଏ ପ୍ରକାର କାଗଜମାନ ପହଞ୍ଚିଲା। ମୁଁ ସେ ସବୁ ରଦ୍ଦି କାଗଜବାଲାକୁ ବିକିଦେଇଛି।

Digitized by srujanika@gmail.com

ବୀଜ ବପନ

ମୋର କେନ୍ଦ୍ରୀୟ ଦୁଃଖ ଯାହା ପରିତ୍ୟକ୍ତ ହୋଇ ପଡ଼ି ରହିଥିଲା ଗୋଟିଏ ଅନ୍ଧାରୁଆ କୋଠରି ଭିତରେ, ଆଜି ପୁଣି ଥରେ କେଉଁ ସଂଜୀବନୀ-ଜଳରେ ସିକ୍ତ ହୋଇ ନବଜନ୍ମ ଲାଭ କରିଛି, ସେଠୁ ମୁକୁଳି ଆସି ମୋ ଭିତରେ ପଶି ମୋର ମଜ୍ଜାଗତ ହୋଇଯିବାକୁ ଚେଷ୍ଟା କରୁଛି।

କେଉଁ ଉପସର୍ଗ ଯୋଡ଼ି ମୁଁ ଶବ୍ଦକୁ ଅଶବ୍ଦ, ନିଃଶବ୍ଦ, ଅପଶବ୍ଦ, ଉପଶବ୍ଦ କରିବି ଜାଣି ପାରୁନାହିଁ ହଜୁର୍, ମୋର ଜିଭ ଅଗରୁ ଓ କଲମ ମୁନରୁ ଶବ୍ଦମାନେ ଖସି ଚାଲିଯାଉଛନ୍ତି, ଅନ୍ଧକାର ଭିତରେ ହଜିଯାଉଛନ୍ତି। ମୋର କାତର ପ୍ରାର୍ଥନା ବୃଥା, ମୋର ପ୍ରାଣୋଚ୍ଛ୍ୱଳ ନିବେଦନ ଅଶ୍ରୁତ, ମୋର ବିକଳ ମାମ୍ଲି ପ୍ରତ୍ୟାଖ୍ୟାତ। ସେମାନଙ୍କର ଲେଉଟାଣିର ସମସ୍ତ ପଥ ରୁଦ୍ଧ। ଶବ୍ଦମାନଙ୍କୁ ଅଶବ୍ଦ କରି ନ ପାରିବାର କେନ୍ଦ୍ରୀୟ ଯନ୍ତ୍ରଣାରେ ମୁଁ ନିଜେ ପ୍ରତିପଳ ବନ୍ଧୁଖଣ୍ଡିତ ହୋଇଯାଉଛି ମାଲିକ। ତଥାପି ଏକ ଅକଳ୍ପନୀୟ ଶୂନ୍ୟତାର ରକ୍ତ ହ୍ରଦରେ ସନ୍ତରଣ କରିବାର ମଧ୍ୟ ହେତୁ ଅଛି। ଅର୍ଥ ଅଛି ଖଣ୍ଡ ଖଣ୍ଡ ହୋଇ ଭାସି ବୁଲିବାରେ, ସେଇ ଶୂନ୍ୟତାର ଅନନ୍ତ ଗହ୍ୱରରେ ଲୀନ ହୋଇଯିବାରେ, ଶୂନ୍ୟତା ସହିତ ଏକାକାର କିମ୍ବା ଅଣାକାର ହୋଇ ନିଜର ସେଇ ଅବାଧ ଜିଭ ଓ ନିର୍ଭୀକ କଲମ ମୁନରୁ ସମସ୍ତ ଅହଂ ବିସର୍ଜନ କରି ଦେବାରେ, ନଚେତ୍ .....

ଏକ ଆଦିମ ଅରଣ୍ୟର ଧୂତୋଜ ଦେବବୃକ୍ଷର ଅଗଣିତ ଶାଖାରେ ଫୁଲ ହୋଇ ଫୁଟିବାରେ, ମହାବ୍ୟୋମରୁ ସମସ୍ତ ନକ୍ଷତ୍ରଙ୍କୁ ବିତାଡ଼ିତ ଓ ବେଦଖଲ କରି ନିଜେ ଅଗଣନ ନକ୍ଷତ୍ର ହୋଇ ଝଲସିବାରେ।

କିନ୍ତୁ ମୁଁ ତ ଆରମ୍ଭରୁ ହିଁ ରିକ୍ତ ମାଲିକ, ମୋର ଚିନ୍ତାର ଚକ୍ରକୁ ଯେତେ ଦ୍ରୁତ ବେଗରେ ଘୂରାଇଲେ ବି ମୁଁ ଶବ୍ଦକୁ ଅଶବ୍ଦ କରି ନ ପାରିବାର ମୌଳିକ ବିଫଳତା ଯୋଗୁଁ ପ୍ରତିପଳ ନିଜେ ହିଁ, ହଁ ମୁଁ ସ୍ୱୟଂ ନିଜେଇ ହଜୁର, ମୁଁ ନିଜେଇ ଅଶବ୍ଦ ହୋଇଯାଉଛି। ଏତେ ପିଷ୍ଟ ଯେ ମୋର ନିଜର [illegible] ଅବଶିଷ୍ଟ ନାହିଁ, ଏଇଠି ବିବର୍ତ୍ତନ ଶେଷ, ତୁମର ସୃଷ୍ଟି ସମାପ୍ତ ପ୍ରଭୁ। ତୁମରି ଆଗରେ ସାଗର ନାମ ଧରି ମୁଁ ହିଁ ପ୍ରତିବାଦର ଏକ ଚିରନ୍ତନ ଘୋ ଘୋ ଶୁଣାଉଛି। ଯାହାକୁ ଜଗତ୍‌ଜନ ସାଗରର ଢେଉ ବୋଲି ଚିହ୍ନିଛନ୍ତି ତାହା ହିଁ ତ ମୋର ହୃଦୟ ସ୍ପନ୍ଦନ।

ତୁମର ସମୟ ଶେଷ, ତୁମର କଳ୍ପନା ମୃତ, ତୁମର ସ୍ୱପ୍ନ ତୁଟିଗଲାଣି। ତୁମକୁ ବିତାଡ଼ିତ କରି ତୁମର ସେଇ ସ୍ୱତଃବାତାନୁକୂଳିତ ଗମ୍ଭାରା ଭିତରୁ ଭିଡ଼ିଆଣି ମୁଁ ଠିଆ କରାଇ ଦେବି ରୌଦ୍ରଦଗ୍ଧ ମାଟିରେ ଓ ଏକାକାର କରିଦେବି ନିଜର ବନ୍ଧୁ ଖଣ୍ଡରେ।

Digitized by srujanika@gmail.com

ମୋର ନିଜର ଆଉ କିଛିନାହିଁ। ନିଜର କୋଟି ସମ୍ବସର ବ୍ୟାପୀ ଜୈବିକ ପରିଚୟ ଟିକକ ସୁଦ୍ଧା ମୁଁ ହରାଇସାରିଛି। ମୁଁ ସବୁ ସନ୍ଧାନର କେନ୍ଦ୍ର, ପ୍ରତ୍ୟେକ ଗୁପ୍ତଚରର ଟିପାଖାତାରେ ମୋର ନାମ। ମୋର ପ୍ରତ୍ୟେକ ଖଣ୍ଡ ଓ ଅଂଶ ଆଜି ବିସ୍ଫୁରିତ ହେବାର ପ୍ରତୀକ୍ଷାରେ ପ୍ରସ୍ତୁତ। ଆସିବ ଆଦିଅଗ୍ନି, ମୋର ମାତା ଓ ପ୍ରତ୍ୟେକ ବାରୁଦ ନାଡ଼ଙ୍କୁ, ପ୍ରତ୍ୟେକ ବୋମାର ଡେମ୍ଫକୁ କରିବ ପ୍ରଲୋଭିତ, ଉତ୍କ୍ଷିତ ଓ ମାତିଯିବ ଏକ ଜୀବୋନ୍ମେଷକାରୀ ପ୍ରଜନନର କ୍ରୀଡ଼ାରେ। ତାପରେ ଏକ ଚରମକ୍ଷଣରେ ହେବ ଏକ ମାଜ ବିସ୍ଫୁରଣ, ଆଦିଗନ୍ତ ପ୍ରକ୍ଷିପ୍ତ ହେବ ମୋର ଅସ୍ଥି, ଉଭାଇ ମାଡ଼ିଯିବ ମୋର ନିର୍ଯ୍ୟାସ, ଦେହାନ୍ତର, ଗ୍ରହାନ୍ତର, ବ୍ରହ୍ମାଣ୍ଡାନ୍ତର ଓ ମୋର କିଛି ଅବଶିଷ୍ଟ ରହିବ ନାହିଁ, କାହାରି କିଛି ଅବଶିଷ୍ଟ ରହିବ ନାହିଁ।

ଏବେ ତ ମୋର ଜିଭ ଅଗରେ ଓ କଲମ ମୁନରେ ଅଗଣିତ ଶବ୍ଦର ଭିଡ଼। ଅଶବ୍ଦ ହେବାକୁ, ଶବ୍ଦର ବନ୍ଧନରୁ ମୁକ୍ତ ହେବାକୁ ଆହୁରି ପରାର୍ଦ୍ଧାଧିକ ବର୍ଷ ବାକି ଅଛି। ବଟନେର ବିଲୟ ପୂର୍ବରୁ ଏକ ନବୋଦ୍‌ଗମ୍ ପର୍ବର ସମ୍ଭାବନା କେବଳ ଏକ ସ୍ୱପ୍ନ।

ମୁଁ ତ କେବଳ ବୀଜ ବପନ କରୁଛି ହଜୁର। ମୁଁ ତ ଗୋଟିଏ ଶବ୍ଦର ବୀଜକୁ ତୁମରି ମାଟିରେ ସ୍ଥାପନ କରୁଛି। ଯଦି କେବେ ଦିନେ ଶବ୍ଦର ଏକ ଅରଣ୍ୟ ଗଜୁରି ଉଠେ, ଯଦି କେବେଦିନେ ପ୍ରତ୍ୟେକ କାନ, ଓଠ ଓ ଆଖିରେ କେବଳ ଶବ୍ଦ ଏବଂ ଶବ୍ଦ, ଧ୍ୱନି ଏବଂ ବର୍ଣ୍ଣ ଶବ୍ଦ ଶବ୍ଦ ଶବ୍ଦ ଶବ୍ଦ ଶବ୍ଦ ଶବ୍ଦ

ଓଃ ଏ ଜିଭ । ତାକୁ କ'ଣ କୌଣସି ଉପାୟରେ ନିଜଠାରୁ ଅଲଗା କିମ୍ବା ନିଜ ଭିତରେ ସ୍ଥିର କରି ଦେଇପାରନ୍ତି ନାହିଁ? ଆଲୋକ ନାହିଁ, ଜୀବନ ନାହିଁ, ଉଷ୍ଣତା ନାହିଁ, କେବଳ ଚିରନ୍ତନ ଓ ଅଣଲେଉଟା ସ୍ଥିରତା, ସମୟ ହିଁ ସେତେବେଳକୁ ଶେଷ ହୋଇଯାଇ ସାରିଥିବ। ସବୁ ମିଛ। ଏକଠୁ ନଅଯାଏଁ ସବୁ ମିଛ। କିଛି ନ ଥିଲା ସେଇ ମୂଳରେ, ସେଇ ଉସରେ, ସେଇ ଉଦ୍‌ଗମ-ବିନ୍ଦୁରେ। ସେଇ ଆରମ୍ଭରେ ଥିଲା କେବଳ ଶୂନ୍ୟ।

ପୁଣି ସମୟ ଆସିବ, ଆସୁଛି। ଏକରୁ ନଅଯାଏଁ ସବୁ ହୋଇଯିବ ବିଲୀନ। ଉଦ୍‌ଭାବନୀ ପ୍ରଜ୍ଞାର ଉଜ୍ଜ୍ୱଳ ଆଲୋକବୃତ୍ତ ଲିଭିଯିବ। ରହିଯିବ କେବଳ ଶୂନ୍ୟ। ଆଲୋକବିହୀନ, ଜୀବନବିହୀନ, ନିରୁତ୍ତାପ ଶୂନ୍ୟ। ସେ ସମୟ କେତେବେଳେ ଆସିବ ହଜୁର? ମୋର ବୀଜ-ବପନର ବେଳ, ମୋର ସୃଜନକ୍ଷଣର ସେଇ ବହୁ ପ୍ରତୀକ୍ଷିତ ମୁହୂର୍ତ୍ତାଂଶ।

Digitized by srujanika@gmail.com

ମୋର ଏହି ଅବାଧ ଜିଭକୁ କ୍ଷମାକର, ହେ ବିଶାଳ ହୃଦୟ। ଭଏ ଶବ୍ଦକୁ ଅଶବ୍ଦ କରିବାର ପ୍ରଧାନ ଅନ୍ତରାୟ। ତେଣୁ ଶତ୍ରୁ ହେଲେ ବି, ଶତ୍ରୁକୁ ତୁମେ କ୍ଷମାକରିପାର, ହେ ବିପୁଳ ହୃଦୟ। କହିବ ଯଦି ତୁମରି ପାଦତଳେ ମୋର ଅବାଧ ଜିଭଟିକୁ ବଳି ଦେଇଦେବି ଓ ଅଶବ୍ଦର ପରିଚୟବିହୀନ ଶୂନ୍ୟତାରେ ନିଜକୁ ହଜାଇଦେବି। ଲୁପ୍ତ, ସମାହିତ ଓ ଏକାକାର ହୋଇଯିବି।

ତୁମେ ହିଁ ଶୂନ୍ୟ, ଦକ୍ଷର ଏବଂ ମୁଁ ହିଁ ସଂଖ୍ୟା। ତୁମରି ଅବର୍ତ୍ତମାନରେ ମୋର ସ୍ଥାନ ନାହିଁ। ମୁଁ ହିଁ ତୁମଠାରୁ ସମ୍ଭୂତ, ତୁମଠାରୁ ଜାତ, ହେ ଚିରନ୍ତନ ପିତା। ମୋର ଅବର୍ତ୍ତମାନରେ ମଧ୍ୟ ତୁମର ଅସ୍ଥିତି ନାହିଁ, ତୁମେ ଥିବ, ତୁମେ ରହିଆସିଛ। ମୋର ସମୟ ହୋଇନାହିଁ, ମୋର ସମୟ ହୋଇ ଆସୁଛି।



ସାଦା କାଗଜର ମୂଲ୍ୟ ଅଛି, ଛପା କାଗଜର ମୂଲ୍ୟ ଅଛି; କିଂତୁ ଲେଖା କାଗଜ (ପାଣ୍ଡୁଲିପି ହେଉ କି ପରୀକ୍ଷା ଖାତା)ର କୌଣସି ମୂଲ୍ୟ ନାହିଁ।

Digitized by srujanika@gmail.com

ମନ: ଏକ ଯୁଦ୍ଧକ୍ଷେତ୍ର

"ମୁଁ ବରଫ ପରି ତରଳି ଯିବି, ଅତିଥି ପରି ବିଦାୟୀ ହେବି, ଅରଣ୍ୟ ପରି ସହଜ ହେବି।" (-ତାଓ ତେ ଚିଙ୍ଗ୍) ଅଥବା ନାଁ ଟା ହୁଏତ ଟାଓ ଟେ ଚିଂ କିମ୍ବା ଶାଓ ଶେଚିଂ ମଧ୍ୟ ହୋଇପାରେ। ମାତ୍ର କୁହୁଳୁଛ ପଚାମାଂସ ଭିତରକୁ ନଖ ଓ ଦାନ୍ତ ପଶାଇ ଖିନ୍‌ଭିନ୍ କରି ଦେଉଥିବା ଜନ୍ତୁଟିର ପାଖକୁ ଯିବା ମୋ ଦ୍ୱାରା ସମ୍ଭବ ନୁହେଁ। ତେଣୁ ମୋର ସମସ୍ତ ଗୁପ୍ତଇଚ୍ଛା ମୃତ।

ଚାରିଆଡ଼େ ଆଖି ବୁଲାଇଲେ ଏତେ କୋଟେସନ୍, ଅଥଚ ଏ ରଚନାର ପ୍ରଥମ ବାକ୍ୟଟି ହିଁ ମନରେ ରହିଛି। କାହିଁକି, ଜାଣିବାକୁ ଆଦୌ ଚେଷ୍ଟା କରିନାହିଁ ତଥାପି ବାକ୍ୟଟି ମନରେ ରଖିଛି।

ମୁଁ ମୂଳରୁ ଧନବାନ୍ ଥିଲି। ଟଙ୍କା ପଇସାର ଅଭାବ ନ ଥିଲା। ମୁଁ ଧନଲାଳସୀ ନୁହେଁ, ମାତ୍ର ଧନ ତ୍ୟାଗକରିବା ମୋ ପକ୍ଷରେ ସମ୍ଭବ ନୁହେଁ। ମୋର ନୀଳ ତୋଳା, ଘନ ଭ୍ରୁ, ଉନ୍ନତ ନାସିକା, ପ୍ରଶସ୍ତ ଲଲାଟ ଇତ୍ୟାଦି ପରି ଧନ ମଧ୍ୟ ମୋର ଅଙ୍ଗୀଭୂତ। ସମୃଦ୍ଧି ଅଥବା ଅଭାବ, କୌଣସିଥିରେ ପ୍ରଦର୍ଶନ କରିବାକୁ ମୁଁ ଭଲପାଉ ନ ଥିଲି ଓ ଯାହା ଭଲପାଉ ନ ଥିଲି ତାହା କରିବା ପାଇଁ କୌଣସି ପ୍ରକାର ବାଧ ନ ଥିଲି।

ଏବେ ସବୁ ନୂଆ। ମାତ୍ର ଏ ନୂତନତାର ଆଢୁଆଳରେ ଲୁଚି ରହିଥିବା ଅକଥନୀୟ ଯନ୍ତ୍ରଣା ମୋତେ ମୋର ପରିବେଶ ଠାରୁ ବିଚ୍ଛିନ୍ନ କରି ପକାଉଛି। ସତରେ କ'ଣ ସବୁଦିନ ପାଇଁ ମୁଁ ଏ ସବୁ ଭୋଗ କରିବାକୁ ବାଧ ?

ପାଞ୍ଚ ବର୍ଷ ପୂର୍ବେ ଯେଉଁମାନେ ମୋତେ ଦେଖିଥିଲେ ଓ ଏଇ ପାଞ୍ଚବର୍ଷ ମଧ୍ୟରେ ମୋତେ ଦେଖି ନାହାନ୍ତି, ଏବେ ଭେଟିଲେ ସେମାନେ ପ୍ରଥମେ କହନ୍ତି,-'ଆରେ, ତୁ ଏତେ ବଡ଼ ହୋଇଗଲୁଣି, ଚିହ୍ନି ହେଉନି।'

ପାଞ୍ଚବର୍ଷ ଭିତରେ ମୋର ଶରୀରରେ ଏତେ ପରିବର୍ତ୍ତନ। ତେବେ ପନ୍ଦରବର୍ଷ ଭିତରେ ମୋ ମନରେ? ହିସାବ ରଖି ନାହିଁ। ମନକୁ ଖଣ୍ଡେ କାଗଜ ମନେକରି ପରିବର୍ତ୍ତନର ଗତିପଥ ଅନୁସାରେ ତା ଉପରେ ରେଖା ଟାଣିନାହିଁ। ମୁଁ ଯଦି ସମସ୍ତ ସମ୍ପର୍କଠାରୁ ନିଜକୁ ବିଚ୍ଛିନ୍ନ କରି ଦେଇପାରିବି, ତାହେଲେ ମୋର ସମ୍ପୂର୍ଣ୍ଣ ଅଚିହ୍ନା ହୋଇଯିବାରେ କାହାରି ଆଶ୍ଚର୍ଯ୍ୟ ହେବାର କିଛି ନ ଥିବ। ମୋ ଆଖି ଆଗରେ ପ୍ରବାହିତ ଭିଡ଼ ସହିତ ମୋର ସମ୍ପର୍କ କ'ଣ ? ଏଇ ସହରରେ ଗଳିକନ୍ଦି କୋଠା ବଙ୍ଗଳାର ଅଧିବାସୀମାନଙ୍କ ସହିତ ମୋର ସମ୍ପର୍କ କ'ଣ? ସମ୍ପର୍କଟା ସତେ କ'ଣ ଜରୁରି ?

Digitized by srujanika@gmail.com

ସବୁ ଭାଙ୍ଗିଗଲା ପରି ଲାଗେ। ଜିଇଁ ରହିବାଟା ଅର୍ଥହୀନ ଓ ଅଦରକାରୀ ପରି ମନେହୁଏ। ମୁଁ କିନ୍ତୁ ଯେହେତୁ ନିଜ ଇଚ୍ଛାରେ ଜନ୍ମ ନେଇନାହିଁ, ଜିଇଁ ରହିନାହିଁ, ସେ ହେତୁ ନିଜ ଇଚ୍ଛାରେ ମରିବି କାହିଁକି? ମୋର କିବା [illegible] କି ବା ଇଚ୍ଛା ଥାଇପାରେ? ମୁଁ ତ ମୋର ମା କାନି ଛାଡ଼ିପାରୁ ନାହିଁ। ପୈତୃକ ମଟର ଚଢ଼ି ବୁଲୁଛି ବଣରେ। ଅସଲି ହୀରାର ହାର ଝଲମଲ୍ ଭଉଣୀ ବେକରେ। ଏଥି ସହ ପାଞ୍ଚବର୍ଷ ମାଟି କରି ମୁଁ ହୋଇଛି ଛିଡ଼ା ସେଇ ଦଳ ପାହାଚରେ।

କେଉଁଠୁ ଶୁଭୁଛି ଖାଲି ପଦେ ଗୀତ -'ଉପରକୁ ଅନା, ଉପରକୁ ଅନା, ଉପରେ ଦିଶିବ, ନୀଳଚକ୍ର ବାନା।' ମୂର୍ଖ ଜାଣେନା, ସବୁ ସହରରେ ଶ୍ରୀମନ୍ଦିର ନାହିଁ। ଜୀବନ ନିମନ୍ତେ ମୁଁ ଆଜି ପର୍ଯ୍ୟନ୍ତ କୌଣସି ଉଲ୍ଲେଖଯୋଗ୍ୟ ସଂଘର୍ଷର ସମ୍ମୁଖୀନ ହୋଇନାହିଁ। ଏହାକୁ ସ୍ୱୟଂ-ସ୍ୱାକ୍ଷରିତ ଘୋଷଣାପତ୍ର ମନେକରି କେହି କୌଣସି ଗୁରୁତ୍ୱ ନ ଦେଲେ ବି କିଛି ଯାଏଆସେନାହିଁ। ଅସଲ କଥା, ଏ ସହରରୁ ବିଦାୟ ନେଇ ଗୋଟିଗୋଟି କରି ମୋର ଅନ୍ତରଙ୍ଗ ବନ୍ଧୁଗଣ ଚାଲିଯିବା ପରେ ମୁଁ ନିଃସଙ୍ଗ ହୋଇପଡ଼ିଲି। ଏବଂ ଏତେଦିନ ପର୍ଯ୍ୟନ୍ତ ମୋ ଜୀବନରେ ସଂଘର୍ଷ ସୃଷ୍ଟି ହୋଇ ନ ଥିବା କଥାକୁ ଏକ ଦୃଢ଼ ସତ୍ୟ ଭାବେ ସ୍ୱୀକାର କରିନେଲି। ଏ ପର୍ଯ୍ୟନ୍ତ ମୁଁ ଯାହା କରୁଥିଲି ଓ କହୁଥିଲି ସବୁଥିରେ ମୋତେ ସମର୍ଥନ ହିଁ ମିଳୁଥିଲା। ମାତ୍ର ଆଜିକାଲି, ମୁଁ ଯାହା ସବୁ ଦେଖୁଛି, ଶୁଣୁଛି ଓ ଅନୁଭବ କରୁଛି - ଉଚିତ ହେବ ଯଦି ମୁଁ ମୋ ସହିତ ସମ୍ପୃକ୍ତ ସମସ୍ତଙ୍କୁ ଭୁଲି ଯାଇପାରିବି।

ସେଦିନ ସନ୍ଧ୍ୟାରେ ଘରକୁ ଫେରି ଦେଖିଲି ମୋର ସ୍ତ୍ରୀ ଖଟରେ ପଡ଼ି ଖଣ୍ଡିଏ ବହି ପଢ଼ିବାରେ ଏତେ ନିମଜ୍ଜିତ ଯେ ମୋର ଆଗମନ ମଧ୍ୟ ଅନୁଭବ କରିପାରୁ ନାହିଁ। ମୁଁ ପଚାରିଲି,-କି ବହି ପଢୁଛ ଦେଖି?

ମୋ ହାତକୁ ବହି ଖଣ୍ଡିକ ବଢ଼ାଇଦେଇ ସୁଜାତା ଶୋଇରହିଲା ପୂର୍ବବତ୍। ମୂଲ୍ୟବାନ୍ କାଗଜରେ ସୁମୁଦ୍ରିତ କ୍ଷୁଦ୍ର ଏକ ବହି। ଜ୍ୟୋତିପ୍ରକାଶର ସଦ୍ୟପ୍ରକାଶିତ କବିତାବଳୀ।

ପୁଣି ପଚାରିଲି,-କେଉଁଠୁ ଆଣିଲ?

ସୁଜାତା କହିଲା,-କାହିଁକି? ବଜାରରୁ।

ତା'ର ଏ ଧରଣର ସିଧାସଳଖ ଉତ୍ତରରେ ମୁଁ କେବଳ 'ଓଃ' କହିଥିଲି। ଏହାପରେ ମୁଁ ସପ୍ତାହେ କାଳ ଲକ୍ଷ୍ୟ କରିଛି, ସୁଜାତା ସେଇ ଚଉଷଠି ପୃଷ୍ଠାର ବହିଟାକୁ ସବୁବେଳେ ପାଖରେ ରଖି ପଢୁଛି। ସତେ ଯେମିତି କବିତାଗୁଡ଼ିକ ପଢୁପଢୁ କେଉଁ ସୁଦୂର ଅତୀତ କିମ୍ବା ଭବିଷ୍ୟତ ଆଡ଼କୁ ଚାଲି ଯାଉଛି। କେଉଁ ଏକ ଅନ୍ତହୀନ ଯାତ୍ରାରେ ଅଗ୍ରସର ହେଉଛି ତା'ର ମନ। ଆଉ ଦିନେ ସନ୍ଧ୍ୟାରେ ସୁଜାତା ମୋତେ ସୂଚନା ଦେଲାଭଳି କହିଲା,- ଆଜି ଜ୍ୟୋତିବାବୁ ଆସିଥିଲେ।

ମୁଁ ପଚାରିଲି,- କୁଆଡ଼େ ଗଲେ?

Digitized by srujanika@gmail.com

ସୁଜାତା ଜଣାଇଲା,-କାଲି ପୁଣି ଆସିବେ। ଏଠି କଣ ଗୋଟେ କବି ସମ୍ମେଳନ ହେଉଛି, ସେଥିପାଇଁ ଆସିଛନ୍ତି।

ମୁଁ ତାକୁ ଶୁଣାଇଲି,- ସୁଜାତା, ମୁଁ ଆଜି ବାଙ୍ଗାଲୋର୍ ଯାଉଛି। ଫେରିବାକୁ ଆଠ ଦଶ ଦିନ ଲାଗିଯିବ।

ଏହାହିଁ ଥିଲା ମୋର ଶେଷକଥା। ସେ ଦୁହିଁଙ୍କ ମଧ୍ୟରେ ମୁଁ ଏକ ସେତୁ ନୁହେଁ, ତେଣୁ ପ୍ରାଚୀର କାହିଁକି ହେବି? ଇଚ୍ଛାକଲେ ହୁଏତ ମୁଁ ଜ୍ୟୋତିପ୍ରକାଶକୁ ସବୁଦିନ ପାଇଁ ଆମର ପରିଧିରୁ ହଟାଇ ଦେଇପାରିବି। ମାତ୍ର ମୁଁ ତାହା କରିବିନାହିଁ। ମୁଁ ଜାଣେ ସ୍ୱପ୍ନର କୌଣସି ପରିଧି ନାହିଁ, ସୁଜାତାକୁ ବନ୍ଦିନୀ କରି ହେବନାହିଁ।

ସଂଘର୍ଷ ଚାଲୁ। ପଇଁତ୍ରିଶ ବର୍ଷ ବୟସ୍କ ଅବିବାହିତ କବି ଜ୍ୟୋତିପ୍ରକାଶ ଆଉ ମୋର ସ୍ତ୍ରୀ ସୁଜାତା ମଧ୍ୟରେ। ସଂଘର୍ଷ ଚାଲୁ ମୋର ଆଉ ମୋର ଭିତରେ। ପୃଥିବୀର ସମସ୍ତ ଆଲୋକ-କେନ୍ଦ୍ର ନିର୍ବାପିତ ହେଉ। ମୋର ଫେରିବା ବାଟ ହଜିଯାଉ ଏକ ଆଦିମ ଅରଣ୍ୟରେ।



Digitized by srujanika@gmail.com

ହଠାତ୍ ଶେଷ

ବାଡ଼ିପଟରେ ଅରଖବୁଦା ତଳେ ବସିପଡ଼ିଲା ମାଧବୀ। ଭଙ୍ଗା ଭଟା ଥାଉ ଚୂନଛଡ଼ା ପାଚେରୀ କାନ୍ଥକୁ ଲାଗି ଅନେକଦିନୁ ଗଜେଇ ଉଠିଥିଲା ଅରଖ ବୁଦାଟି। ରାତିର ତରଳ ଅନ୍ଧାର ଭିତରେ ଗୋଳେଇଘାଣ୍ଟି ହେଇ ସେଇ ବୁଦାଟା ଭୟଙ୍କର ଦିଶୁଥିଲା। ଦିନର ସ୍ୱଚ୍ଛ ଆଲୋକରେ ଯେଉଁ ଫୁଲ ଦେଖି ସେ ବେଳେବେଳେ ମୁଗ୍ଧ ହୋଇପଡୁଥିଲା, ଏଇ ରାତିର ଅନ୍ଧକାର ଭିତରେ ତା'ରି ପିଶାଚ-ରୂପ ଦେଖି ମାଧବୀ ଶିହରି ଉଠିଲା। ତଥାପି ସେ ସେଇଠି ବସିପଡ଼ିଲା।

କାରଣ ଚେଷ୍ଟା କରିଥିଲେ ବି ବାଡ଼ିପଟ ପାଚେରୀ କବାଟ ଖୋଲି, ଆରପଟକୁ ସେ ଯାଇପାରି ନ ଥାନ୍ତା। କେତେଦିନରୁ ସେଇ କବାଟ-ଶିକୁଳିରେ ଝୁଲୁଥିବା ତାଲାକୁ ମୁର୍ଚ୍ଚା ଖାଇଗଲାଣି। କଣ୍ଟିକାଠି ହଜିଗଲାଣି। ଏକ ନୂତନ ବେଦନାର ବହିର୍ମୁଖୀ ପେଷଣରେ ଅସ୍ଥିର ହୋଇପଡୁଥିଲା ମାଧବୀ। ପିନ୍ଧା ଶାଢ଼ିରୁ ପୁଲେ ଦାନ୍ତରେ କାମୁଡ଼ି ଧରି ଭିତରୁ ବାହାରି ଆସୁଥିବା ଚିତ୍କାରକୁ ଆୟତ୍ତ କରିନେଲା ମାଧବୀ। ଚାରିପାଖରେ କଳା ମିଶ୍ମିଶ୍ ଅନ୍ଧାର। ସତେ ଯେମିତି ସେଇ ଅନ୍ଧକାରର ତରଳତା ତା'ର ଆଖି ଭିତରେ ପଶି ତାକୁ ଅନ୍ଧୁଣୀ କରିଦେଉଥିଲା, କାନ ଭିତରେ ପଶି ତାକୁ କାଲୁଣୀ କରିଦେଉଥିଲା। ଚାରିଆଡ଼େ ଥରେ ଦୃଷ୍ଟି ବୁଲାଇ ଆଣିବାକୁ ସେ ଚେଷ୍ଟା କଲା; ମାତ୍ର ପାରିଲାନାହିଁ। ଏଇ ଯନ୍ତ୍ରଣା, ଏଇ ଗ୍ଲାନି, ଏଇ ଅନ୍ଧାର - ସବୁରି ସମ୍ମିଳିତ ଚାପରେ ବିକଳ ହୋଇ ସେ ହୁଏତ ଚିତ୍କାର କରି ପକାଇଥାନ୍ତା। ମାତ୍ର ତାର ଓଠ ଦୁଇପାଳ ଯେମିତି ପରସ୍ପର ସହିତ ଲାଖି ଯାଇଥିଲେ। ଅସଂଖ୍ୟ ଚୁମ୍ବନର ଚାପରେ ବିବର୍ଣ୍ଣ ତାର ଓଠ ...... ଏବେ ଚିତ୍କାରଟିଏ କରିବାକୁ ସୁଦ୍ଧା ସାହସ ହରାଇ ବସିଥିଲେ।

ନା ନା ଆଉ କେବେ ନୁହେଁ। ଏଇ ପ୍ରଥମ ଏଇ ଶେଷ।

ମନେମନେ ଏକ ଶପଥ ନେଲା ମାଧବୀ। ତାର ତଳିପେଟ ଚିରି କଣ ଗୋଟାଏ ଯେମିତି ବାହାରି ଆସିବାକୁ ସଂଗ୍ରାମଶୀଳ। ଖୋଲ ଦ୍ୱାର। ଖୋଲ। ଏ ଅନ୍ଧକାରର ତରଳ ଗର୍ଭରୁ ମୋତେ ମୁକ୍ତ କର, ମୋତେ ସ୍ୱାଧୀନ କର। ଏହି ଦାବି ନେଇ ଯେମିତି କ'ଣ ଗୋଟାଏ ଏକକ ବିକ୍ଷୋଭରେ ଥିଲା ବଳୀୟାନ।

Digitized by srujanika@gmail.com

ଶୂନ୍ୟ ଆକାଶ, ଶୂନ୍ୟ ପୃଥିବୀ ମଧ୍ୟରେ ପଡ଼ିରହିଥିବା ନିରାଶ୍ରୟା ମାଧବୀର ଏ ଯନ୍ତ୍ରଣା ମଧ୍ୟ ଏକ ଶୂନ୍ୟ। ଅଣ୍ଟା ପାଖରୁ ତଳିପେଟ ଉପରେ ଦୁଇଟି କ୍ଷୀଣ ପାପୁଲିର ଚାପ ଦେଇ ଚିପିଧରିଲା ମାଧବୀ। ଯନ୍ତ୍ରଣାରେ ଛଟପଟ ହୋଇ ସେ କ୍ରମେ ନିଜର ଶକ୍ତି ଓ ସତ୍ତା ହରାଇ ବସୁଥିଲା। ସେ ଆଉ ବସି ରହିପାରିଲାନି। ଏଇ ଅନ୍ଧକାର, ବେଦନା ଓ ଅସ୍ଥିରତା ସମସ୍ତେ ମିଶି ତାକୁ ଚିତ୍ କରି ଶୁଆଇଦେଲେ। ତା ଦେହର ଗଣ୍ଡି ଶେଷାଂଶରେ ଦୁଇଟି ଜାନୁ ଏକ ବିଶିଷ୍ଟ କୋଣ ସୃଷ୍ଟି କରି ପ୍ରସାରିତ ହୋଇଗଲେ। ସେ ସେଇମିତି ଶୋଇ ରହିବାକୁ ବାଧ ହେଲା। ଆଉ ଏ ସ୍ଥିତି ପରିବର୍ତ୍ତନ ମଝିରେ କେତେବେଳେ ଯେ ତାର ସମଗ୍ର ଶରୀରକୁ ଢାଙ୍କି ରଖିଥିବା ଏକମାତ୍ର ଲୁଗା ଖଣ୍ଡିକ ତା ଦେହରୁ ଅପସାରିତ ହୋଇ ଭୂମିରେ ଲୋଟିପଡ଼ିଲା, ତାହା ମାଧବୀ ଜାଣିପାରିଲା ନାହିଁ। ପିଠି ତଳେ କଣ୍ଟାଳିଆ ଘାସ। ତଥାପି ତାକୁ ଶୋଇରହିବାକୁ ହେବ। ସେ ଏକ ପ୍ରଚଣ୍ଡ ଅଥଚ ବେଦନାଦାୟକ ବିସ୍ଫୋରଣକୁ ଅପେକ୍ଷା ନିଭାଇ ହଠାତ୍ ଅବଶ ହୋଇପଡ଼ିଲା।

ହେ ପ୍ରଭୁ ହେଲା, ହେଲା ଏତିକି। ଜୀବନ ମୋର ଶେଷ ହୋଇଯାଉ ପ୍ରଭୁ ! ମୁଁ ଆଉ ପାରିବି ନାହିଁ, ପାରିବି ନାହିଁ।

ନିଶ୍ୱାସପ୍ରଶ୍ୱାସର ଗତି ବଢ଼ିଗଲା। ହୃଦୟର ସ୍ପନ୍ଦନ ବଢ଼ିଗଲା। ସାରା ଅଙ୍ଗରେ ଏକ ପ୍ରକାର ଜଡ଼ତା। ଉଃ- ତାର ଅଜ୍ଞାନରେ କଣ୍ଠନଳୀରୁ ବାହାରି ନିରବ ରାତିର ଅବସନ୍ନ ବାୟବୀୟ ତରଙ୍ଗରେ ମିଳେଇଗଲା ଏକ ଧ୍ୱନି କିମ୍ବା ହୁଏତ ଏକ ଧ୍ୱନିର ଭଗ୍ନାଂଶ। ଅସହ୍ୟ ଯନ୍ତ୍ରଣାରେ ହାତ ପାଦ ଛାଟି ପକାଇଲା ମାଧବୀ; କିନ୍ତୁ ପଦଟିଏ ବି ଉଚ୍ଚାରଣ କରିପାରିଲା ନାହିଁ। ଚିତ୍କାର କରିଥିଲେ ବି ହୁଏତ ତାହା ସେଇ ଅରଖ ବୁଦାର ଅନ୍ଧକାର ଭିତରେ ଗୁଡ଼େଇ ତୁଡ଼େଇ ହୋଇ ହଜି ଯାଇଥାନ୍ତା।

ସେ ଆସୁଛି। ସେ ଆସୁଛି। ସେ ମୁକ୍ତିର ପଥ ଖୋଜୁଛି। ସେ ମାଧବୀର ସତ୍ତାରୁ ବିଯୁକ୍ତ ହୋଇ ନିଜର ସ୍ୱତନ୍ତ୍ର ସତ୍ତା ଜାହିର କରିବାକୁ ଚାହୁଁଛି। ପେଟଭିତରୁ କଣ ଗୋଟିଏ ଠେଲିଠେଲି ହୋଇ ଆସୁଛି।

ହେ ଭଗବାନ ! ମୋତେ ମୁକ୍ତ କର। ମୋ ଭିତରେ ଯାହାକୁ ଦୀର୍ଘ ଦଶ ମାସ ଧରି ବନ୍ଦୀ କରି ରଖିଛି ତାକୁ ବି ମୁକ୍ତ କର। ମାଧବୀ ଅବଶ ହୋଇପଡ଼ିଲା। ରାତିର ଅନ୍ଧକାର ସହିତ ତା' ନିଜ କୁକ୍ଷୀର ସେହି ବହିର୍ମୁଖୀ ଶକ୍ତି ମଧ୍ୟ ଜମାଟ ବାନ୍ଧୁଛି।

Digitized by srujanika@gmail.com

ତାର ଅଭ୍ୟନ୍ତରର ସମସ୍ତ ମାଂସପେଶୀର ଦୃଢ଼ ବନ୍ଧନ ହଠାତ୍ ଶିଥିଳ ହୋଇପଡ଼ିଲା ଓ ତାର ଦୁଇ ଜାନୁସନ୍ଧି ମଧ୍ୟରୁ ବାହାରି ଆସିଲା କଞ୍ଚା ମାଂସର ଏକ ବିଗ୍ରହ। ସେତେବେଳକୁ ମାଧବୀର ଦୁଇ ଗୋଡ଼ ତଳେ ପଡ଼ିଥିବା ଲୁଗା ଖଣ୍ଡିକ ରକ୍ତରେ ବତୁରି ସାରିଥିଲା। ତଥାପି, ଏ ଦୁର୍ଗମ ସଂଗ୍ରାମ ପରେ ମଧ୍ୟ ମାଧବୀର ହୋସ୍ ଉଡ଼ି ନ ଥାଏ।

ପୁଅ ନା ଝିଅ? ଏକଥା ଜାଣିବା ଆଗରୁ ଗର୍ଭନାଡ଼ କାଟିବା ପାଇଁ ଖପରା ଖଣ୍ଡେ ପାଇବାକୁ ହେବ।

ପୁଅ ନା ଝିଅ? ଏକଥା ଜାଣିବା ଆଗରୁ ଏଠୁ ମୁକୁଳି ଯିବାକୁ ପଡ଼ିବ।

ମାଧବୀକୁ ସବୁ ସ୍ପଷ୍ଟ ଓ ଉଜ୍ଜ୍ୱଳ ଦେଖାଗଲା। ଅନେକ ପ୍ରଶ୍ନ ଜଟାଡ଼ି ହେଲା ମନ ଭିତରେ। ପରିଚୟହୀନ ଏକ ଶିଶୁ କାହା ଆଶ୍ରୟରେ ବଂଚିବ ଏଠି?

ପୁଅ ନା ଝିଅ? ଦେଖିବା ପାଇଁ କି ଛୁଇଁବା ପାଇଁ ସମୟ ନାହିଁ। ପ୍ରୟୋଜନ ବି ନାହିଁ। ମାଧବୀ ତରତର ହୋଇ ଗର୍ଭନାଡ଼ଟି ଖପରାରେ ରେଁଟି ଛିଣ୍ଡାଇ ଦେଲା ଓ ତାପରେ ସେଇ ଜନମ ହୋଇଥିବା ଛୁଆଟାର କଅଁଳ ବେକଉପରେ ତାର ହାତପାପୁଲି ଗୁଡ଼େଇ ହୋଇଗଲା ଓ ଧୀରେଧୀରେ ତାହା ଏକ ଶକ୍ତମୁଠାରେ ପରିଣତ ହୋଇଗଲା। ସେଇ ମୁଠାଭିତରୁ ଖସିଯାଇ ଦୁଇ ହାବୁକା ପବନ, ପବନରେ ମିଳାଇଗଲା।

ଏଇ କାର୍ଯ୍ୟଟି ହୋଇଗଲା ପରେ ତା ମୁଣ୍ଡ ଭିତରକୁ କେତେ ନା କେତେ କଥା ଏକା ସାଙ୍ଗରେ ପଶିଆସିଲେ।

କ'ଣ କରାଯାଏ ଏଣିକି?

ଏଇଟାକୁ ତ ଏଠୁ ସଶରୀରେ ବିଦା ନ କଲେ ନ ଚଳେ।

କ'ଣ ଭାବି କେଜାଣି ମାଧବୀ ଉଠି ଠିଆହେଲା। ତଳେ ପଡ଼ିଥିବା ଲୁଗା ଖଣ୍ଡିକ ଗୋଟେଇ ପିନ୍ଧିପକାଇଲା। ବାଡ଼ିପଟ କବାଟ ପାଖରେ ଯାଇ ଠିଆହେଲା। ଶିକୁଳୀ ଲାଗିଥିବା ତାଲାଟିକୁ ଦୁଇଥର ଟାଣି ଦେଲାପରେ ଜାଣିଲା ଯେ ତହିଁରେ ଚାବି ପଡ଼ି ନ ଥିଲା। ତାଲାଟି ଖାଲି ସେମିତି ଝୁଲୁଥିଲା।

ତାଲା ପିଟିଯିବା ପରେ ସେ ଛୁଆ ପାଖକୁ ଫେରି ଆସିଲା। ତାର ଗୋଡ଼ଟିଏ ଧରି ତାକୁ ଝୁଲାଇ ଆଣିଲା। କବାଟକୁ ଗୋଡ଼ରେ ଟିକେ ଠେଲି ଦେବାରୁ ତାହା ଆଉ ଏକ ଅନ୍ଧକାର ଭିତରକୁ ଖୋଲିଗଲା।

Digitized by srujanika@gmail.com

ସେଇ ଅନ୍ଧାର ଭିତରେ ବୋହି ଯାଉଥାଏ ମୁଖ୍ୟ ନାଳ। ସହରର ଠିକ୍ ମଝିରେ ଗୋଟେ କଳାପଇତା ପରି ଲାଖିରହିଛି।

ବର୍ଷାପାଣି ଓ ନର୍ଦ୍ଦମା ମିଶି ବୋହିଯାଉଥାଏ ସେଇ ନାଳରେ। ମାଧବୀ ନାଳ ଆଡ଼କୁ ହାତ ଲମ୍ବାଇ ମୁଠାଟିକୁ ଢ଼ିଲା କରିଦେଲା। ତା ହାତରୁ ଖସିପଡ଼ିଲା ଗୋଟେ ମଣିଷ ଛୁଆ। ସେଇ ପ୍ରବାହରେ ଭାସିଗଲା ସଂଭାବନାଟିଏ। ମାଧବୀ କବାଟ ବନ୍ଦ କରି ଫେରିଆସିଲା।



Digitized by srujanika@gmail.com

କଥୋପକଥନ

-ଗାଡ଼ି କାହିଁକି କିଣିଲ ?

-ଆମର କ'ଣ ଏଯ ଗାଡ଼ି କିଣିବା ପ୍ଲାନ୍ ମୂଳରୁ ଥିଲା ? ମୋଟେ ନୁହେଁ, ବିଶ୍ୱାସ କରନ୍ତୁ। ଏଇ ଆମ ଟିକିଲି ପରା ଦିନେ ସ୍କୁଲରୁ ଫେରିଲାବେଳେ ତା ବାପାଙ୍କୁ କହିଲା, ପାପା ପାପା ସମସ୍ତଙ୍କର ଡ଼ାଡ଼ି ମମି ତ କାର୍ ନେଇ ଆସୁଛନ୍ତି, ତୁମେ କାହିଁକି ଏମିତି ଏକା ଏକା ସ୍କୁଟର୍‌ରେ ? ଏବେ କହନ୍ତୁ, ଏତେ ସାନ ପିଲାଟାକୁ କଣ ପ୍ରାୟୋରିଟି କଥା ବୁଝେଇ ହୋଇଥାନ୍ତା ? ସେଇଠୁ ଇଏ କହିଲେ, ବାକି ସବୁ କଥା ପରେ, ଆଗ କାର୍ କିଣା ହେବ। ନ ହେଲେ ଯଦି ପିଲାଟାର ଇନ୍‌ଫିରିଓରିଟି କମ୍ପ୍ଲେକ୍ସ ବଢ଼ିଯାଏ, ତାହେଲେ ପରେ ସମ୍ଭାଳିବା ମୁସ୍କିଲ୍ ହୋଇଯିବ। ରିଏଲି ଆମ ଟିକିଲି ପାଇଁ ହିଁ ଏ ଗାଡ଼ି ଖଣ୍ଡିକ ଆସିଲା।

-ବାଳ କାହିଁକି କାଟିଲେ ?

-ସମସ୍ତେ ଭାବୁଛନ୍ତି ଫେସନ୍ ବୋଲି, କିନ୍ତୁ ସେ କଥା ମୋଟେ ନୁହେଁ। ଅସଲ କଥା ହେଲା ଟାଇମ୍। କଥାରେ ନାହିଁ, ପାଗ ଭିଡ଼ୁ ଭିଡ଼ୁ କରେଇ ବରଖାସ୍ତ। ମୋର ବି ପ୍ରାୟ ସେମିତି ହେଉଥିଲା, ବେଣୀ ଗୁଂଥୁଗୁଂଥୁ କ୍ଲାସ୍ ଓଭର୍। ଜୀବନରେ କେତେ କାମ କରିବାକୁ ଅଛି, ଖାଲି ମୁଣ୍ଡରେ ପାନିଆ ଦେଇ, ବେଣୀ ଗୁଂଥି ସବୁ ସମୟ ସାରିଦେବା କଣ ଠିକ୍ ହୋଇଥାନ୍ତା ? ତା ଛଡ଼ା ଏଇ ଛୋଟ ବାଳରେ ସାବୁନ ତେଲ ଖର୍ଚ୍ଚ ବି ତ କମ୍। ସେଇଠୁ ଦିନେ କାଟିଦେଲି ତ।

-ଏ କୁକୁରଟାକୁ କାହିଁକି ପୋଷିଛ ?

-ଅନ୍ୟମାନେ ଯେଉଁଥିପାଇଁ ପୋଷନ୍ତି, ସେଇଥିପାଇଁ ନୁହେଁ। ଏଇ ଦେଖନ୍ତୁ ଆଗେ ଘର ଜଗିବା ପାଇଁ ବୁଢ଼ାବୁଢ଼ୀମାନେ ରହୁଥିଲେ। ଏବେ ବି ଗାଁରେ ରହୁଛନ୍ତି। ମାତ୍ର ଏଠି ତ କେବଳ ଆମେମାନେ। କୁକୁରଟିଏ ଘରେ ନ ଥିଲେ କୁଆଡ଼େ ବାହାରକୁ ଯାଇ ହୁଏନାହିଁ। ତାଛଡ଼ା ଇଏ ଓ ପିଲାମାନେ ତ ଦିନ ସାରା ଅଫିସ୍ ଆଉ ସ୍କୁଲରେ। ଏକାଏକା କ'ଣ ଘରେ ରହିହୁଏ ? ତେଣୁ କୁକୁରଟିଏ ରଖିଛି, ତା ସାଙ୍ଗରେ ସମୟ ବିତିଯାଏ। କେହି ଅଚିହ୍ନା ଲୋକ ଆସିଲେ ଏଇ କୁକୁରଟା ଯୋଗୁଁ ହିଁ ବେଶ୍ ରକ୍ଷା ମିଳିଯାଏ।

Digitized by srujanika@gmail.com

-ଏତେ ଢାହ୍‌ସେ୍ ଢାଢ଼ି଼ି ପାଇଛ ?

-କେବଳ କେକ୍ଟସ୍ ହିଁ ତ ବେଶ୍ ଉଦ୍‌ଭିଦ ପରି ଚିଉଁପାରେ। ଅନ୍ୟ ଗଛମାନଙ୍କୁ କେତେ ଉପଦ୍ରବ ଓ ଅତ୍ୟାଚାର ସହିବାକୁ ପଡ଼େ ଆପଣ ଲକ୍ଷ୍ୟ କରି ନାହାନ୍ତି ? କେବଳ ଏଇ କେକ୍ଟସ୍‌କୁ ହିଁ ସମସ୍ତେ ଦୂରରୁ ଦେଖନ୍ତି, ଡରନ୍ତି। କେହି ପାଖ ମାଡ଼ନ୍ତି ନାହିଁ। ଚୋରି କରି ନେଲା ଭଳି କିଛି ନାହିଁ ଏଇ ଗଛରେ। ତେଣୁ ଅନ୍ୟ କୌଣସି ଗଛ ନ ଲଗାଇ ଆମେ ଏଇଟିକୁ ହିଁ ଲଗେଇଛୁ।

-ପିଲାଂକୁ ଇଂଲିଶ୍ ଢାଢ଼ିଁ ପଢ଼ାଇଛ ?

-ଆଜ୍ଞା କଥା, ଓଡ଼ିଶାରେ ରହି ଇଂଲିଶ୍ ନ ଜାଣିଲେ ଏମାନଙ୍କ କଥା କିଏ ଶୁଣିବ, କିଏ ମାନିବ ? ଇଂଲିଶ୍ ନ ପଢ଼ିଲେ, ଏମାନଙ୍କ ଭବିଷ୍ୟତ ମାରା ହୋଇଯିବ ନାହିଁ?

- ତୁମର ଛତାକୁ ଯେଉଁ ତରଳ ଝାଡ଼ା ଓ ବାନ୍ତି ହେଉଥିଲା, ତାହା କ'ଣ ବନ୍ଦ ହେଲାଣି ?

- ନାଇଁ ପରା, ଦୁଇଟା କାଠି ଓପାଡ଼ିବାକୁ ପଡ଼ିଲା।

- ହଁ ସେ କଥା କହୁନ, ଛତାର ଏମିତି ଅସୁଖ ବେଳେ ତୁମେ ନିଶ୍ଚେ କିଛି ଉପାୟ ଉଲମ କରିଥିବ ନା।

- ମୁଁ କ'ଣ ମନା କଲି ? କିନ୍ତୁ ତୁମେ ତୁମର ସେ ହାତୀଟିକୁ କେମିତି ସମ୍ଭାଳିଲ ?

- ତାକୁ ମୁଁ ଆଉ ସମ୍ଭାଳିଲି କେତେବେଳେ ? ମୁଁ ପରା ତାକୁ ନେଇ ବେଙ୍କ ଲକର୍‌ରେ ଛାଡ଼ି ଦେଇଆସିଛି।

- ଠିକ୍ କରିଛ, ସେଇ ବେଙ୍କୁ ହାତୀକୁ ତାହା ହିଁ ଚାହି।

- ହେଲେ କ'ଣ ହେବ ? ହାତୀଟା ଗଲା ପରେ ଆମର ଟି.ଭି.କୁ ଆଉ ଜମାରୁ ନିଦ ହେଉନାହିଁ।

-କାହିଁକି ? ସେ ଦିହିଁଙ୍କ ମଝିରେ କିଛି ଏମିତି ସେମିତି ଭାବ ଥିଲା କି ?

- ନିଶ୍ଚେ ଥିବ। ନ ହେଲେ ଏଇ ଛଅ ବରଷର ବାଳୁତ ଟି.ଭି.ଟା ଏମିତି ତୁଚ୍ଛାକୁ ନ ଶୋଇ ନ ଶୋଇ ......

- ବୁଝିଗଲି। ପୂରାପୂରି ବୁଝିଗଲି।

- କେଉଁ କଥା ?

- ହାତୀଟା ଲକର୍ ଭିତରୁ ନିଶ୍ଚେ କୌଣସି ନା କୌଣସି ଉପାୟରେ ଟି.ଭି. ପାଖକୁ ଖବର ପଠାଉଥିବ।

Digitized by srujanika@gmail.com

- ଅସମ୍ଭବ ନୁହେଁ। କିନ୍ତୁ ମୁଁ ଆଉ ବେଶିଦିନ ଏଇ ସବୁବେଳେ ଚେଇଁଥିବା ଟି.ଭି.କୁ ଦେଖି ପାରିବିନାହିଁ। ତାକୁ ବି ନେଇ ଲକର୍ ଭିତରେ ଛାଡ଼ି ଦେଇ ଆସିବି।

- ତାହେଲେ ତୁମେ ନିଜେ ରହିବ କେଉଁଠି ?

- ମୋର କ'ଣ ଅଛି ? ମୁଁ ତ ଗୋଟିଏ ଲଫାପା ଭିତରେ ଶୋଇପଡ଼ିବି।

- ଆଚ୍ଛା, ଲଫାପା ଭିତରେ ତୁମକୁ ନିଦ ମାଡ଼େ ?

- ମାଡ୍ କହିଲେ ମାଡ଼େ, ଛାଡ୍ କହିଲେ ଛାଡ଼ିଦିଏ।

- ବେଶ୍ ତ, ତୁମେ ନିଦକୁ ସୁନ୍ଦର ପୋଷା ମନେଇଛ।

- ପିଲାଟି ଦିନରୁ ପରା ମୋ ସାଙ୍ଗରେ ଅଛି।

- ତୁମର ଭାଗ୍ୟ ଭଲ। କିନ୍ତୁ ମୋ ନିଦ ବଡ଼ ଦୋଚାରୁଣୀଟାଏ।

- କଣ କରେ କି ସେ ?

- କରିବ ଆଉ କ'ଣ ? ସାଇ ସାଇ ବୁଲି ନାଗର ଖୋଜୁଥାଏ।

- ଛି ଛି ଛି ଏମିତି ନିଦର ମାଡ଼ିବା କେତେ, ପୁଣି ନ ମାଡ଼ିବା ଅବା କେତେ ?

- ମୁଁ ତା କଥା ଆଉ ସେତେ ଭାବୁନାହିଁ।

- କେହି ଭାବୁ କି ନ ଭାବୁ, ନିଦକୁ ଛାଡ଼ି କ'ଣ ସତରେ ରହି ହେବ ?

- ତୁମର ଟି.ଭି.ଟା ତ ପୁଣି ରହିଛି।

- ଠିକ୍ କହିଛ, ତୁମେ ଏଇ ଦିଗରୁ ଦେଖିଲେ ଠିକ୍ ଆମର ଟି.ଭି. ପରି।

- ମୁଁ କାହିଁକି ଟି.ଭି. ପରି ହେବାକୁ ଯିବି ?

- କୌଣସି ଆଡ଼େ ନ ଯାଇ ସୁଦ୍ଧା ତୁମେ ତା ପରି ହୋଇସାରିଛ।

- ତା ହେଲେ ତୁମ ଟି.ଭି.ଟିକୁ ମୋ ପାଖକୁ ପଠାଇ ଦେଉନ ?

- କ'ଣ ହେବ ସେଥିରୁ ?

- ଆମେ ଦୁହେଁ ସାଂଗ ହୋଇ ରହିବୁ।

- ହାତୀକୁ ତୁମର ଟିକିଏ ବି ଡର ନାହିଁ?

- ହାତୀ ମୋର କଣ କରିବ ? ସେ ତ ଲକର୍ ଭିତରେ ଆଉ ଚାବି ? ଚାବି ମୋ ହାତରେ

- ଚାବିଟା ଯଦି ହଜିଯାଏ କି ଚୋରି ହୋଇଯାଏ ....?

- ବ୍ୟବସ୍ଥା ହୋଇଛି।

Digitized by srujanika@gmail.com

- ମୁଁ କ'ଣ କହୁଥିଲି କି ଏଇ ଚାବି ଏପଟ ସେପଟ କି କିଛି ଗୋଟେ ହୋଇ ଯଦି ହାତୀଟା ବାହାରି ଆସେ।

- ହାଃ ହାଃ ହାଃ ସର୍କସ ଦଳର ପୁରୁଖା ମାହୁନ୍ତ ବେଞ୍ଚ୍ ସାମ୍ନା ରାସ୍ତାରେ ଚଗି ବସିଛି।

- ହାତୀକୁ ଧରି ନେଇ ଯାଇ ପାରିବ?

- ନିଶ୍ଚୟ।

- ଆଚ୍ଛା, ଆମେ ସର୍କସ୍ ଦେଖିବାକୁ ଯିବା?

- ହଁ ଟି.ଭି.କୁ ସାଂଗରେ ନେବା।

- ଟି.ଭି. ଯାଇ ସେଠି କ'ଣ କରିବ?

- ସର୍କସ ଦେଖିବ। ନ ହେଲେ ପାଂପଡ଼ ଖାଇବ।

- ଅବଶ୍ୟ।



Digitized by srujanika@gmail.com

କିଏ କୁଆଡ଼େ ?

ଆମେ ଯେତେବେଳେ ଷ୍ଟେସନରେ ପହଂଚିଲୁ, ସେତେବେଳେ ସେଠାରେ କୌଣସି ଗାଡ଼ି ନ ଥିଲା। ରେଳବାଇ ଚା ଦୋକାନରେ ଜୀବନ ଭକ୍ତି ସ୍ୱାଦହୀନ ଚା ଖାଉଖାଉ ଦୁଇଜଣ ଭଦ୍ରବ୍ୟକ୍ତି ଇଂଲିଶ୍‌ରେ କଥାବାର୍ତ୍ତା କରୁଥିଲେ। ତାଂକ ପାଦତଳେ ଗୋଟିଏ ନୀଳ ମୋଡ଼ା ସୁଟ୍‌କେଶ୍ ଥୁଆ ହୋଇଥିଲା ଏବଂ ତାର ପିଠିରେ ସୁଂଦର ଇଂଲିଶ୍ ଅକ୍ଷରରେ ଲେଖା ହୋଇଥିଲା "ମିସ୍ ଜ୍ୟୋତ୍ସ୍ନା ରାୟ"।

ଏହାପରେ ଇଚ୍ଛା କଲେ ଏହି ଜ୍ୟୋତ୍ସ୍ନା ରାୟ ସହିତ ମୋର ତତ୍କାଳୀନ ସମ୍ପର୍କ ବିଷୟ ବ୍ୟାଖ୍ୟା କରି ମୁଁ ସୁଂଦର ଭାବରେ ଗୁଜବ୍‌ର ବୋମାଟିଏ ଫୁଟାଇ ପାରିବି। ମାତ୍ର ମୁଁ ତାହା କରିବି ନାହିଁ କାରଣ ମୋର ବଂଧୁ ଶଂକର (ଯାହା ସାଂଗରେ ମୁଁ ଏଇ ଷ୍ଟେସନକୁ ଆସିଛି) ବିଶ୍ୱାସ କରେ ଯେ, ଏଇ ପୃଥିବୀରେ ପବିତ୍ର ପ୍ରେମ ବୋଲି କିଛି ନାହିଁ ଏବଂ ଏହାର ପ୍ରଥମ ପ୍ରମାଣ ହେଉଛି ମିସ୍ ଜ୍ୟୋତ୍ସ୍ନା ରାୟର ବିବାହ। ଅବଶ୍ୟ ବିବାହ ପରେ ସୁଦ୍ଧା ସେ "ମିସ୍" ହୋଇ ରହିଯାଇଛି। ଅନୁମାନ କରିନେଲି, ଏଇ ଚା ଦୋକାନ ପାଖରେ ଠିଆ ହୋଇଥିବା ଭଦ୍ରବ୍ୟକ୍ତି ଦ୍ୱୟଙ୍କ ମଧ୍ୟରୁ ଜଣେ ନିଶ୍ଚୟ ତାର ସ୍ୱାମୀ, ପତି, ପରମେଶ୍ୱର ଇହପରକାଳର ଦେବତା।

ପ୍ରେମର ଶେଷ ଯେ ବିବାହ ଏ କଥା ମୁଁ କହିବାକୁ ଚାହେଁନା। ଶଂକର ମଧ୍ୟ ଏଥିରେ ଏକମତ।

ଏବଂ ଆହୁରି ଆଗକୁ ଆସି ଆମେ ଦେଖିଲୁ ଯେ, ମହିଳା ବିଶ୍ରାମାଗାର ସାମ୍ନାରେ ମୁଂଡରେ ଓଢ଼ଣା ଦେଇ ଜ୍ୟୋତ୍ସ୍ନା ଠିଆ ହୋଇଛି।

ସେ ହାତ ଟେକିବା ପୂର୍ବରୁ ମୁଁ ନିଜ ଅଜାଣତରେ ପଚାରି ଦେଲି - "କୁଆଡ଼େ ?" - "କଲିକତା। ଆମେ ଆଜିକାଲି କଲିକତାରେ ରହୁଛୁ। ଆଉ ଆପଣ ?" ତାର କଂଠରେ ମୁଁ ଏଥର ଅନୁଭବ କଲି ଏକ ସଂକ୍ଷିପ୍ତ ଭଦ୍ରତାର ଲକ୍ଷଣ ଏବଂ ସ୍ମରଣ କଲି ଏକ ନୀରବ କୋଠରୀର ଅଂଧାରରେ ତାର କଂଠ ନିର୍ଗତ ଶୀତ୍କାରକୁ।

ଶଂକର କହିଲା - "ଆମେ ଆଜିକାଲି ଷ୍ଟେସନରେ ରହୁଛୁ। କିଏ କୁଆଡ଼େ ଯାଉଛଂତି, କିଏ କେଉଁଠୁ ଆସୁଛଂତି, ଜାଣିବା ପାଇଁ... ଦେଖିବା ପାଇଁ।" ଶଂକର ସବୁବେଳେ ଏମିତି କଥା କହେ।

Digitized by srujanika@gmail.com

ଜ୍ୟୋତ୍ସ୍ନା ଥ଼ଁ କରି ଅନାଇ ରହିଲା।
ତା ପରେ ଘଂଟି ବାଜିଲା।
ତା ପରେ ଭୀଡ଼ ବଢ଼ିଗଲା।
ତା ପରେ ସେଇ ଭଦ୍ରବ୍ୟକ୍ତି ଦ୍ୱୟଂକ ମଧ୍ୟରୁ ଜଣେ ସୁଟ୍‌କେଶ୍‌ଟିକୁ ଉଠାଇ ଲାଇନ ଆଡ଼କୁ ଟିକିଏ ଆଗେଇ ଗଲେ। ତା ପରେ ମୁଁ କହିଲି, - "ହେଇ ତୁମର ଗାଡ଼ି ଆସିଲା।"
ଏବଂ
ତା ପରେ ଜ୍ୟୋତ୍ସ୍ନା ରାୟ ମୁଣ୍ଡରୁ ଓଢ଼ଣା ଖସିପଡ଼ିଲା।



Digitized by srujanika@gmail.com

ନିଷେଧାଜ୍ଞା

ଦମକଳ ବାଲା ଭାଇରେ !
ସେ ନିଆଁ ଲିଭାଇବାକୁ ଯା'ନା। ତା ଘରେ ଯେତେ ସବୁ ଆସବାବ ଉପହାର ରୂପେ ମିଳିଛି। ଟଙ୍କା ସବୁ ଲାଞ୍ଚ। ଗହଣା ସବୁ ରିସ୍‌ପତ୍। ତାର ଗୋଟା ଘରଟା ଚୋରା ଟଙ୍କାରେ ଗଢ଼ାହୋଇଛି।
ଜଳି ଯାଉ ସେ ଘର।
ଦମକଳ ବାଲା ଭାଇରେ !
ସେ ନିଆଁ ଲିଭାଇବାକୁ ଯା'ନା।

.

ହେ ଗଉଡ଼ ଭାଇ !
ତା ଘର ଗାଇକୁ ଛୁଇଁବୁନାହିଁ। ବଡ଼ ମାରଣା ସେ ଗାଇ। ଲାଂଜରେ ହାତ ଦେଲେ ଖୁରାଲେ ଲାତ ମାରେ। ସେ ସେମିତି ଚରିବୁଲୁ ଥାଉ। ତା'ର କ୍ଷୀର ତା'ର ବାଛୁରୀ ଖାଉ।
ହେ ଗଉଡ଼ ଭାଇ !
ତା ଘର ଗାଇକୁ ଛୁଇଁବୁ ନାହିଁ।

.

ଡାକ୍ତର ଭାଇ !
ସେ ରୋଗୀଟାର ପାଖ ମାଡ଼ିବନାହିଁ। ତା ଲୋକ ଆସି ତୁମର ଭେଟଣା ପଇଠ କରି ନାହାଂତି। ସେ ମରିଯାଉ।
ଡାକ୍ତର ଭାଇ !
ପାହାଚ ଡେଇଁଲା ପରି ତା ଖଟିଆଟିକୁ 'ଭିଜିଟ୍' ବେଳେ ଡେଇଁ ଦେବ।

.

ହେ ଶାସକ ଭାଇ !
ତୁମେ ଆମ କଥା ଚିନ୍ତା କରିବନାହିଁ। ତୁମର ଗୁଡ଼ା ଭିତରେ ବସି ଘଂଟାକୁ ଚଉରାନବେ ଗତିରେ ଦସ୍ତଖତ ପକାଉଥିବ। ସଂଧ୍ୟାବେଳେ କ୍ଳବ୍‌ରେ କ୍ଳାନ୍ତିହାରିଣୀ ଖେଳ ଆଉ ପାନୀୟ। ରାତିରେ ପୁରୁଣା 'ଡେଟ୍' ସାଂଗରେ ଗପ। ଆମେ କେମିତି ଅଛୁ ନା ମୋଟେ ନାହୁଁ, ସେ କଥା ଚିନ୍ତା କରିବା ଦରକାର ନାହିଁ।
ହେ ଶାସକ ଭାଇ !
ତୁମେ ଆମ କଥା ଚିନ୍ତା କରିବନାହିଁ

Digitized by srujanika@gmail.com

ହେ ମଣିଷ ଭାଇ !

ସୂର୍ଯ୍ୟ ସାଂଗରେ ଆଖି ମିଳାଇବ ନାହିଁ। ଶୁଣି ନାହଁ ସେ ଖବରେ ? ଆମେରିକାର ପାଞ୍ଚଜଣ ଯୁବକ ନିଶା ଭୋଳରେ ସୂର୍ଯ୍ୟକୁ ନିଷ୍ପଲକ ଚାହିଁ ରହିବାରୁ ଅଂଧ ହୋଇଗଲେ। ବହୁତ ନୂଆ ଦୃଶ୍ୟ ଦେଖିବାର ଅଛି। ଏମିତି ସମସ୍ତେ ଅଂଧ ହୋଇଯିବା ଉଚିତ ନୁହେଁ।

ହେ ମଣିଷ ଭାଇ !

ସୂର୍ଯ୍ୟ ସାଙ୍ଗରେ ଆଖି ମିଳାଇବ ନାହିଁ।



Digitized by srujanika@gmail.com

ତରଙ୍ଗ

-ସମ୍ବଲପୁରରେ ଯାହା ମିଛ କଟକରେ ତାହା ସତ ମଧ ହୋଇପାରେ।
ସେ ହଁ କଲା।

ତାଙ୍କ ହଷ୍ଟେଲ୍ କାନ୍ଥରେ ଶୁଖୁଥିବା ଶାଢ଼ିଗୁଡ଼ିକରୁ ମୁଁ ଫୁଲ ଗଣିବାରେ ଲାଗିଲି।

-ତୁମେ କେବେ ଯାଉଛ ?

-ଠିକ୍ କରିନାହିଁ।

-ତଥାପି ?

-ତଥାପିମାନଂକ ଉପରେ ମୋର ବିଶ୍ୱାସ ନାହିଁ। ସେ ଏଥର ସାମ୍ନାରେ ବିସ୍ତୀର୍ଣ୍ଣ ପଡ଼ିଆରେ ଘାସ ଚରୁଥିବା ଗାଈଟିକୁ ନିରେଖିବାରେ ମନ ଦେଲା।

-ତୁମେ ତା ହେଲେ.....

-ନା।

-କିନ୍ତୁ କାହିଁକି ?

-ମୁଁ ତୁମଠୁ ବୟସରେ ବଡ଼।

-କଣ ହେଲା ସେଇଠୁ ?

-ଜାତିରେ ମଧ ଭିନ୍ନ।

-ଚଳିବ।

-ତୁମେ ପାରିବ, ମୁଁ ପାରିବି ନାହିଁ।

ଶାଢ଼ି ଦେହର ଫୁଲ ସବୁ ଘୂରିବାକୁ ଲାଗିଲେ। ମୋତେ ଖରା କାଟୁଥିଲା। ଗୋଟିଏ ରିକ୍ସା ଆସି ହଷ୍ଟେଲ୍ ପୋର୍ଟିକୋରେ ଠିଆହେଲା।

-ଏତେ ଦିନଯାଏଁ ଯାହା ହେଲା...

-ଭୁଲିଯାଅ।

-କିନ୍ତୁ ?

-ଗୋଳେଇ ଘାଣ୍ଟି କିଛି ଲାଭ ନାହିଁ

ଏହାପରେ ସେ ହାତଘଣ୍ଟାକୁ ଚାହିଁଲା।

-କ୍ଲାସ ଅଛି।

-ତା ହେଲେ ତୁମେ ଯିବ ?

-ନିଶ୍ଚୟ

-ମୁଁ ଫେରିବି ?

-ନିଶ୍ଚୟ।

Digitized by srujanika@gmail.com

ଏହାପରେ ମୁଁ ଦେଖିଲି ପଡ଼ିଆରେ ଗାଈଟି ନାହିଁ। ହଷ୍ଟେଲ୍ କାନ୍ଥରେ ଶାଢ଼ି ସବୁ ନାହିଁ। ପୋର୍ଟିକୋରୁ ଯେଉଁ ରିକ୍ସାଟି ଚାଲିଯାଉଛି ତହିଁରେ ଏକ ନୂଆ ଝିଅ।

ମୁଁ ରିକ୍ସା ପଛେପଛେ ସାଇକଲ୍ ଚଳାଇଲି।



Digitized by srujanika@gmail.com

ପ୍ରଥମ ପତ୍ର

ଟିକିଏ ପୂର୍ବରୁ ଯେଉଁ ବ୍ୟସ୍ତତା ଥିଲା, ତାହା କ୍ରମଶଃ ସ୍ଥିର ହେଉଛି। ଯେଉଁମାନେ ଯିବାପାଇଁ ଆସିଛନ୍ତି, ସେମାନେ ଡବାମାନଙ୍କରେ ଚଢ଼ି ଗଲେଣି। କେତେଜଣ ଝରକା ବାଟଦେଇ ମୁଂଡ କାଢ଼ି ପ୍ଲାଟଫର୍ମ ଉପରେ ଛିଡ଼ା ହୋଇଥିବା ବଂଧୁବାନ୍ଧବଙ୍କ ସହ କଥାଭାଷା କରୁଛଂତି।

ସୁଲେଖା ମଧ ଝରକା ବାହାରକୁ ମୁଂଡ କାଢ଼ି ପ୍ଲାଟଫର୍ମ ଉପରେ ଛିଡ଼ା ହୋଇଥିବା ଅନୁପମର ସମଗ୍ର ଶରୀରକୁ ଚାହିଁଛି। ଅନୁପମର ଚିର ପ୍ରଭାବଶାଳୀ ଦୁଇଟି ଆଖି ଆଜି ଉଦାସ ଭାଂଗି ଉଜ୍ଜ୍ୱଳତର ହୋଇ ପଡୁଛଂତି। ଅନୁପମର ଓଠ ଥରୁଛି....ସେ ହୁଏତ କିଛି କହିବାକୁ ଚାହୁଁଛି ମାତ୍ର କହି ପାରୁନାହିଁ।

ଦୀର୍ଘ ତିନିବର୍ଷ ଧରି ପ୍ରତିଦିନ ସୁଲେଖାର ପଢ଼ା କୋଠରିରେ ହାଜିରା ପକାଇ ମଧ ଅନୁପମ କେବଳ ହସେ..... ସୁଲେଖାକୁ ହସାଇବାକୁ ଚେଷ୍ଟା କରେ। ପଢ଼ା ବିଷୟରେ ଅନେକ କଥା କହେ। ନିଜ ବିଷୟରେ ଦିନେ ହେଲେ କିଛି କହିନାହିଁ କିଂବା ସୁଲେଖା ବିଷୟରେ ଦିନେ ହେଲେ କିଛି ପଚାରି ନାହିଁ। ଆଜି ଏଇ ସହରରୁ ବିଦାୟ ନେଇ ସୁଲେଖା ଯାଉଛି ତାର ବାପା, ମା, ଭାଇ, ଭଉଣୀଙ୍କ ସାଂଗରେ। ସୁଲେଖାର ବାପାଂକୁ ବଦଳି ହୋଇଛି।

କିଛି ସମୟ ପରେ ହୁଏତ ଟ୍ରେନ୍‌ଟା ଛାଡ଼ିବ। ଅନୁପମର ଆଖିରେ ଅନେକ ଅଶ୍ରୁର ସଂଭାବନା। ଚାରିଆଡ଼ର ଦୃଷ୍ଟି ଯେମିତି କେନ୍ଦ୍ରୀଭୂତ ହୋଇ ପଡ଼ିଛି ଏଇ ସୁଦର୍ଶନ ଯୁବକଟି ଉପରେ।

ଟ୍ରେନ୍ ଘଂଟି ବାଜିଲା। ପ୍ଲାଟଫର୍ମ ଉପରୁ ଭୀଡ଼ ପତଳା ହେଉଛି। ହୃଦୟରେ ଦଂଭ ନେଇ, ମନରେ ସାହସ ନେଇ ଅନୁପମ ପକେଟ ଭିତରେ ହାତ ପୂରାଇଲା। ଖଂଡେ ଇନଭେଲପ କାଢ଼ି ସୁଲେଖା ହାତକୁ ବଢ଼ାଇ ଦେଲା।

କହିଲା, - "ମୋ ରାଣ ସେଠି ପହଂଚିବା ଆଗରୁ ଏ ଚିଠି ପଢ଼ିବ ନାହିଁ"। ଟ୍ରେନ୍ ଚାଲିବାକୁ ଆରମ୍ଭ କରିଥାଏ। ହାତ ହଲାଇଲା ସୁଲେଖା। ଦେଖିଲା, ଆଖିରେ ରୁମାଲ ଢାଙ୍କି ସେ'ଯାଏଁ ଅନୁପମ ଷ୍ଟେସନରେ ଛିଡ଼ା ହୋଇଛି।

Digitized by srujanika@gmail.com

ସୁଲେଖାର ଆଦୌ ଧୈର୍ଯ୍ୟ ନାହିଁ। ସେ ଅପେକ୍ଷା କରି ପାରିଲାନାହିଁ। ସେଇ ପ୍ରଥମଶ୍ରେଣୀ ଡବାର ଲାଭାଟୋରି ଭିତରକୁ ଯାଇ ସେ ଲଫାପା ଚିରି ଖଣ୍ଡେ ଛୋଟ କାଗଜ ଟାଣିଆଣିଲା। ପଢ଼ିଲା, "ମୋ ରାଣ, ତୁମେ ଫେରି ଆସିବ। ତୁମ ପାଇଁ ମୋ ପ୍ରତୀକ୍ଷାର ଅନ୍ତ ନାହିଁ। ଇତି। ଅନୁପମ।" କେବଳ ଏଇ ଦୁଇଧାଡ଼ି ଲେଖି କ'ଣ କହିବାକୁ ଚାହେଁ ଅନୁପମ ? ସୁଲେଖା ଭାବିଲା, ଟ୍ରେନ୍‌ର ଚେନ୍ ଟାଣି ସେ ଯଦି ଛାଡ଼ି ଆସିଥିବା ସହରକୁ ଫେରିଯାଇ ପାରନ୍ତା ! ନା, ଆଉ ହେବନାହିଁ। ଖୁବ୍ ବିଳମ୍ବ ହୋଇଗଲା। ସୁଲେଖାର ଆଖିରେ ଲୁହ। ମାତ୍ର ଏ ଲୁହର କାରଣ କୋଇଲା ଗୁଣ୍ଡ ନୁହେଁ।



Digitized by srujanika@gmail.com

ଦିଗ ଦର୍ଶନ

ପୂର୍ବ, ପଶ୍ଚିମ, ଉତ୍ତର ଆଉ ଦକ୍ଷିଣ ଚାରୋଟି ଦିଗରୁ ରାସ୍ତା ଆସି ମିଶିଛି ସେଇ ଛକରେ। ଗ୍ରୀଷ୍ମର ଅସହ୍ୟ ଉତ୍ତାପରେ ସବୁଗୁଡ଼ାକ ରାସ୍ତା ନିର୍ଜନ। ତଥାପି ଆହୁରି ଘଂଟାଏ ସେଠି ଠିଆହୋଇ ରହିବାକୁ ପଡ଼ିବ। ଟ୍ରାଫିକ୍ କନ୍‌ଷ୍ଟେବଲ୍ ଦିଗଂବର ମୁହଁରୁ ଝାଳ ପୋଛିଲା।

ଅନେକ ଦୂରରେ - ଧାଡ଼ିଧାଡ଼ି ଗଛ ସଂଧିରେ ମିଳେଇଯାଇଛି ପୂର୍ବଦିଗର ରାସ୍ତାଟି। ସେଇ ଦିଗରେ କିଛିବାଟ ଗଲେ ଦିଗଂବରର ଗାଁ। ସହରକୁ ପେଟ ପୋଷିବା ଲାଗି ସେ ଗାଁରେ ଛାଡ଼ିଦେଇ ଆସିଚି ତାର ବିଗତବୟସ୍କା ମା ଆଉ ଯୁବତୀ ଭଉଣୀ ଜାନକୀକୁ। ଜାନକୀ ବିବାହ ବୟସର ଗାର ଟପି ଆହୁରି ତିନିବର୍ଷ ଆଗକୁ ଆସିଗଲାଣି। ଏ ବର୍ଷ ତାକୁ କାହାରି ହାତରେ ଟେକି ଦେବାକୁ ପଡ଼ିବ ହିଁ ପଡ଼ିବ।

ଦିଗଂବର ସେ ଦିଗରୁ ମୁହଁ ଫେରାଇ ଚାହିଁଲା ପଶ୍ଚିମ ଦିଗର ସହର ଆଡ଼କୁ। ତା'ର ମନେ ହେଲା, ସତେ ଯେପରି ସୁସଜ୍ଜିତ ଗୋଟିଏ ମଟରରେ ବରଯାତ୍ରୀ ଦଳ ଆସୁଛନ୍ତି, ଏଇ ଛକ ଆଡ଼କୁ। ତା'ର ମନରେ କେଉଁ ଏକ ନିଭୃତ କୋଣରେ ଏକା ସାଂଗରେ ବାଜି ଉଠିଲା ହଜାରହଜାର ଢୋଲ, ଲକ୍ଷଲକ୍ଷ ଫେଁକାଳୀ। କିଛି ନାହିଁ....କିଛି ନାହିଁ। ଦିଗଂବର ସହର ଆଡ଼କୁ ଦେଖିଲା, ସହର ଆଡ଼କୁ ଲଂବି ଯାଇଥିବା ରାସ୍ତାଟି ଦୂରରେ ଚିକ୍ ଚିକ୍ କରୁଛି... ସତେ ଯେପରି ମଇଳା ଛଇର ଗୋଟିଏ ଗାଡ଼ିଆ।

ସେ ପାଖରୁ ଆଖି ଲେଉଟାଇ ଆଣିଲା ଦିଗଂବର। ଉତ୍ତର ଦିଗରେ - କଲେଜ। ସେଠିତା'ର ବଡ଼ ପୁଅ ଅଶ୍ୱିନୀ ଡାକ୍ତରୀ ପାଠ ପଢ଼େ। ଦକ୍ଷିଣ ଦିଗରେ ଡାକ୍ତରଖାନା। ସେଠି ତାର ବୃଦ୍ଧ ପିତା ଅନେକ ଦିନ ହେଲା ରହିଛନ୍ତି କି ଏକ ନାମ ନ ଜଣା ଦୁରାରୋଗ୍ୟ ବ୍ୟାଧିରେ। ସତେ କ'ଣ ତାର ପୁଅ ବେକରେ ଷ୍ଟେଥସ୍କୋପ୍ ଝୁଲେଇ ଡାକ୍ତରଖାନାକୁ ଯାଇ ତାର ପିତାଙ୍କୁ ଆରାମ କରି ନେଇ ଆସନ୍ତା ନାହିଁ? କିନ୍ତୁ ଅଶ୍ୱିନୀ କହୁଥିଲା ପାଠ ଶେଷ କରିବାକୁ ଆହୁରି ଦୁଇ ବର୍ଷ ଲାଗିବ। ଅଂଟା ଭିଡ଼ି ଦିଗଂବର ବାହାରିପଡ଼ିଛି ....ପୁଅ ତାର ଡାକ୍ତର ହେବ ବାପ ଆରୋଗ୍ୟ ହେବେ। ଜାନକୀର ବାହାଘର ହେବ। ସହରରୁ ବରାତ ଯିବ।

ପୁଅ ଡାକ୍ତର ହେବ। ବାପା ଆରୋଗ୍ୟ ହେବେ। ଭଉଣୀ ବାହା ହେବ। ପୁଅ ଡାକ୍ତର ହେବ। ବାପା ଆରୋଗ୍ୟ ହେବେ। ଭଉଣୀ ବାହୁଆ...

Digitized by srujanika@gmail.com

ହଠାତ୍ ଗୋଟିଏ ଶବ୍ଦରେ ଚମକି ପଡ଼ିଲା ଦିଗଂବର।

ଦେଖିଲା - ଦୁଇଜଣ ସାଇକଲ ଧକ୍କାରେ ପଡ଼ି ତାତିଲା ଭଙ୍ଗୀରେ ଗଡୁଛନ୍ତି। ବେକ ଦେହରୁ ଛାତି ଉପରେ ଝୁଲୁଥିବା ହୁଇସିଲ୍ ଟାଣିଆଣି ନିଜର ସବୁତକ ବଳ ଲଗେଇ ଫୁଙ୍କିଲା ଦିଗଂବର। ହୁଇସିଲ୍‌ର ଚିତ୍କାର ପ୍ରତିଧ୍ୱନି ହୋଇ ଫେରି ଆସିଲା ତା'ରି କାନକୁ।



ଅଳ୍ପ ଲୋକଙ୍କୁ ଠକୁଥିବା ବ୍ୟକ୍ତି 'ବିଶ୍ୱାସଘାତକ' ଓ ଅଧିକ ଲୋକଙ୍କୁ ଠକୁଥିବା ବ୍ୟକ୍ତି 'ନେତା' ନାମରେ ପରିଚିତ ହୋଇଥାଆନ୍ତି।

Digitized by srujanika@gmail.com

ଅନୁଧାବନ

ଟ୍ରକ୍‌ର ତାଲାରେ ଚୋରାମାଲ୍ ଲଦାହେଲା ପରେ ଡ୍ରାଇଭର୍ ପେଟରେ ମଦ, ପକେଟ୍‌ରେ ଟଙ୍କା ଓ ପିସ୍ତଲରେ ଗୁଳି ଭର୍ତ୍ତିକରେ। ଅନ୍ତତଃ ଏତିକି ନ ହେବା ଯାଏଁ ଯାତ୍ରାରମ୍ଭ କରି ହୁଏନାହିଁ ସମସ୍ତଙ୍କୁ ଜଣା: କେବଳ ରାସ୍ତା ଓ ଚକର ଅବସ୍ଥା ଠିକ୍ ଥିଲେ ଟ୍ରକ୍‌ର ଗତି ଦ୍ରୁତ କିମ୍ବା ନିର୍ବିଘ୍ନ ହୋଇପାରେ ନାହିଁ।

ଚୋରା ବେପାରୀଙ୍କୁ ଦୃଢ଼ ହସ୍ତରେ ଦମନ କରିବାପାଇଁ ମାନନୀୟ ମନ୍ତ୍ରୀ ମହୋଦୟଙ୍କର ଆହ୍ୱାନ ଶୁଣିଥିବା ଆରକ୍ଷୀ ବାହିନୀର କନିଷ୍ଠ କର୍ମଚାରୀ ଥାନା ବାରଣ୍ଡାରେ ଠିଆ ହୋଇ ଅଢ଼େଇ-ପୁଟିଆ ଠେଙ୍ଗା ହଲାଇ ମଶା ଘଉଡୁଥାଏ କିମ୍ବା ବେଳେବେଳେ ଚୁପ୍‌ଚାପ୍ ବସି ତା'ର ଫଟା ଜୋତାରୁ ଶୃଙ୍ଖଳା ଯାଦୁଅ ପୋଛୁଥାଏ, କୋରୁଥାଏ।

ମଧ୍ୟରାତ୍ରର ନିର୍ଜନ ରାଜପଥରେ ଦୁଇପାଖର କୁଡ଼ିଆ ଓ ଗଛ ଦୋହଲାଇ ଘିରଘିର ଘୂରୁଥାଏ ଚକ, ଟ୍ରକ୍ ଧାଉଁଥାଏ ବୁଭୁକ୍ଷୁ ବଜାର ଦିଗକୁ। ଅନୁଧାବନକାରୀ ଆରକ୍ଷୀ ବାହିନୀର ପଦୋନ୍ନତି ପ୍ରତ୍ୟାଶୀ ଅଫିସରମାନେ ଗୋଡ଼ାଉଥାନ୍ତି ଯେଉଁ ଜିପ୍‌ରେ ତାହା ହଠାତ୍ ଅଟକି ରହେ।

- ହଇରେ ଜିପ୍‌ଗାଡ଼ି ତୁ କାହିଁକି ଅଟକିଲୁ?
- ମୋ ପେଟରୁ ପେଟ୍ରୋଲ୍ ସରିଗଲା।
- କାହିଁକି ସରିଗଲା ?
- କାଲି ରାତିରୁ ପୋଡୁଛି।
- ଆମେ ତ ଆଜି ଏ ଗାଡ଼ିରେ ଚଢ଼ିଲୁ, ପେଟ୍ରୋଲ୍ କାହିଁକି କାଲି ରାତିରୁ ପୋଡୁଛି?
- କାଲି ଏ ଗାଡ଼ିରେ ଥାନା ବାବୁଙ୍କ ଶାଶୁ ବସିଥିଲା।
- କାହିଁକି ବସିଥିଲା ?
- ତା ପାଦରେ କଣ୍ଟା ପୋଡ଼ି ହୋଇଥିଲା।
- ସେ ଏମିତି କେତେବାଟ ଗଲା ଯେ?
- ସହର ସାରା। ପଶ୍ଚିମ ମୁଣ୍ଡର ମନ୍ଦିର, ପୂର୍ବ ମୁଣ୍ଡର ବଜାର, ଉତ୍ତର ମୁଣ୍ଡର ଭଉଣୀ ଘର, ଦକ୍ଷିଣ ମୁଣ୍ଡର ସଉତୁଣୀ ଘର ସବୁ ଆଡ଼କୁ ଯାଇଥିଲା ସେ।
- ହଉ ହେଲା ହେଲା, ଆମେ ଜାଣିଗଲୁ ତୁ କାହିଁକି ଅଟକିଲୁ।

ଏହା ପରେ ସେମାନଙ୍କ ମନରେ ଭାବିଲେଣି: କଅଣ କରିବା ଏଣିକି?

ପଦୋନ୍ନତି-ପ୍ରୟାସୀ କର୍ମଚାରୀ ତୁରନ୍ତ ସମାଧାନ ବତାଇ ଦିଏ,-ଏଇ ସାମାନ୍ୟ କଥାକୁ ଏତେ ଚିନ୍ତା। ଆମେ ଆଗ ଥାନାକୁ ଖବର ଦେଇଦେବା।

Digitized by srujanika@gmail.com

ଆଉ ଜଣେ କହେ,-ଖବର ଦେଇଦେବା ମାନେ ତ ଦାୟିତ୍ୱ ଦେଇଦେବା।

ଅନ୍ୟ ଜଣେ କହେ,-ତେବେ ବି ଯାହା ହେଉ, ଆମେ ତାହାହିଁ କରିପାରିବା।

ବେତାରଯନ୍ତ୍ର ଜରିଆରେ ଖୁବ୍ ଅଳ୍ପ ସମୟ ମଧ୍ୟରେ ଆଗ ଥାନାକୁ ସାଂକେତିକ ଭାଷାରେ ଖବର ଜଣାଇ ଦିଆଯାଏ ଯେ ନୀଳରଙ୍ଗର ତାର୍ପୁଲିନ୍ ଘୋଡ଼େଇ ହୋଇ ଯେଉଁ ଟ୍ରକ୍‌ଟି ଯାଉଛି ସେଇଥିରେ ଅଛି ଚୋରାମାଲ୍। ଆମେ ପିଛା କରିକରି ଆସିଲୁ ଏତେ ବାଟ। ଏଣିକି ତୁମେ ଗୋଡ଼ାଅ, ଟ୍ରକ୍ ଅଟକାଅ, ଚୋରା ବେପାରୀକୁ ଧର, ପୁରସ୍କାର ମିଳିବ।

ଏତିକି ହୋଇଗଲା ପରେ ଅର୍ଥାତ୍ ଏତିକି କହିଦେଲା ପରେ ସେମାନଙ୍କୁ କାମ ଶେଷହେଲା ପରି ଲାଗେ। ସେମାନେ ଫ୍ଲାସ୍କରୁ ଡାଲି କଫି ପିଅନ୍ତି, ସିଗାରେଟ୍ ଶୋଷନ୍ତି ଓ ପୂର୍ବ ଅଭିଯାନ ଗୁଡ଼ିକର କାହାଣୀ ପରସ୍ପରକୁ ଶୁଣାଇ ତାସ୍ ଖେଳନ୍ତି ପରବର୍ତ୍ତୀ ସକାଳ ପର୍ଯ୍ୟନ୍ତ।

ବୁଭୁକ୍ଷୁ ବଜାରରେ ପହଞ୍ଚିଲା ପରେ ଡ୍ରାଇଭର୍ ଆଶ୍ୱସ୍ତ ହୁଏ। ପକେଟ୍‌ର ଟଙ୍କା କି ପିସ୍ତଲ୍‌ରୁ ଗୁଳି କିଛି ସରିନାହିଁ, କେବଳ ଟାଙ୍କିର ତେଲ ବଳରେ ଟ୍ରକ୍ ଚାଲିଆସିଲା ଏତେ ବାଟ, ଈଶ୍ୱର ମାଲିକ୍।



Digitized by srujanika@gmail.com

ଚରମ ସୁଖ

ଯଥାବିଧି ପ୍ରାଇଭେଟ୍ ଲିଃ କଂପାନୀଟି ରେଜିଷ୍ଟର୍ଡ଼ କରାଗଲେ ପରେ ତାର ବଡ଼ଭାଇ, ଶ୍ୱଶୁର ଓ ମାମୁଁଙ୍କ ସୁପାରିଶ କ୍ରମେ ବିଭିନ୍ନ ବ୍ୟାଂକରେ ଅର୍ଥଲଗାଣ ସଂସ୍ଥାମାନଙ୍କଠାରୁ ପ୍ରାପ୍ତ ଅର୍ଥ ଜମାହୋଇଗଲା। ଏଣିକି ଟଂକା କଥା କେବଳ ଏକାଉଂଟ୍ୟାଂଟ ଓ କେଶିଅର୍ ବାବୁ ବୁଝିବେ।
ଆଇଡ଼ିଆ। ଆଇଡ଼ିଆ।

ଏତେ ଟଙ୍କାର ଏକକ ମାଲିକ ହୋଇଗଲା ପରେ ସେ ପୂର୍ବଅର୍ଜିତ ଅର୍ଥନୀତି, ରାଜନୀତି, ବ୍ୟାକରଣ ଇତ୍ୟାଦି ବିଷୟକ ଜ୍ଞାନ ହଠାତ୍ ଦିନେ ପାସୋରି ପକାଇଲା ଓ ଭାଷାରେ ବ୍ୟବହୃତ ଶବ୍ଦଗୁଡ଼ିକର ପୂର୍ବ ପ୍ରଚଳିତ ବନାନ୍ ସବୁ ବଦଳାଇବାକୁ ଲାଗିଲା। ସମସ୍ତେ କହିଲେ, 'ଚଳିବ। ଚଳିବ। ବେଶ୍ ବୁଝିହେଉଛି'। ତା ସହିତ ଯୁକ୍ତି କରିବାକୁ ସମସ୍ତେ ଡରିଲେ। କେହି ଯୁକ୍ତି ନ କରିବାରୁ ତାର ମନେହେଲା, ସେ ଯାହା ଭାବୁଛି ତାହା ହିଁ ଠିକ୍। ସେ ଭାବିଲା, ଆମ ରାଜ୍ୟର ଲୋକେ ସେନ୍‌ର ଷଣ୍ଢ ଲଢ଼େଇ ଓ ପ୍ୟାରିସ୍‌ର କାଫେଗୁଡ଼ିକ ବିଷୟରେ ସବୁ କଥା ପୁଂଖାନୁପୁଂଖରୂପେ ଜାଣିବା ଆବଶ୍ୟକ। ତେଣୁ ସେ ମୋଟା ମୋଟା ବହି କିଣି ଅନୁବାଦକମାନଂକୁ ଦେଲା ଓ କହିଲା, 'ସମସ୍ତେ, ପିଲା ବୁଢ଼ା ସମସ୍ତେ ବୁଝି ପାରିଲା ଭଳି ଭାଷାରେ ଏ ଗୁଡ଼ିକ ଲେଖା ହେବା ଆବଶ୍ୟକ। ଫଳେ ଅନୁବାଦକମାନେ କାମରେ ଲାଗିଗଲେ। ସେ ତା'ର କମାନିକୁ ଅଜ୍ଞାନ-ନିବାରଣ କାର୍ଯ୍ୟରେ ଲଗାଇବାକୁ ସ୍ଥିର କଲା।
ତାର ଶ୍ୱଶୁର କହିଲେ, - ଲୋକଂକର ମନରୁ ଭୁଲ୍ ଧାରଣା ସବୁ ହଟାଇବା ପାଇଁ ତୁମେ ଯେଉଁ ଉଦ୍ୟମ ଆରଂଭ କରିଛ, ତାର କୌଣସି ତୁଳନା ନାହିଁ।
ସେଦି ରାତିରେ ସେ ତାର ସ୍ତ୍ରୀ ସାଂଗରେ ଶୋଇବା ପୂର୍ବରୁ କହିଲା - ଜାଣିଛ, ବାପା ଆଜି ମୋ ସ୍କିମ୍‌ର ପ୍ରଶଂସା କରୁଥିଲେ।
ନିଜ ବାପାଙ୍କର ପ୍ରଶଂସା ଶୁଣି ସ୍ତ୍ରୀକୁ ଅପୂର୍ବ ଲାଗିଲା ଓ ସେ ଚୂଡ଼ା ପିଟେଇଦେଇ ବାଳ ମୁକୁଳା କରି ଶୋଇପଡ଼ିଲା। ସେ ଆହୁରି ଅନେକ କଥା କହିବାକୁ ଚାହୁଁଥିବା ସତ୍ତ୍ୱେ ସ୍ତ୍ରୀ ଶୋଇପଡ଼ିବାର ଲକ୍ଷ୍ୟକଲା ଓ ଶାୟିତା ସୁନ୍ଦରୀକୁ ଅବଲୋକନ କରି ମୁଗ୍‌ଧ ହେବାକୁ ଚେଷ୍ଟା କଲା। ମାତ୍ର ସେ ମୁଗ୍‌ଧ ହୋଇ ପାରିଲାନାହିଁ।

Digitized by srujanika@gmail.com

ସେ ଚେଇଁ ରହିଲା ଓ ମନେ ମନେ ସ୍ଥିର କଲା ଯେ ଏଣିକି ଆଉ ମୋଟାମୋଟା ବହି କିଣିବ ନାହିଁ। ମୋଟାମୋଟା ମୂଲ୍ୟବାନ ବହିରେ ଯେଉଁ କଥା ଥାଏ, ପୁରୁଣା ପତ୍ରିକାଗୁଡ଼ିକରେ ମଧ୍ୟ ସେଇ କଥା ଥାଏ। ତେଣୁ ପୁରୁଣା ପତ୍ରିକା କିଛି ଓଜନ ଦରରେ କିଣି ଆଣି ଅନୁବାଦକମାନଙ୍କୁ ଦେଲେ ମଧ୍ୟ ଚଳିଯିବ ବୋଲି ତାର ଧାରଣା ହେଲା। ଏହି ଉପାୟରେ ସେ କିଛି ପଇସା ବଂଚାଇପାରିବ ବୋଲି ନିଶ୍ଚିତ ହେଲା। 'ଅପବ୍ୟୟୀ' ନାମରେ ଖ୍ୟାତ ଏହି ଲୋକଟି ଅର୍ଥସଂଚୟର ଏହି ସୂତ୍ରଟି ପାଇଯିବା ଯୋଗୁଁ ଚରମ ସୁଖ ଲାଭକଲା ଓ ସ୍ତ୍ରୀର ଅଂଟା ଉପରେ ଗୋଟିଏ ଗୋଡ଼ ଲଦି ଶୋଇପଡ଼ିଲା।

Digitized by srujanika@gmail.com

ସ୍ୱାଗତ ଅନ୍ଧକାର

କଳା ଓ କଳ୍ପନାର ଯୋଗସୂତ୍ର ଯେତେବେଳେ ଛିନ୍ନ ହେଲା, ସେତେବେଳେ ପୃଥିବୀର ଫଟୋଗ୍ରାଫ୍ ଫିକା ଦିଶୁଥିଲା ଏବଂ ଯେଉଁ ମୁହୂର୍ତ୍ତମାନଙ୍କୁ ଆମେ ସବୁ ଏଠି ପାସୋରିଦେଲେ, ସେଇ ମୁହୂର୍ତ୍ତମାନେ ସେଠି ଜିଇଁଲେ ଓ ଖେଳିଲେ। ସେଇ ମୁହୂର୍ତ୍ତମାନଙ୍କର ତାଲିକା ପ୍ରସ୍ତୁତି ଏ ଯାଏଁ ସରିନାହିଁ। ଏଣୁ ତୁମେ ସବୁ ଭୁଆଁବୁଲା ବନ୍ଦ କର।

ଯାହା ଆଉ ଫେରିବନି, ତା'ର ଆଉ ଆବୃତ୍ତି କରନା। ଏଇ ଦେଖ ଆକାଶରେ କଳା ମେଘ। ବର୍ଷାର ମଶାରି ଏଇ ଦେଖ ନୂଆ ଜହ୍ନ। କେତେକେତେ ତାରା ଏବଂ ଦେଖ ଆକାଶରେ ଧୂସର ଧୂଆଁର ମହୋସବ।

ଏସବୁ ଦେଖି ବି ଆମେ ରହିଛେଁ ଯେ ବଞ୍ଚି, ଏହା ବୋଧେ ପୃଥିବୀର ଊନବିଂଶତମ ଆଶ୍ଚର୍ଯ୍ୟ। ହେ ପ୍ରଗଲ୍ଭ ଅନ୍ଧକାର, ତୁମେ ହେଲେ ଆସନ୍ତ କି ବେଳ ଉଣ୍ଡି, ସୁଯୋଗ ଉଖାରି ?

ତୁମେ ହେଲେ ଆସନ୍ତ କି ଯେତେବେଳେ ଆମ ଏବଂ ତାଙ୍କ ମଧ୍ୟେ ଗପ ବଢ଼ିଚାଲେ। ଆମେ ଜାଣୁଛୁ ଯେ ତୁମେ ଆସୁନାହଁ। ବାଟବେରଣକୁ ବେଳନାହିଁ। ତୁମେ ବି ଶେଷକୁ ମୁହୂର୍ତ୍ତ-ଚପଳ ହେଇ, ହେ କଳା ଏବଂ ଗାଢ଼ ଅନ୍ଧକାର, ତୁମ ପାଇଁ ସ୍ୱାଗତିକା ମନ୍ତ୍ର ନାହିଁ, ତୋରଣ ବି ନାହିଁ।

ଆମରି ଜୀବନେ ଆମେ ବୟସକୁ ଠକି ନାହୁଁ କେବେ। ବୟସର କଳାମେଘ ଚାଙ୍କି ଦିଏ ନିତାନ୍ତ ମନୋଜ୍ଞ ନୀଳ ତାରକାର ନାଁ। ଅବଶ୍ୟ ତା' ପୂର୍ବରୁ ଆମେମାନେ ପଢ଼ିଥିଲୁ ସେମାନଙ୍କ ନାଁ, ଯେଉଁମାନଙ୍କର ଲାଗି ହେ ଅନ୍ଧକାର ତୁମେ ଲୋଡ଼ା।

କଳ୍ପନାର ବିଦୀର୍ଣ୍ଣ ବସ୍ତିରେ ଆମେ ବୁଲୁବୁଲୁ ହଠାତ୍ ଏକଦା ଦେଖିଲୁ ଯେ ସାମ୍ନାରେ ସମାଜ ଏକ ପ୍ରେତ ପରି ଜିଦ୍ଧିରେ ଆମ ଚୋଟି ଏବଂ ଆମେ ସବୁ ନିର୍ଣ୍ଣଳ ପଥିକ ଓଟାରି ନିଜର ଛିଇ ବାନ୍ତିକରୁ ସମସ୍ତ ଗୁଜବ। ଆମରି ହାତରୁ ଖସେ ଗୁଜବର ବୋମା।

ଆଉ ଆମେ ପଳାୟନପନ୍ଥୀ ସବୁ ଦୁର୍ବଳ ନାୟକ ଦେହର ସାଗର ତଟେ କେଉ ଗଣ୍ଡ, ବାଲିରେ ତାଙ୍କରି ନାଁ ଲେଖୁଁ। ଆମେ ଜଳି ସେମାନଙ୍କୁ ଜଳାଇଲୁ, ଆମେ ଖେଳି ସେମାନଙ୍କୁ ଖେଳାଇଲୁ। ତଥାପି ମିଳିଲା ନାହିଁ ନୈତିକ ଦୃପ୍ତିର ସାମାନ୍ୟ ଆଭାସ।

Digitized by srujanika@gmail.com

ଏଣୁ ଏଠି କୋମାନ୍ତି ଗୁମ୍‌ସୁମ୍ ବସିବା ଅପେକ୍ଷା, ସହରରେ ଗଳିକନ୍ଦି ଦୋକାନ ବଜାର ବୁଲିବା ହିଁ ଭଲ। କାରଣ ସେଠାରେ ସବୁ ନିଷିଦ୍ଧ ମୁଲକ ଖୋଲା, ଦେହର ଦରଜା ମେଲା, ନୀଳପଦ୍ମ ପାଖୁଡ଼ା ବୁଜେନା। ଏଣୁ ହେ ଅନ୍ଧକାର କଳ୍ପନାକୁ ଧକ୍କା ଦେଇ ତୁମେ ଆସ। ରତିର କିଛୁତ ନିଶା ନେଇ ତୁମେ ଆସ। ଆସ ତୁମେ ଆସ ଅନ୍ଧକାର। ଦ୍ରୌପଦୀର ଶାଢ଼ି ପରି ବାରଂବାର ଆସ। ଦୋହଦିନୀ ମନ ନେଇ ଆସ। ଠିକ୍ ଏଇ ନିର୍ଦ୍ଧାରିତ ମୁହୂର୍ତ୍ତର ମିଳନଲଗ୍ନରେ ଆସ ତୁମେ ଆସ। ନଦୀ ଭଳି ନାରୀଟିଏ, ନାରୀର ସାମ୍ରାଜ୍ୟଟିଏ ପ୍ରତିଷ୍ଠିତ ହେଲାପରେ ସେ ଏଇ ଆସୁଛି ଦେଖ ପାଦଚିପି, ନୂପୁରକୁ କାନିରେ ଗଣ୍ଠାଇ। ସେ ଏଇ ଆସୁଛି ଦେଖ ବୟସର ଭୂତସଙ୍ଗେ ଦେହରେ ଦେହକୁ ଦେହ ଜଡ଼ାଇ, ମିଶାଇ।

ହେ ଅନ୍ଧକାର, ତେଣୁ ତୁମେ ଆସ। କଳ୍ପନାକୁ ଲାତ୍‌ମାରି, ନାରୀର କାଞ୍ଚଲି ଖୋଲି ଆସ ତୁମେ ଏବଂ ହୁଅ ନାରୀର ପଣତ। ସୁକେଶିନୀ ନାରୀଟିର କବରୀରେ ଆସ ତୁମେ ଆସ। ଖାଇବାକୁ ଦେବୁ ଆମେ ପ୍ରୀତି ପଣା, ଚାଖିବାକୁ ଦେବୁ ରତି ରସ।

କଳା ଏବଂ କଳ୍ପନାର ଯୋଗସୂତ୍ର ଛିନ୍ନ ହେବା ପରେ ଅନେକେ ମେଲିଲେ ଏଠି ରୂପର କୁଟ୍ଟଳ। ପ୍ରବଂଚନା ଦେଲେ କେତେ, ଆଉ କେତେ ସଂଜ୍ଞାହୀନା ହେଲେ। ଯେତେବେଳେ, କାଚ କୋଠରିରେ ଥାଇ ସେମାନେ ଦେଖିଲେ ବାହାରେ ପାରଦ ଲେପ ଏବଂ ନିଜ ଉଲଗ୍ନ ବେଭାର। କାଚର କୋଠରି ତେଣୁ ଭାଙ୍ଗିଗଲା ସେମାନଙ୍କ ସହ।

ଆମେ ଏବେ ବୃଦ୍ଧ, କିନ୍ତୁ ହେ ଅନ୍ଧକାର ବେଳ ଅଛି ଆସ ତୁମେ ଆସ। ଅନ୍ତତଃ କିଛି ନ ହେଲେ ଆମ ପାଖେ ବସ। ହେ ପ୍ରଗଳ୍ଭ ଓ ଚଞ୍ଚଳ ଅନ୍ଧକାର ଆସ। କଳା ଓ କଳଙ୍କ ନେଇ ଆସ।

Digitized by srujanika@gmail.com

ତାର ଜାତି

ଯେମିତି ପ୍ରତ୍ୟେକ ନଦୀର ଗୋଟିଏ ନାଁ- ବ୍ରାହ୍ମଣୀ, ବୈତରଣୀ, ବ୍ରହ୍ମପୁତ୍ର ବା ଅନ୍ୟ କିଛି, ସେମିତି ଝରଣାର କୌଣସି ନାଁ ନାହିଁ। ତା'ର ପରିଚୟ ନାହିଁ, ଏଣୁ ତାର ଆଦି ନାହିଁ। ଏକ ବିପୁଳ ରହସ୍ୟର ବିଭିନ୍ନ ବିବରଣୀ ସେ।

ସେ କେବଳ ଗୋଟିଏ ଭୂଖଣ୍ଡକୁ ବିଭକ୍ତ କରି ଦୁଇଭାଗ କରେ ନାହିଁ.... ସେ ଗୋଟିଏ କଳିଜାକୁ, ଗୋଟିଏ ମନକୁ ଏବଂ ଗୋଟିଏ ଆତ୍ମାକୁ ମଧ୍ୟ ଐନ୍ଦ୍ରଜାଲିକ ଭାବରେ ଦୁଇଖଣ୍ଡ କରି ଏଭଳି କାଟିଦିଏ ଯେ, ତାହା ଅଯୋଡ଼ା ରହିଯାଏ.... ସାରା ଜୀବନ। କିନ୍ତୁ ଗାରୀ ବକ୍ତବ୍ୟର ଶେଷ ପର୍ଯ୍ୟାୟରେ ମୋତେ ତା ସମ୍ବନ୍ଧରେ କିଛି କହିବାର ସୁଯୋଗ ଦିଅ।

ପୁରୁଷୋତ୍ତମ କହିଲା, - ଏଇ ଝରଣାର ଅପର ପାଖରେ ଯେଉଁ ଗାଁ....ସେଇଠି, ହଁ, ସେଇଠି ରହେ ଗୋଟିଏ ଝିଅ। ବୟସ ଅଠର। ତଉଲ ତାଉଲ। ବାରହାତ ବାଳ। ହରିଣୀର ଆଖି। ଭଲ କାମ ଆସେ। ଗୀତ ଗାଇ ଜାଣେ। ଆପଣଙ୍କ ଯୋଗ୍ୟ। କ୍ଷୀର ପରି ଦେହ। ଆଉ-

ମୁଁ କହିଲି,-ଥାଉ। ଏଇ ଝରଣାର ପ୍ରଖର ଜଳସ୍ରୋତ ଡେଇଁ ଆମେ ସେ ଗାଁକୁ ଯିବା କିପରି? ଯାଇପାରିବା ନାହିଁ।

(ସେ ଝିଅ ସହିତ ମୋର ସଂପର୍କକୁ ଯୋଡ଼ିବା ନିମନ୍ତେ ଏକ ପୋଲ ଦରକାର, ଯେହେତୁ ଏତେ ପ୍ରଖର ଜଳସ୍ରୋତରେ ଡଙ୍ଗା ଚାଲେ ନାହିଁ। ଆଚ୍ଛା, ଯଦି ମୁଁ ପହଁରି ଯାଇପାରନ୍ତି।?)

ନା- ପୁରୁଷୋତ୍ତମ ମନା କଲା। ଏଇ ଛାର ଝରଣାଟା ପୁଣି ଆମ ଆଗରେ ବାଧା ହୋଇ ଛିଡ଼ା ହେବ? ଆଜ୍ଞା, ଯା'ର ଗର୍ବ ଏଇ ବର୍ଷା ଦୁଇମାସ ପାଇଁ। ତା ପରେ ଯେଉଁ ଶୃଙ୍ଖଳାକୁ ସେଇ ଶୃଙ୍ଖଳା।

ଗ୍ରୀଷ୍ମରେ....ଝରଣାର ଏଇ ଧୂସର ରାଜଧାନୀରେ କାହାର ଖପୁରି? କାହାର ବୁଟ୍ ଚିହ୍ନ? ଏ କାହାର ଭଙ୍ଗା-ମାଠିଆ? ଏବଂ ଏ....?

ଝରଣାର ଜାତି ନାହିଁ....ଯେମିତି ଗଙ୍ଗାର ଏକ ଜାତି ଅଛି, ତାର ଜନ୍ମ ପଛରେ ଏକ କାହାଣୀ ଅଛି, ଉତ୍ପତ୍ତି ପଛରେ ଏକ ଅଖ୍ୟାୟିକା ଅଛି। ଗଙ୍ଗା ଯାଇ ସିଧା ମିଶିଛି ସମୁଦ୍ରରେ। ଏଇ ଝରଣାଟା ସେତକ ପାରିବ?

ମୁଁ ପଚାରିଦେଲି,- ଯଦି ଏଇ ଝରଣାଟା ଓଲଟା ଦିଗକୁ ବୋହିପାରନ୍ତା?

ପୁରୁଷୋତ୍ତମ ହସିଲା,- ପାଗଳ ହେଲେ ଆଜ୍ଞା...ଏ କଥା କେବେ ହେଇଚି ନା ହେବ?

Digitized by srujanika@gmail.com

ହଁରେ...ତା'ରି କଥା ଯିଏ ବି ଭାବିଚି ପ୍ରଥମ ଥର ପାଇଁ ପାଗଳ ହିଁ ହୋଇଚି, ଅଥଚ ମୁଁ କେଉଁ ଅପଭ୍ରଂଶର ମୂଳ ଶବ୍ଦ ଖୋଜୁ ଖୋଜୁ ନ ପାଇବାର ପରାଜୟକୁ ବିନୀତ ଭାବରେ ମାନିନେଇଛି।

ତା'ର ଶୂନ୍ୟ ଚିହ୍ନହୀନ ନକ୍ସା ଉପରେ ଠିଆ ହୋଇ ମୁଁ ବି ଦିନେ ନିଜକୁ ନିଜେ ପଚାରିଥିଲି,- ମୋର ପାଦ ତଳୁ ଚେର ବାହାରି ପଡ଼ୁନି ତ ?

ସେଠି ରହିହେଲା ନାହିଁ। ମନେ ହେଲା ମୁଁ ହୁଏତ ଏହାରି ପ୍ରବଳ ସ୍ରୋତରେ ଭାସି ଯାଉଁଯାଉଁ ଖଣ୍ଡିଆ ଖାବରା ହେବି, ଜଖମ ହେବି, ଅକାରଣେ ରକ୍ତ ବହିବ।

ଏବଂ ଏସବୁ ମନେହେଲା ବୋଲି ମୁଁ ଏକ ମାଟି, ପଥର, କାଠ ବା ରବରର କଣ୍ଢେଇ ନ ପାଲଟି ଏକ ମଣିଷ ହେଲି।



Digitized by srujanika@gmail.com

ପୋଥି ବାଇଗଣ ସଂବାଦ

ଅନେକ ବର୍ଷ ପୂର୍ବେ ମୁଁ ଥରେ ଆମ ଗାଁକୁ ଯାଇଥିଲି। ଭାଗଚାଷୀମାନଙ୍କଠାରୁ ଧାନ ଅସୁଲ କରିବାପାଇଁ ଆସନ୍ତା ବର୍ଷପାଇଁ ଚୁକ୍ତି କରିବା ଲାଗି ପୁରୁଣା ମାଟି ଘରଟାର ଛପର ଲେଉଟାଇବା ପାଇଁ। ସ୍କୁଲ ବାରଣ୍ଡାରେ ଦଳେଲୋକ ବସିଥିଲେ। ଲମ୍ବାରେ ଟେବୁଲ୍ ଥୋଇ ଦୁଇ ଚାରିଜଣ ଅଫିସର ବସିଥିଲେ। ବାହାରେ ତାଙ୍କର ଜିପ୍ ଗାଡ଼ି। ଟ୍ରଲି-ଭର୍ତ୍ତି ପୁସ୍ତକ ଓ ପ୍ରଚାରପତ୍ର। ସେମାନେ ମୋର ଗ୍ରାମବାସୀଙ୍କୁ 'ସବୁଜ ବିପ୍ଳବ', କୃଷିକ୍ଷେତ୍ରରେ ଆମ ଦେଶର ସ୍ୱାବଲମ୍ବନଶୀଳତା ବିଷୟରେ ଭାଷଣ ଦେଉଥିଲେ। ଭଲ ବିହନ, ଭଲ ସାର, ପୋକମରା ଔଷଧ ଓ ଟ୍ରାକ୍ଟର୍ ବ୍ୟବହାର କରି ଚାଷ କରିବାକୁ ଉପଦେଶ ଦେଉଥିଲେ।

ତାଙ୍କ ହିସାବରେ ଏ ସବୁ ଭୁବନେଶ୍ୱରିଆ କଥା ମାନି ଚାଷକଲେ ବର୍ଷକୁ ଏକରପିଛା ଲାଭ ଅନ୍ତତଃ ଦେଢ଼ ହଜାର ଟଙ୍କା ଅଧିକ ହେବ। ଦେଶରୁ ଦାରିଦ୍ର୍ୟ ନିରାକରଣ ହେବ।

ହେଲେ ମୁଁ ଜାଣେ ଆମ ଗାଁ ପାଖେ ବହି ଯାଇଥିବା କେନାଲ୍ ପ୍ରତି 'ଜଳର ଗତି ସର୍ବଦା ନିମ୍ନମୁଖୀ'- ଏଇ ସାଧାରଣ ବୈଜ୍ଞାନିକ ନିୟମଟି ମୋତେ ଲାଗୁ ହୁଏନାହିଁ। ତା'ଛଡ଼ା ବିହନ ସହିତ ସାର ଓ ସାର ସହିତ ପୋକମରା ଔଷଧ ସବୁବେଳେ ଲୁଚକାଳି ଖେଳୁଥାନ୍ତି। ସବୁ କଥା ବୁଝାଇ ପାରିବା ପରେ ଅଫିସର ପଚାରିଲେ,-ଯଦି କୌଣସି ପ୍ରଶ୍ନ ବା ସନ୍ଦେହ ଥାଏ ପଚାରନ୍ତୁ।

ଗାଁର ସମସ୍ତେ ଉଠିଯିବାକୁ ଠିକ୍ କରିଥିଲେ। ମାତ୍ର ମୁଁ କହିଲି,-ମୋର ଗୋଟିଏ ଦୁଇଟା କଥା ଅଛି।

ଅଫିସର ମୋ ଆଗକୁ ବଲବଲ କରି ଚାହିଁଲେ, କହିଲେ,-ହଁ ହଁ ପଚାରନ୍ତୁ।

ମୁଁ ପଚାରିଲି,-ଆପଣଙ୍କ ଦରମା କେତେ ?

ଅଫିସର ନିରବ ରହିଲେ। କିଛି ସମୟ ପରେ କହିଲେ,-ବ୍ୟକ୍ତିଗତ ପ୍ରଶ୍ନ ....

ମୁଁ କହିଲି,-ହଁ କୁହନ୍ତୁ ନା ....

- ଏଇ ଧରନ୍ତୁ ମାସକୁ ଚାରିଶହ ଟଙ୍କା।

- ଅର୍ଥାତ୍ ବର୍ଷକୁ ଚାରି ହଜାର ଆଠ ଶହ ଟଙ୍କା ?

- ହଁ।

ମୁଁ ପୁଣି କହିଲି-ଆଉ ଗୋଟେ କଥା ବି ଅଛି।

- ହଁ ପଚାରନ୍ତୁ !

- ଆପଣଙ୍କର ଜମି କେତେ ?

- ବେଶି ନାହିଁ, ଏଇ ଦଶ ଏକର ଖଣ୍ଡେ।

- ଠିକ୍। ତା ଅର୍ଥ ଆପଣଙ୍କ କଥା ଅନୁସାରେ ଏଇ ଦଶ ଏକରରୁ ଅନ୍ତତଃ ୧୫ ହଜାର ଟଙ୍କା ଲାଭ ହେବା ଦରକାର।

Digitized by srujanika@gmail.com

ଅଫିସର ଲାଲ୍ ହୋଇ ଆସିଲେ, ମାତ୍ର ମୁଁ କହି ଚାଲିଲି,-ଚାଷକାମରେ ନିଜେ ଲାଗିଲେ ଆପଣଙ୍କୁ ତ ପନ୍ଦରହଜାର ଟଙ୍କା ମିଳନ୍ତା, ତା ନ କରି ଏଇ ଚାରିହଜାର ଆଠଶହ ଟଙ୍କାର ଏକ ଚାକିରି କାହିଁକି କରୁଛନ୍ତି ?

ଅଫିସର କହିଲେ,-ମୁଁ କ'ଣ କହୁଥିଲି କି .... ମାନେ ଏ ସବୁ କଥା କୃଷି ମହାବିଦ୍ୟାଳୟରେ ପରୀକ୍ଷାକରି ଦେଖାଯାଇଛି। ଅର୍ଥାତ୍ ମୁଁ କ'ଣ କହୁଥିଲି କି ଆପଣମାନେ ଏମିତି ନିରୁତ୍ସାହିତ ହେଲେ ଚଳିବ ନାହିଁ।

ସେ ଚଉକି ଛାଡ଼ି ଉଠିଲେ ଓ ସିଧା ଯାଇ ଜିପ୍‌ରେ ବସିଲେ। ବିକୃତ ରଡ଼ି କରି ଜିପ୍‌ଟି ଚାଲିଗଲା ପରେ ମୁଁ ଲୋକଙ୍କୁ କହିଲି ....
ପ୍ରକୃତରେ କ'ଣ କହିଲି ମନେ ନାହିଁ।



Digitized by srujanika@gmail.com

ଆଇସ୍‌କ୍ରିମ୍

ପ୍ରଥମେ ବିଜୟ କହିଲା ନିର୍ମଳକୁ,-ଶୁଣିଲୁଣି ନା, ଏଇ ଆମ ଅନୁପମ ବେଶ୍ ଜମେଇଛି ରତ୍ନା ସାଂଗରେ। କାଲି ଦେଖିଲି ଦୁହେଁ ମାଡ୍ରାସ୍ କାଫେର କେବିନ୍ ଭିତରେ ବସିଥିଲେ। ସେଇ ଲାଜକୁରୀ ରତ୍ନା ପୁଣି ଏତେ ଫରୱାର୍ଡ଼ ହୋଇଗଲା।

ତାପରେ ନିର୍ମଳ କହିଲା ପ୍ରକାଶକୁ,-ବାପାରେ ପ୍ରେମ। ସେ ଦୁଇଜଣ ଆଉ ଜାଗା ଠା କିଛି ମାନୁନାହାନ୍ତି। କାଲି ସେକେଣ୍ଡ ଶୋ ଯାଇଥିଲି। ବେଲ୍‌କୋନିରେ ସେ ଦୁହେଁ ମୋର ସାମ୍ନା ଧାଡ଼ିରେ ବସିଥିଲେ ବୋଲି ସିନା ଦେଖିଲି। ବିଦ୍ୟାରାଣ ଯାଉ, ଅନୁ ଅତି କମ୍‌ରେ ରତ୍ନାକୁ ଷାଠିଏଟା ଚୁମା ଦେଇଥିବ- ହଁ ହଁ ସେଇ ହଲ୍ ଭିତରେ।

ପ୍ରକାଶ କହିଲା ଧୀରେନ୍ଦ୍ରକୁ,-ଏଠି ମନ ପୂରିଲା ନାହିଁ ଯେ ଅନୁପମ ଆଉ ରତ୍ନା ଯାଇଥିଲେ ଝାରସୁଗୁଡ଼ା। ସେଠି ଲଜିଂରେ ପୂରା ଦୁଇଟି ରାତି।

ଧୀରେନ୍ଦ୍ର ସନାତନକୁ କହିଲା,-ଶୁଣୁଛି ଭାଇ, ରତ୍ନା ଗୋଟେ ବିଷମ ସମସ୍ୟାରେ ପଡ଼ିଯାଇଛି। ଏଣେ ବାହାଘର ହୋଇପାରୁନାହିଁ, ତେଣେ ଏତେ ଛୋଟ ସହରରେ ଏବୋର୍ସନ କରିବାପାଇଁ ଡାକ୍ତର ମିଳୁନାହାନ୍ତି। ଯାଃ ଠିକ୍ ହେଇଚି। ଏତେ ଚଙ୍ଗଚଙ୍ଗ୍ ହେଲେ ଭଗବାନ ସହିବ ?

ସନାତନ କହିଲା ବିଜୟ, ନିର୍ମଳ, ପ୍ରକାଶ ଓ ଧୀରେନ୍ଦ୍ରକୁ,-କିଛି ଜାଣିନ୍ନା ନା ଏମିତି ତୁଚ୍ଛାଟାରେ ଭଟର୍ ଭଟର୍ ହେଉଛ ବେ। ଏଇ ଗତ ୧୪ ତାରିଖ ଦିନ ସେ ଦୁହେଁ, କଲିକତାର ଗୋଟେ ମେରେଜ୍ ବ୍ୟୁରୋରେ ବାହା ହୋଇସାରିଲେଣି।

ଲକ୍ଷ୍ୟ କରିନ ସେ ଦୁହେଁ ଆଉ କଲେଜ ଆସୁନାହାନ୍ତି।

ଅନୁପମ ସବୁ ଶୁଣିଲା। ସେ ପଚାରିଲା ରତ୍ନାକୁ,-ଏସବୁ କଣ ସତ ?

ରତ୍ନା ଟିକେ ଲାଜେଇ ଗଲା ଓ କହିଲା,-ମୁଁ କିଛି ଜାଣିନି, ଯାଃ। ଆଉ କେବେ ମାଡ୍ରାସ କାଫରେ ଆଇସ୍‌କ୍ରିମ୍ ଖୁଆଇବ କହ। ନ ହେଲେ ତୁମ ସାଙ୍ଗରେ କଟିସ୍।

Digitized by srujanika@gmail.com

ପକ୍ଷୀ ଶିକାର

ଗୋଟିଏ ଝଙ୍କାଳିଆ ବୁଦାକୁ କେନ୍ଦ୍ର କରି ଏକ ପରିଧିରେ ମୁଁ ନାଚିନାଚି, ଭୂଇଁ ଦୁଲୁକାଇ, ଉପରକୁ ହାତ ଟେକି ଓ ହୋ ହୋ ହୋଇ ଚିତ୍କାର ଛାଡ଼ି କିଛି ବେଳ ଦୌଡ଼ିଲି। ବୁଦା ଭିତରୁ ମୁକୁଳି ଅନେକ ଚଢ଼େଇ ବିଭିନ୍ନ ଦିଗକୁ ଉଡ଼ିଗଲେ ଓ ଅଳ୍ପ ସମୟ ପରେ ଅଦୃଶ୍ୟ ହୋଇଗଲେ। ତଥାପି କାଳେ କୌଣସି ବା କେତେକ ଅସମର୍ଥ, ଅନିଚ୍ଛୁକ, ଅଳସୁଆ ଚଢ଼େଇ ବୁଦା ଭିତରେ ରହିଯାଇଥିବେ ଭାବି ମୁଁ ଗୋଟିଏ ଡାଳକୁ ଧରି ଜୋରରେ ହଲାଇଲି। ତାଳରୁ ଅନେକ ଶୁଖିଲା, ମଲାପତ୍ର ଖସିପଡ଼ିଲା ଓ ଦଳେ ମାଛି ଭଳି ପତଙ୍ଗ ଉଡ଼ି ପଳାଇଲେ।

ଏହାପରେ ମୁଁ ସେହି ବୁଦାଠାରୁ ଅଳ୍ପ ଦୂରରେ ଥିବା ଗୋଟିଏ ଗଛର ଛାଇରେ ତଳମୁହାଁ ହୋଇ, କହୁଣି ଭରା ଦେଇ ଶୋଇ ପଡ଼ିଲି ଓ ମୋର କାନ୍ଧରେ ବନ୍ଧୁକ ଲଗାଇ ବୁଦା ଆଡ଼କୁ ନଳୀ ଦେଖାଇ ପ୍ରସ୍ତୁତ ହୋଇରହିଲି। ମୋର ଦୁଇଟି ପାଦ ଗଛର ଗଣ୍ଡିରେ ଚାପିରଖି ମୁଁ ସେହି ମାରଣୋଦ୍ୟତ ଭଙ୍ଗୀରେ ବହୁ ବେଳ ପର୍ଯ୍ୟନ୍ତ ଅଟକିରହିଲି। ବୁଦାରୁ ଉଡ଼ି ପଳାଇଥିବା ପକ୍ଷୀମାନଙ୍କ ମଧ୍ୟରୁ ଗୋଟିକୁ ସୁଦ୍ଧା ଫେରିବାର ମୁଁ ଦେଖିଲିନାହିଁ। ସେତେବେଳେ ଇଚ୍ଛା କରିଥିଲେ ମୁଁ ପଶ୍ଚିମ ଦିଗନ୍ତରେଖାର ଟିକିଏ ଉପରେ ଝୁଲୁଥିବା ସୂର୍ଯ୍ୟକୁ ଗୁଳିକରି ଖସାଇ ଦେଇପାରିଥାନ୍ତି। କିନ୍ତୁ ସୂର୍ଯ୍ୟଶିକାର ମୋର ମୂଳଉଦ୍ଦେଶ୍ୟ ହୋଇ ନ ଥିବା ଯୋଗୁଁ ବନଭୂମିକୁ ଅନ୍ଧକାର ଅକ୍ତିଆର କରିବା ପୂର୍ବରୁ ମୁଁ ବୁଦା ଭିତରେ ଚଳୁଥିବା ଦୁଇଟି ଗୋଲଗୋଲ ଆଖିର ମଝିକୁ ଲକ୍ଷ୍ୟ କରି ବନ୍ଧୁକରୁ ଗୁଳି ଫୁଟାଇଲି।

ଏକ ଲମ୍ବା କାକଳି ଦ୍ୱାରା ସମସ୍ତ ଜଗତ୍‌କୁ ତା'ର ଶେଷବାର୍ତ୍ତା ଜଣାଇ ଗୋଟିଏ ଚଢ଼େଇ ପଡ଼୍‌ପଡ଼୍ ଡେଣା ପିଟି ଅଳ୍ପ ଉଚ୍ଚ ଆକାଶରେ ସେହି ବୁଦାକୁ କେନ୍ଦ୍ର କରି କିଛିବେଳ ଘୂରିଘୂରି ଉଡ଼ିଲା। ତାଠାରୁ ଜୀବନ ପଳାଇଯିବାକୁ ଚେଷ୍ଟା କରୁଥାଏ। ମାଟି ତାକୁ ଟାଣୁଥାଏ ନିଜ ଆଡ଼କୁ, ପୁଣି ଆକାଶ ଭିଡୁଥାଏ ନିଜ ଆଡ଼କୁ। ସେହି ସମୟରେ ମଝିରେ ଛଟପଟ ହେଉଥିବା ପକ୍ଷୀ ସ୍ଥିର କରିପାରୁ ନ ଥାଏ ସେ କାହାର - ମାଟିର ନା ଆକାଶର? ହଠାତ୍ ତଳେ ପଡ଼ିଯାଇ ପକ୍ଷୀଟି ଡେଣା ପିଟି ଧୂଳି ଉଡ଼ାଇଲା, ତା'ର ରକ୍ତର ଲିପିରେ କ'ଣ ଏକ ସଙ୍କେତ ଲେଖି କିମ୍ବା ଆଙ୍କିଦେଲା। ପୁଣି ଅଳ୍ପ ଦୂର ଉଡ଼ିଲା ଓ ନିଶ୍ଚଳ ହୋଇ ତଳେ କଚାଡ଼ିହେଲା।

ମୁଁ ମୋର ଶିକାର ଅଭିଯାନରେ ବିଫଳ ହୋଇ ନ ଥିବା ଯୋଗୁଁ ଆହ୍ଲାଦିତ ହେଲି ଓ ମଲା ଚଢ଼େଇକୁ ବନ୍ଧୁକ ଅଗରେ ଝୁଲାଇ ଗୀତଟିଏ ଗାଇଗାଇ ଘରକୁ ଫେରିଲି।

Digitized by srujanika@gmail.com

ମୁଖା

- ସ୍କୁଲରେ ପଢୁଥିଲାବେଳେ କ'ଣ ସବୁ ଖାଇବାକୁ ଇଚ୍ଛା ହେଉଥିଲା ?
- ଆଇସ୍କ୍ରିମ୍, ରାବିଡ଼ି, ସଂଦେଶ, ବର୍ଫି, ଅଣ୍ଡାଚପ ।
- କ'ଣ ସବୁ ଖାଇବାକୁ ମିଳୁଥିଲା ?
- ପଖାଳ, ଶାଗ, ଆମ୍ବୁଲ, ମୁଢ଼ି, ବାଦାମ, ମାଡ଼ ।
- ମାଡ଼ କ'ଣ ଗୋଟେ ଖାଦ୍ୟ ?
- ହଁ । ମୁଁ ସ୍କୁଲରେ ରୋଜ ଖାଉଥିଲି ।
- କ'ଣ ସବୁ ପଢୁଥିଲ ?
- ଗଣିତ, ସଂସ୍କୃତ, ଇଂଲିଶ, ବିଜ୍ଞାନ, ସାହିତ୍ୟ ।
- କ'ଣ ପଢ଼ିବାକୁ ମନ ଡାକୁଥିଲା ?
- ନଭେଲ୍, ଗପ, ସିନେମା ପତ୍ରିକା, ରହସ୍ୟ, ପ୍ରେମ ।
- ପ୍ରେମ କ'ଣ ଗୋଟେ ପାଠ ?
- ହଁ । ମୁଁ ଏଇନେ ବୁଝିପାରୁଛି ।
- କ'ଣ ପିନ୍ଧିବାକୁ ଇଚ୍ଛା ହେଉଥିଲା ?
- ଫୁଲ୍ପେଣ୍ଟ, ବୁସ୍ ସାର୍ଟ, ବୁଟ୍, ଟାଇ, କୋଟ୍ ।
- କ'ଣ ସବୁ ପିନ୍ଧୁଥିଲ ?
- ହାଫ୍ପେଣ୍ଟ, ଚଟି, ଟି-ସାର୍ଟ, ମୁଖା ।
- ମୁଖା କ'ଣ ଏକ ପରିଧେୟ ?
- ହଁ ସ୍କୁଲରେ ପିନ୍ଧୁଥିଲି ।
- ଆଉ ଏବେ ?
- ଏବେ ବି ପିନ୍ଧୁଛି ।
- କିନ୍ତୁ ତୁମେ ତ ଆଗର ସବୁ ପରିଧାନ ତ୍ୟାଗ କରିସାରିଛ ?
- ହଁ ।
- ତା'ହେଲେ ମୁଖାଟା କାହିଁକି ? ସଉକରେ ?
- ନା । ନା । ମୁଁ ମୁଖା ପିନ୍ଧିବାକୁ ବାଧ୍ୟ ।
- କିଏ ତୁମକୁ ବାଧ୍ୟ କରୁଛି ?
- ଏଇ ମୁଖା ତଳର, ମୁଖା ତଳର, ମୁଖା ତଳର, ମୁଖା ତଳର..
- ଥାଉ ।
- ଥାଉ ।

Digitized by srujanika@gmail.com

ଅସମ୍ଭବ
ଅସଂଭବ
ଅସମ୍‌ଭବ

କୋଡ଼ିଏ ବର୍ଷ ପୂର୍ବେ ମାସକୁ ଦରମା ମାତ୍ର ୩୬୦ଙ୍କା ମିଳୁଥିଲା ବେଳେ ମୋର ନବବିବାହିତା ପତ୍ନୀ କହୁଥିଲା: "ଏତେ କମ୍ ଟଙ୍କାରେ ଚଳିବା ଖୁବ୍ କଷ୍ଟ।"

ପନ୍ଦର ବର୍ଷ ପୂର୍ବେ ମାସକୁ ଦରମା+ପାରିଶ୍ରମିକ କେବଳ ଟ୮୯୫ଙ୍କା ମିଳୁଥିଲା ବେଳେ ଆମର ବଡ଼ପୁଅର ମା କହୁଥିଲା: "ଏତିକିରେ ଚଳିବା ମୁସ୍କିଲ। ଅନ୍ତତଃ ଚାରି ସଂଖ୍ୟାର ଅଙ୍କଟିଏ ହେବା ଚାହି।"

ଦଶବର୍ଷ ପୂବେ ମାସକୁ ଦରମା+ପାରିଶ୍ରମିକ+ରୟାଲଟି ମାତ୍ର ଟ୨୨୪୫ଙ୍କା ଘରକୁ ଆସୁଥିଲା ବେଳେ ମୋର ଭାର୍ଯ୍ୟା ଆମର ଦୁଇଟି ପୁଅଙ୍କୁ ଦେଖାଇ କହୁଥିଲା: "ଆମେ ଦୁହେଁ ଯେମିତି କାଙ୍ଗାଳ ପରି ଏ ଯାଏଁ ବଞ୍ଚିଲେ, ସେମିତି ଯୁଗଯୁଗ ଧରି ବଞ୍ଚି ରହିହେବ। କିନ୍ତୁ ସେତିକି ଆୟୁଷ ବା କାହାର ଥାଏ ? ହେଲେ କେବଳ ଏତିକିରେ ଏ ପିଲା ଦୁଇଟାଙ୍କୁ ମଧ୍ୟ ମଣିଷ କରିବା ସହଜ ନୁହେଁ।"

ପାଞ୍ଚବର୍ଷ ପୂର୍ବେ ପ୍ରତି ମାସ ଦରମା+ପାରିଶ୍ରମିକ+ରୟାଲ୍‌ଟି+ଓଭର୍‌ଟାଇମ୍ ସର୍ବମୋଟ ଟ୨୯୮୫ଙ୍କା ମିଳୁଥିଲା ବେଳେ ଆମ ପରିବାରର କ୍ଷୟଶୀଳ ଆର୍ଥନୀତିକ ଅବସ୍ଥା ସମ୍ପର୍କରେ ମୋତେ ପ୍ରତ୍ୟେକ ରାତିରେ ଗୋଟିଏ ଲେଖାଏଁ କ୍ଷୁଦ୍ର ଭାଷଣ ଶୁଣିବାକୁ ପଡୁଥିଲା। ସମଗ୍ର ଜଗତ୍‌ରେ କେବଳ ଜଣେ ମାତ୍ର ଶ୍ରୋତା ଶୁଣିଥିବା ଭାଷଣଟିର ପ୍ରକାଶନ ମୂଲ୍ୟ ସମ୍ପର୍କରେ ଅନେକ ସନ୍ଦେହ ରହିଥିବାରୁ ବିବରଣୀ ପ୍ରଦାନରୁ ବିରତ ରହୁଛି।

ଏବେ ପି ମାସ ଦରମା+ପାରିଶ୍ରମିକ+ରୟାଲ୍‌ଟି+ଓଭର୍‌ଟାଇମ୍+ ଘରଭଡ଼ା+ସୁଧ+ବୋନସ+ଗସ୍ତଖର୍ଚ୍ଚ ଓ କମିଟିମିଟିଂଭତ୍ତା ଇତ୍ୟାଦି ବାବଦକୁ ଟ୬୯୭୨ଙ୍କା ଘରକୁ ଆସୁଥିବା ବେଳେ ମୋ ପତ୍ନୀ ପ୍ରତିଦିନ ଅନ୍ତତଃ କୋଡ଼ିଏ ପଚିଶ ଥର ନିର୍ଣୟ କହୁଛି "ଅସମ୍ଭବ, ଅସଂଭବ, ଅସମ୍‌ଭବ, ଅ-ସ-ମ୍-ଭ-ବ, ଏତିକିରେ କେମିତି ଚଳିବା ?"

Digitized by srujanika@gmail.com

ଝଡ଼ ଓ ତା'ପରେ

ଏଇ ଟିକିଏ ଆଗରୁ ତ !

ପତ୍ରଟିଏ ବି ହଲୁ ନଥିଲା । ଉଜ୍ଜ୍ୱଳ ଆଲୋକରେ ଗଛ ସବୁ ଏକ ପ୍ରଭାବଶାଳୀ ପରିବେଶ ସୃଷ୍ଟି କରୁଥିଲେ । ପକ୍ଷୀମାନେ ମଧ୍ୟ ଆନନ୍ଦରେ ଉଡ଼ା ଉଡ଼ି କରୁଥିଲେ ।

ଏଇ ଟିକିଏ ଆଗରୁ ତ !

ନିର୍ମେଘ ଆକାଶର ବିସ୍ତୃତି ମାପିବାରେ ଙ୍କମାନେ ମଧ୍ୟ ହତୋତ୍ସାହ ହେଉ ନଥିଲେ । ପୁଣି ପବନ ମଧ୍ୟ ବନ୍ଧୁ ନଥିଲା ଏବଂ ଜୀବନର ଗୋଟିଏ ରୂପାନ୍ତିତ ପ୍ରତୀକ ଭଳି ମନେ ହେଉଥିଲା ସବୁକିଛି ।

ମାତ୍ର ଯାହା ସବୁ ଏତେ ଶୀଘ୍ର ଘଟିଗଲା, ତାକୁ ଲିପିବଦ୍ଧ, ଶବ୍ଦବଦ୍ଧ, ଚିତ୍ରବଦ୍ଧ କରି ନେବାର ଶକ୍ତି ବା ସମୟ ମୋ ପାଖରେ ନଥିଲା । କେବଳ ଏତିକି ମନେ ଅଛି ସେତେବେଳେ ଆଖିକୁ କିଛି ଦିଶୁ ନଥିଲା, କାନକୁ କେବଳ ଶୁଭୁଥିଲା ଆକାଶର ଚିତ୍କାର....ପବନ । ସର୍ବାଙ୍ଗରେ ଅନୁଭୂତ ହେଉଥିଲା ସେଇ ପବନର ଚାବୁକ ମାଡ଼ । ନାକ ମଧ୍ୟରେ ପ୍ରବେଶ କରୁଥିଲା ମୃତ୍ୟୁର ଗନ୍ଧ ।

ଏବଂ ସେଇ ମୁହୂର୍ତ୍ତଟି ଗତ ହୋଇଗଲା ପରେ ମୁଁ ଦେଖିଲି- ମାଟି ଉପରେ ଅନେକ ପକ୍ଷୀଙ୍କର ଶବ, ବୃକ୍ଷରୁ ପତିତ ଅନେକ ଡାଳ, ପତ୍ର, ଫୁଲ, ଫଳ । ସେ ଦୃଶ୍ୟ ଦେଖି ମୋର କାନ୍ଦିବାକୁ ମନ ହୋଇଥିଲା । ମାତ୍ର ମୁଁ ପାରି ନଥିଲି ।

ଏହାପରେ ଆକାଶରୁ ପ୍ରବଳ ଜଳଧାର ଛୁଟି ଆସିଲା ଓ ସେଇ ଜଳଧାରରେ ଭାସିଗଲେ ସବୁ ମଲାପକ୍ଷୀ, ସବୁ ଡାଳ, ସବୁ ପତ୍ର, ସବୁ ଫୁଲ, ସବୁ ଫଳ । ଭାସିଗଲେ ଓ ନିଶ୍ଚିହ୍ନ ହୋଇଗଲେ ।

ମନେହେଲା, ପୃଥିବୀର ପିଠିରେ ମୃତ୍ୟୁ ଓ ଧ୍ୱଂସର ଏ ଚିହ୍ନ ଧରି ରଖିବାର ସାହସ ଆକାଶର ନାହିଁ। ସେ ସେସବୁ ହଟାଇ ଦେବାକୁ, ଲୁଚାଇ ଦେବାକୁ ବାଧ୍ୟ ।

Digitized by srujanika@gmail.com

ଉଦ୍‌ଲିଆ।

ମୁଁ ଭିକ ମାଗୁଥିବା ଛୋଟଛୋଟ ପିଲାଙ୍କୁ ପଇସା ଦିଏ ନାହିଁ। କିନ୍ତୁ କେବେ କେମିତି ମୋର ଇଚ୍ଛା ହେଲେ ସେମାନଙ୍କ ପାଇଁ ଖାଇବା ଜିନିଷ କିଣି ଦିଏ। ସେମାନଙ୍କୁ ଖାଇବାର ଦେଖିଲେ ମୋତେ ସୁଖ ଲାଗେ।

ଜନଗହଳି ତୃତୀୟଶ୍ରେଣୀ ରେଲଡବାର ଠେଲାପେଲା କୋଳାହଳ ଭିତରେ ମୁଁ ଥରେ ଏମିତି ଗୋଟିଏ ଛୋଟ ପିଲାର କାହାଣୀ ଶୁଣିଥିଲି। ସେ ଯାହା କହିଥିଲା ତାକୁ ସଜେଇ ଲେଖିଲେ ଏମିତି ହେବ : ମୋ ଜନ୍ମର ତିନି ମାସ ପୂର୍ବରୁ ମୋ ବାପା ମଟର ଦୁର୍ଘଟଣାରେ ମରି ଯାଇଥିଲେ। ମୋ ମା ବାସନ ଧୋଇ ଓ ପାଣି ବୋହି ମୋତେ ମଣିଷ କରିଛି। ଏବେ ପନ୍ଦର ଦିନ ତଳେ କୂଅମୂଳରେ ଖସି ପଡ଼ି ତାର ହାତ ଭାଙ୍ଗି ଯାଇଛି। ସେ ଡାକ୍ତରଖାନାରେ...ତାର ଚିକିତ୍ସା ପାଇଁ ପଇସା ଦରକାର। ସେଥିପାଇଁ ମାଗୁଛି। ପ୍ରକୃତରେ ମୁଁ ଭିକାରି ନୁହେଁ।

ପିଲାଟି କେଉଁ ଶବ୍ଦରେ ଏତେ କଥା କହିଥିଲା, ମୋର ମନେ ନାହିଁ ମାତ୍ର ମନେଅଛି ତା'ର କରୁଣ ଚେହେରା, ତା'ର ମଇଳା ଗେଞ୍ଜି, ଛିଣ୍ଡା ପେଣ୍ଟ, ଆଖିର ଲୁହ।

ସେ ଥର ମୁଁ ତା'ର କଥାକୁ ସତ ଭାବି ପଇସା ଦେଇଥିଲି। ଆଜକୁ ପ୍ରାୟ ତିନିବର୍ଷ ପରେ ମୁଁ ଚିହ୍ନି ପାରିଲି, ସେଇ ପିଲାଟା ହିଁ ମୋ ଆଗରେ ଠିଆ ହୋଇ କହିଲା- 'ବାବୁ!'

ମୁଁ 'ନା' କହି ମନା କରି ଦେଇଥିଲେ ଚଳିଥାନ୍ତା। ମାତ୍ର ତାକୁ ବ୍ୟଙ୍ଗ କରି ମୁଁ ପଚାରିଦେଲି-'କି ରେ! ଏଥର ବୋଧେ ତୋ ମାଁରି ଗୋଡ଼ ଭାଙ୍ଗି ଯାଇଛି, ନା?'

ସେ ମୁଣ୍ଡ ତଳକୁ ନୁଆଁଇ କହିଲା - 'ନା ଆଜ୍ଞା, ସେଥର ଭଲ ହୋଇ ଡାକ୍ତରଖାନାରୁ ଫେରିବା ପରେ ଜଣେ ଲୋକ ସାଙ୍ଗରେ ପଳାଇ ଗଲା।'

ମୋର ଚୁପ୍ ରହିବା ବ୍ୟତୀତ ଅନ୍ୟ ଗତି ନ ଥିଲା।

Digitized by srujanika@gmail.com

ଆମେ ତିନିଜଣ

ସୁଚିତ୍ରା, ରାଜୀବ ଓ ମୁଁ ଥରେ ଅଂଧାରରେ ଯାଉଁ ଯାଉଁ କଂଟା-ଗାତରେ ପଡ଼ିଥିଲୁ। ସୁଚିତ୍ରା କହିଥିଲା, - "ଇଲୋ ମା' ଲୋ ମରିଗଲି।"
ରାଜୀବ କହିଥିଲା - "ତମର କିଛି ହେଇନି ତ ସୁଚିତ୍ରା?"
ମୁଁ ବି କହିଥିଲି - "ଜାଣିଥିଲେ ଏ ରାସ୍ତାରେ ଆସି ନ ଥାଂତି।"
ଏବଂ ଆଜି ରାଜୀବ ଏଠି ନାହିଁ। ତା ପାଇଁ ସୁଚିତ୍ରା କାଂଦେ। ମୁଁ ତାର ଲୁହ ପୋଛି ସବୁବେଳେ ହସାଇବାକୁ ଚେଷ୍ଟା କରେ। ତାଂକୁ ବାଟ କଢ଼ାଇ ନେବା ପାଇଁ ଅଂଧାର ହେଉ ବା ଆଲୁଅ ହେଉ ମୁଁ ଆଗ ଆଗ ଚାଲେ।
ଏମିତି ଚାଲୁ ଚାଲୁ ମୁଁ ଦିନେ ଗୋଟିଏ କାଦୁଅ-ଗାତ ଭିତରେ ପଡ଼ିଗଲି। ସୁଚିତ୍ରା ହାତ ବଢ଼ାଇ ଆସିଲା ମୋତେ ଉଦ୍ଧାର କରିନେବାକୁ। ମୁଁ କହିଲି, -"ଥାଉ, ଏଠିକି ଆସିଲେ ତୁ ନିଜେ ବି ପଡ଼ିଯିବୁ।"
ସତକୁ ସତ ସେ ଫେରିଗଲା।
ଅନେକ ଦିନ ପର୍ଯ୍ୟଂତ ମୁଁ ସେଠି ପଡ଼ି ରହିବା ପରେ ଖରାରେ କାଦୁଅ ଶୁଖିବାକୁ ଲାଗିଲା। ମୁଁ ବଂଚିଗଲି।
ଏବଂ ଆଜି ଏକ ନିର୍ଜନ ଇଲାକାରେ ଠିଆ ହୋଇ ମୁଁ ନିରେଖୁଛି....ଘାସ ବୁଦାମାନଂକରେ ରାଜୀବ କଣ ଗୋଟାଏ ଖୋଜୁଛି।
ସୁଚିତ୍ରା ପାଟି କରୁଛି, - "ମୋର ସତୀତ୍ୱ ଚାଲିଗଲା! ମୋତେ ବଂଚାଅ! ରକ୍ଷାକର।" ମୁଁ କହୁଛି, - "କଂଟା-ଗାତରେ ବା କାଦୁଅ-ଗାତରେ ତୋର ସତୀତ୍ୱ ହଜିନି। ହେଇ ଆକାଶରେ ବେଲୁନ୍ ହୋଇ ତୋର ସତୀତ୍ୱ ଉଡୁଛି। ପାରିବୁ ଯଦି ଧରିନେ। ରାଜୀବ, ତାକୁ ଟିକେ ସାହାଯ୍ୟ କର।"
ରାଜୀବ ହସୁଛି ଆଉ କହୁଛି, - "ମୋର ଦେହରେ ଡେଣା ଲାଗି ନାହିଁ।"

Digitized by srujanika@gmail.com

ଗଙ୍ଗା, ହୁଗୁଳୀ, ମହାନଦୀ

॥ ଏକ ॥

ମୋର ଅନ୍ତରଙ୍ଗ ବନ୍ଧୁ....ମୋର ସଖା....ମୋର ଅତି ଆପଣାର ସାଙ୍ଗ ରାଜୀବ ଯେଉଁଦିନ ସମ୍ବଲପୁରରୁ ଏ/ଇ/ଆଲ୍ଲାହାବାଦ ଗଲା ପାଠ ପଢ଼ିବା ପାଇଁ, ସେଦିନ ମୁଁ ଏଠି ନ ଥିଲି। ସେ ସେଠାରୁ ପ୍ରଥମ ଚିଠିରେ ଲେଖିଥିଲା, "ଏଠାକୁ ଆସି ପ୍ରଥମେ ଗଙ୍ଗାସ୍ନାନ କଲି। ଭାବିଲି, ସରିତା ସହିତ ଏକତ୍ର-ଶୟନ-ଜନିତ-ପାପ ଏହାଦ୍ୱାରା ଧୋଇ ହୋଇଯିବ। ଏବଂ ତୁ ବିଶ୍ୱାସ କର୍ ବା ନ କର୍ ଏହାପରେ ସେଇ ଝିଅ (ଅରଣା ମଇଁଷି)ଟାର ଚେହେରା ସୁଦ୍ଧା ମୁଁ ଦେଖିବାକୁ ଚାହେଁନା।"

॥ ଦୁଇ ॥

ଏବଂ ମୁଁ ଯେ ଶେଷକୁ ଏମିତି ହେବି, ଏ କଥା ବା କିଏ ଜାଣିଥିଲା ? ତଥାପି ମୁଁ ହେଲି। ଯେଉଁ ସରିତା ମୋର ବନ୍ଧୁପତ୍ନୀ ହେବାର ସ୍ୱପ୍ନ ଦେଖୁଥିଲା, ସିଏ ମୋତେ ପ୍ରେମିକ କରିନେଲା ଅଥବା ମୋର ପ୍ରେମିକା ସାଜିଲା।

ଏବଂ ପ୍ରେମିକ ସାଜିବାରେ ଯେଉଁ ଆବେଗ ସେଇ ଆବେଗର ସ୍ରୁଅରେ ହିଁ, ଆଃ, ମୁଁ ଭାସିଗଲି ଅନେକ ବାଟ।

॥ ତିନି ॥

ଆଜି ବର୍ଷେ ପରେ...ସରିତା କଲିକତାରୁ ଚିଠି ଲେଖିଛି:-"ତୁମେ ଜାଣି ଆନନ୍ଦିତ ହୋଇପାର ଯେ, ମୁଁ ଏକ ଓଡ଼ିଆ କଥାଚିତ୍ରରେ ଅଭିନୟ କରିବା ପାଇଁ ଚୁକ୍ତି ସ୍ୱାକ୍ଷର କରିସାରି ଗତ କାଲି ହୁଗୁଳୀକୁ ଗାଧୋଇବା ପାଇଁ ଯାଇଥିଲି। ଭାବିଲି ହୁଗୁଳୀ ହିଁ ଗଙ୍ଗା। ତୁମେ ଜାଣି ଦୁଃଖିତ ହୋଇପାର ଯେ, ସେଠାରେ ବୁଡ଼ ପକାଇ ତୁମ ସହିତ ସେଦିନ ମହାନଦୀ କୂଳରେ ଘଟିତ ଘଟଣା-ଜନିତ-ପାପକୁ ନଈ ପାଣିରେ ଭସାଇ ଦେଲି।"

॥ ଚାରି ॥

ଏଠି, ସମ୍ବଲପୁରରେ ମହାନଦୀ ଅଛି ଏବଂ ମହାନଦୀରେ ପାପ ଧୋଇ ହୁଏ ନାହିଁ। ଏଣୁ ମୁଁ ଯାବଜ୍ଜୀବନ ଏଇ ସଚ୍ଚୋଟ ସାକ୍ଷୀ ମହାନଦୀ ନିକଟରେ ପାପୀ ହୋଇ ରହିବି। କାରଣ ଗଙ୍ଗା ବା ହୁଗୁଳୀ କୂଳକୁ ଯାଇ ପାରିବି ନାହିଁ। ତଥାପି ମୁଁ ମାନଚିତ୍ରରୁ ଜାଣେ ଯେ ଗଙ୍ଗା (=ହୁଗୁଳୀ), ହୁଗୁଳୀ(=ଗଙ୍ଗା) ଓ ମହାନଦୀ ଶେଷକୁ ଯାଇ ବଙ୍ଗୋପସାଗରରେ ଝାସ ଦେଇଛନ୍ତି।

ଏଣୁ ମୁଁ ପୁରୀରେ ସମୁଦ୍ରସ୍ନାନ କରିବି॥

Digitized by srujanika@gmail.com

ଡାଏରୀରୁ ନୁହେଁ

ସେଥର ଛୁଟି ପୂର୍ବରୁ ସ୍ୱର୍ଣ୍ଣଲତା ଲେଖିଥିଲା - 'ଏଥର ଛୁଟିରେ ତମେ ଯଦି ନ ଆସିବ, ତେବେ ତମରି କଥା ଭାବିଭାବି ମୁଁ ପାଗଳୀ ପାଲଟି ଯିବି'।

ମୁଁ ଆଶ୍ଚର୍ଯ୍ୟ ହୋଇଥିଲି। ତିନିବର୍ଷ ତଳେ ହାଇସ୍କୁଲରେ ଯେଉଁ ଝିଅଟି ପାଠ ପଢୁଥିଲା, ପିଠି ପାଖକୁ ଦି'ଟା ବେଣୀ ଲମ୍ବେଇ ଯିଏ ବାରଣ୍ଡା ସାରା ଡେଇଁଥିଲା ଆଉ କେବେ କେମିତି ଗୀତ ଲେଖିଦେବା ପାଇଁ ଜିଦ୍ ଧରି ବସୁଥିଲା, ସେଇ ସ୍ୱର୍ଣ୍ଣ ପୁଣି ଏମିତି ଲେଖିଲା? କ'ଣ ବୋଲି ଉତ୍ତର ଦେବି? ଅନେକ ଭାବିଲି।

ଉତ୍ତରରେ ଲେଖିଲି - 'ଏଇ ଛୁଟିରେ ମୁଁ ନିଶ୍ଚୟ ଯିବି ଯେ। ମୋ ପାଇଁ ତୁ କଣ ରଖିଛୁ କହ ତ?'

ଏବଂ ଯେଉଁଦିନ ମୁଁ ଘରମୁହାଁ ହୋଇ ବାହାରିଲି, ତା'ର ଠିକ୍ ତିନିଦିନ ପୂର୍ବରୁ ତା ପାଖରୁ ଯେଉଁ ଚିଠିଟି ପାଇଲି, ସେଥିରେ ସେ ଲେଖିଥିଲା - 'ଏଠି ମୁଁ ମତେ, କେବଳ ମତେହିଁ ତୁମ ପାଇଁ ରଖିଚି। ତୁମେ ଆସିବ ତ? ମୋ ରାଣ। ନିଶ୍ଚେ ଆସିବ।'

ଏଇ ଚିଠି ପାଇ ମୁଁ ମନେମନେ ହସିଲି। ସେଇ ଟୋକୀ ସ୍ୱର୍ଣ୍ଣଲତା କେଉଁଠୁ ଶିଖିଲା ଏତେ କଥା? ଯୌବନ ଆସିଲେ ମଣିଷ କଣ ଏତେ ବେଶୀ ବଦଳି ଯାଏ? ତଥାପି ମୁଁ ତାର ନୂତନ ଚେହେରା ଦେଖିବାକୁ ବ୍ୟାକୁଳ ହୋଇ ପଡ଼ିଲି।

ଏବଂ ଆମ ଗାଁରେ ପହଞ୍ଚି ମୁଁ ପ୍ରଥମେ ଗଲି ତାଙ୍କ ଘରକୁ। ଦେଖିଲି ସ୍ୱର୍ଣ୍ଣଲତା ଆଉ ଜଣେ ତରୁଣୀଙ୍କ ସାଙ୍ଗରେ ବାରଣ୍ଡାରେ ବସି ଗପ କରୁଚି। ମତେ ପଚାରିବାକୁ ପଡ଼ିଲାନି। ସ୍ୱର୍ଣ୍ଣ ନିଜେ କହିଲା - 'ତୁମେ ଆସିବ ବୋଲି ମୁଁ ଜାଣିଥିଲି। ପଚାରୁନ ବାସନ୍ତୀକୁ? ଆରେ! ହଁ ହଁ ମୁଁ ଟିକେ ଚିହ୍ନେଇ ଦିଏ, ଇଏ ମୋର ମାମୁଁ ଝିଅ ବାସନ୍ତୀ। ଗତବର୍ଷ..' ତାକୁ ଆଉ କିଛି କହିବା ପାଇଁ ସୁଯୋଗ ନ ଦେଇ ବାସନ୍ତୀ ହାତ ଟେକି କହିଲା, ନମସ୍କାର। ମୁଁ ପ୍ରତି ନମସ୍କାର ଦେଇପାରିଲି ନାହିଁ। ଭାବୁଥିଲି ପ୍ରକୃତରେ ଚିଠି ସବୁ କିଏ ଲେଖେଇ ଥିଲା ଏବଂ କିଏ ଲେଖିଥିଲା।

Digitized by srujanika@gmail.com

ମୋ ପରିବାର ସମ୍ପର୍କରେ

ଜେରା।

- ସେ ଯିଏ ବାରଣ୍ଡାରେ ବସି ବିଡ଼ି ଟାଣୁଛନ୍ତି, ସେ କିଏ ?
- ସେ ଆମ ବାପା।
- ପଞ୍ଚାବନ ପୂରିଲାଣି ?
- ହଁ।
- କେବେଠୁ ?
- ଦେଢ଼ ବର୍ଷ ହେଲା।
- ଆଚ୍ଛା ସବୁବେଳେ ଏମିତି ବିଡ଼ି ଖାଆନ୍ତି ?
- ନା, ଆଗ ସିଗାରେଟ୍ ଖାଉଥିଲେ।
- ଇଏ କିଏ ?
- ମୋ ଭାଇ। ଆରେ ନମସ୍କାର କର।
- (ନ-ମ-ସ୍-କା-ର୍)
- କୋଉ ଶ୍ରେଣୀରେ ପଢୁଚି ?
- ତିନି ବର୍ଷ ହେଲା ଦଶମ।
- ଆଚ୍ଛା, ଇଏ ଜଣ ସବୁଦିନ ଏମିତି ଗର୍ଧବ ?
- ନା, ସପ୍ତମରେ ବୃତ୍ତି ପାଉଥିଲା।

- ଭିତରେ କିଏ କାନ୍ଦୁଛି ?
- ମୋ ମା ... ଆମ ମା।
- ଆଚ୍ଛା ସବୁ ଦିନ ଏମିତି କାନ୍ଦୁଥାନ୍ତି ?
- ନା, ତିନିବର୍ଷ ଆଗରୁ...

- ଆଚ୍ଛା, ଏଇ ସ୍କୁଟରେ ନେଇ ଆସିଥିବା ଲୋକ ଜଣକ ?
- ଚିହ୍ନିନି।
- ତା ହେଲେ ପଛରେ ବସିଥିବା ଝିଅଟି ?
- ମୋ ଭଉଣୀ।
- ଦେଖୁଛି, ଆପଣ ଭାରି ଖୋଲା।
- ହଁ, ହେଉଥିବି। ଘୋଡ଼େଇବା ଭଳି, ଲୁଚେଇବା ଭଳି ଆମର କିଛି ନାହିଁ ଯେ ।

Digitized by srujanika@gmail.com

ଗୁଡ଼ି ଓ ଆକାଶ

ମେଘହୀନ ଆକାଶରେ ଉଡୁଉଡୁ ଗୁଡ଼ିଟିଏ ଭେଟେ ଆହୁରି ଅନେକ ଗୁଡ଼ି। ଅଳ୍ପ କେତେଗୋଟି ଫେରିଆସନ୍ତି ନଟେଇ ପର୍ଯ୍ୟନ୍ତ। ଅଧିକାଂଶ କାଟ ଖାଇ ଖସିପଡ଼ନ୍ତି ପୋଖରୀ ହିଡ଼ର ଗଛ ଉପରେ ଅକ୍ଷତ।

ପୋଖରୀର କାଦୁଅ ବେହରଣର ସବୁଜ ତୃଣ ଭିତରେ ପଛେ ପଛେ ଅନେକ ପାଦ ଧାଉଁଥାନ୍ତି। ହାତରେ ହାଲୁକା ଲମ୍ବା ଲାଠି। ଆକାଶରୁ ଖସୁଥିବା ଗୁଡ଼ିମାନଙ୍କୁ ପୋଖରୀର ପାଣିରେ ପଡ଼ି ନଷ୍ଟ ହୋଇଯିବାର ଦୁର୍ଯୋଗରୁ ରକ୍ଷା କରିବାର ଫିକର ସ୍ପଷ୍ଟ ଦିଶୁଥାଏ ସେମାନଙ୍କର ମୁହଁରେ। ପୋଖରୀକୁ ଘେରିଥିବା ରାସ୍ତା ଉପରେ ଅଟକି ରହିଥାଏ ଏକ ନିଶ୍ଚଳ ଭିଡ଼। ପୋଖରୀର କାଦୁଅ ବେହରଣରେ, ସାମ୍ନାର ତୋଟାରେ, ପଡ଼ିଆରେ, ବିଲରେ ଅନେକ ଲୋକ ଦଉଡ଼ୁଥାନ୍ତି, ଉଡ଼ିଲାବେଳେ କାଟଖାଇ ତଳକୁ ଖସିପଡ଼ୁଥିବା ଗୁଡ଼ିଗୁଡ଼ିକୁ ରକ୍ଷାକରିବା ପାଇଁ ଅକ୍ଷତ। ସେମାନଙ୍କର ଅତ୍ୟୁତ୍ସାହ ଯୋଗୁଁ ବାରଂବାର, ଲାଠିମାଡ଼ ଖାଇ ଗୁଡ଼ିସବୁ ଚିରି, ଫାଟି, ଭାଙ୍ଗି ଯାଉଥାନ୍ତି। ତଥାପି ଦୌଡ଼ ଚାଲିଥାଏ, ଖେଳ ଚାଲିଥାଏ ସଂଧ୍ୟା ପର୍ଯ୍ୟନ୍ତ।

ଠିକ୍ ବେଳ ବୁଡ଼ିଲା ବେଳକୁ ମେଘହୀନ ଆକାଶରେ ଉଡ଼ି ଯାଆନ୍ତି ବାଦୁଡ଼ିମାନେ। କେତେକ ଧରାପଡ଼ନ୍ତି ଡାଳରୁ ଡାଳକୁ ଲମ୍ବିଥିବା ପତଳା ଜାଲରେ। ଅଧିକାଂଶ ଜାଲର ଉପରେ ବା ତଳେ ଉଡ଼ି ପହଞ୍ଚିଯାଆନ୍ତି ବରଗଛ ଡାଳ ପର୍ଯ୍ୟନ୍ତ।

ଏ ଛକାଧରା ଚାଲିଥାଏ ଅନ୍ଧାର ଘୋଟି ଆସିବା ଯାଏଁ। ରାତି ହେଲେ ମେଘହୀନ ଆକାଶ ଆଡ଼କୁ ଚହଲିଯାଏ ଧୂଆଁ। ହାତରେ ଜଳନ୍ତା ରବର ଟାୟାର ଧରି ଧୀର ଓ ସତର୍କ କେତୋଟି ପାଦ ଚାଲୁଥାନ୍ତି ପାଣିର ପାଖେ ପାଖେ। ମାଛମାନେ ଧରାପଡ଼ନ୍ତି। ଅଧିକାଂଶ ଖସିଯାଆନ୍ତି ମଝି ପୋଖରୀକୁ।

ରାତି ଆହୁରି ଘନହେଲେ ମେଘହୀନ ଆକାଶରେ ଦପ୍‌ଦପ୍ ଆଲୁଅ ଜଳାଇ ଓ ନିଭାଇ ଉତ୍ତରଦିଗକୁ ଉଡ଼ିଯାଏ ଏକ ଉଡ଼ାଜାହାଜ। ଅସଂଖ୍ୟ ସ୍ଥିର ଆଲୋକବିନ୍ଦୁ ମଧ୍ୟରେ ଦପ୍‌ଦପ୍ ଚଞ୍ଚଳ ଲାଲ, ଶାଗୁଆ ଓ ସାଦା ଆଲୋକବିନ୍ଦୁ ତିନୋଟି ବାରି ହୋଇଯାଆନ୍ତି।

ତା'ପରେ ମେଘହୀନ ଆକାଶ ଖୋଲାଖୋଲା ଦିଶେ। ଛଣାପଡ଼େ ଯେମିତି ଜୀବନ ଚାଲିଗଲା ତା'ଦିହରୁ। ମଇଳା ଦିଶେ। କ୍ଲାନ୍ତ ଦିଶେ। ମନେହୁଏ ଯେମିତି ଏକାକୀ ହୋଇପଡ଼ିଲା ହଠାତ୍।

ଗୁଡ଼ି, ବାଦୁଡ଼ି, ଉଡ଼ାଜାହାଜ କିଛି ନାହିଁ। ପୋଖରୀର ଜଳ ଶାନ୍ତ। ଆକାଶ ଏକାକୀ।

Digitized by srujanika@gmail.com

ନିଦ

ଚାକିରିରେ ଗର୍ଭସାତ୍ ହେବା ପରେପରେ ମୋର ବାଲ୍ୟବଂଧୁ ମୁକୁନ୍ଦ ଯେତେସବୁ ସ୍ୱପ୍ନ ଦେଖୁଥିଲା, ଏବେ ଚାକିରିରୁ ମୁକୁଳିବାକୁ ଆଉ ମାତ୍ର ଆଠମାସ ଅବଶିଷ୍ଟ ଥିଲା ବେଳକୁ, ତନ୍ମଧ୍ୟରୁ ଅଧିକାଂଶ ସ୍ୱପ୍ନ ବାସ୍ତବ ହୋଇସାରିଥିଲା। ମହାନଗରରେ ଜମି, ବଗିଚା, କୋଠା, ସୁନାପାତ ଓ ତାଗରେ ତିଆରି ଯାବତୀୟ ପ୍ରକାର ଅଳଂକାର, ମହାରଣ୍ୟର ବିରଳ ବୃକ୍ଷର କାଠରେ ତିଆରି ଆସବାବପତ୍ର, ଦୂରଦୂରାନ୍ତର ମନଲୋଭା ଶୋଭାପସରାରୁ ବଛାବଛା ପୋଷାକ, ଜୋତା, ଟୋପି, ଚଷମା, ଘଡ଼ି; ପୁଣି ଅସାଧସାଧିକା ଅସଂଖ୍ୟ ଯନ୍ତ୍ରପାତି। ଜୀବନକୁ ନେଇ ସଂତୁଷ୍ଟ ଓ କୃତଜ୍ଞ ହେବାଭଳି ଏକ ପର୍ଯ୍ୟାୟରେ ପହଂଚି ସାରିଥିଲେ ସୁଦ୍ଧା ମୁକୁନ୍ଦ ଆଦୌ ସ୍ଥିର ହୋଇ ରହିପାରୁ ନ ଥିଲା। ଏବେ ତାର କଳ୍ପନା ବହିର୍ଭୂତ କାଣ୍ଡଟିଏ ଘଟିଗଲା ତାକୁ ନେଇ। ଏକାଦିକ୍ରମେ ସପ୍ତାହେ ପର୍ଯ୍ୟନ୍ତ ତା'ର ଚାଲିବା, ବସିବା, କାଶିବା, ଚାହିଁବା, କହିବା, ନଇଁବା ଇତ୍ୟାଦିରେ ନାନାଦି ବ୍ୟତିକ୍ରମ ଦେଖାଦେବାରୁ ତାର ସ୍ତ୍ରୀ ଓ ପୁତ୍ରକନ୍ୟାଗଣ ବିଚଳିତ ହୋଇ ତାକୁ ସ୍ୱନାମଧନ୍ୟ ଚିକିତ୍ସକମାନଙ୍କର ସାମୟିକ ଦେଖାଚାହାଁରେ ଚାଲିଥିବା ଗୋଟିଏ ଅତ୍ୟାଧୁନିକ ନର୍ସିଂହୋମ୍‌ରେ ଭର୍ତ୍ତି କରିଦେଲେ।

ମୁଁ ତାକୁ ଦେଖିବାକୁ ଯାଇଥିଲି। ସେମାନେ ମୋତେ ମୁକୁନ୍ଦର ସ୍ୱାସ୍ଥ୍ୟ ହିସାବଫର୍ଦ୍ଦ ଦେଖାଇଦେଲେ। ରକ୍ତ ସଞ୍ଚାଳନ, ନିଶ୍ୱାସପ୍ରଶ୍ୱାସ, ହଜମକ୍ରିୟା, ସ୍ନାୟୁଜାଲ, ଆଖି, ନାକ, କାନ, ପାଟି, ଚର୍ମ, ହାଡ଼ ସବୁ ଠିକ୍ ଥିଲା।

ମୁଁ ପଚାରିଲି, 'ସବୁ ତ ଠିକ୍। ତାହେଲେ ମୁସ୍କିଲ୍ କ'ଣ ?'

ମୁକୁନ୍ଦର ବଡ଼ଝିଅ କହିଲା, 'ସବୁ ଠିକ୍ ଯେ ଅଙ୍କଲ୍, ବାପାଙ୍କୁ ଜମାରୁ ନିଦ ହେଉନାହିଁ। ସେ ଶୋଇ ପାରୁନାହାନ୍ତି।'

ମୁଁ ମୁକୁନ୍ଦକୁ ପଚାରିଲି, 'ତୁ କାହିଁକି ଶୋଇ ପାରୁନୁରେ ? ଆଉ ସ୍ୱପ୍ନ ଦେଖିବାକୁ ଇଚ୍ଛା ନାହିଁ ନା କ'ଣ ?'

ମୁକୁନ୍ଦ ହସିଦେଲା। ପଚାରିଲା, 'ଏମିତି କ'ଣ ଶୋଇହୁଏ ? ମଣିଷ ଆଗ ନିଶ୍ଚିନ୍ତ ନ ହେଲେ ଶୋଇବ କେମିତି ?

ଏହାପରେ ସେ କିପରି ନିଶ୍ଚିନ୍ତ ହୋଇପାରିବ ମୋତେ ବୁଝାଇ କହିଲା। ତା'ର କହିବା ଅନୁସାରେ ମୁଁ ତା'ର ଅଫିସ୍‌କୁ ଯାଇ ତା ଟେବୁଲ୍ ଡ୍ରୟର୍ ଭିତରୁ ଗୋଟିଏ ବଡ଼ ଏକ୍‌ଜିକ୍ୟୁଟିଭ୍ ଡାଏରୀ ଓ ମାଳେ ଚାବି ନେଇଆସି ଅନ୍ୟମାନଙ୍କର ଅଜ୍ଞାତରେ ତା'ର ତକିଆ ତଳେ ରଖିଦେଲି। ଏହାପରେ ମୁକୁନ୍ଦ ପନ୍ଦରଦିନ ପାଇଁ ଛୁଟି ଦରଖାସ୍ତ କରି ପ୍ରତିଦିନ ଅଠର କୋଡ଼ିଏ ଘଣ୍ଟା ଲେଖାଏଁ ଶୋଇଲା।

Digitized by srujanika@gmail.com

ବର୍ଷ ପରେ ବର୍ଷ ....

୧୯୮୫: ଏ ମା, ତାକୁ କିଏ ବାହା ହେବ ? ତାର ଲମ୍ବା ଲମ୍ବା ନିଶ, ଡିମାଡିମା ଆଖି ଦେଖିଲେ ତ କଲିଜା ପାଣି ହୋଇଯାଉଛି । ମୋତେ ଗୋଟା ସାରା ଗିଳିଗଲା ପରି ଚାହିଁଥିଲା ।
୧୯୮୬: ନାଇଁ, ଏମିତି ଅଭିଆଡ଼ୀ ରହିଯିବି ପଛକେ ସେଇ ଚନ୍ଦାମୁଣ୍ଡିଆ ବାହାଡ଼ାଦନ୍ତାକୁ ବାହା ହେବି ନାଇଁ, ସେଇଟା ତା'ର ଗୋଟେ ମୁଣ୍ଡ ନା ପିଉଳ କଳସ ? ଦାନ୍ତ ନା କୋଡ଼ି ?
୧୯୮୭: ଅଲବତ୍ ନା । ମିଲିଟାରୀବାଲା । ଶାନ୍ତିବେଳେ ସିନା ସୁଖ । ଅଦିନିଆ ବର୍ଷା ପରି ଯୁଦ୍ଧ ମାଡ଼ି ଆସିଲେ, ସେ ଯଦି ମୋତେ ବିଧବା କରି ମରିଯାଏ .....
୧୯୮୮: ଚାକିରି ନାଇଁ, ବାକିରି ନାଇଁ, ଇଞ୍ଜିନିଅରିଂ ପାଠ ଟିକେ ପଢ଼ି ଦେଇଛି ବୋଲି କଣ ନା ଭାରି ବଡ଼ଲୋକ ହୋଇଗଲା ? ପୁଣି ତାଙ୍କ ଘରଟା କାର୍ପୋରେସନ୍ ନୁହେଁ। ମୁଁ ତ ସେଠି ପାଗଳୀ ହୋଇଯିବି ।
୧୯୮୯: ଯେ ଏକା ଆଇ.ପି.ଏସ୍. ନା ଆହୁରି ଗଣାଗଣା ଅଛନ୍ତି ? ନା ବାବା, ଯା ସାଙ୍ଗରେ ଯାଇ ମୁଁ ପୁଣି କ'ଣ ନା, ରାଜସ୍ଥାନରେ ଘର କରିବି ? ନୋ, ନେଭର୍ ।
୧୯୯୦: ହେଃ ଯେ ପୁଣି ଅଧ୍ୟାପକ । ପାଞ୍ଚବର୍ଷ ହେଲା ଲାଗିଛି ଯେ ସାମାନ୍ୟ ଥିସିସ୍‌ଟାଏ ବି ପୂରା କରିପାରୁନି । ନା ବୋଉ, ମୁଁ ଯା ଘରେ ବସି ଚୁଲି ଫୁଙ୍କିପାରିବି ନାଇଁ।
୧୯୯୧: ଦେଖ । ହିପ୍‌ପୀ ପରି ଦିଶୁଛି । ଇଃ ମା କେତେ ବାଳ ତା ମୁଣ୍ଡରେ, ଗୁନ୍ଥି ଦେଲେ ବେଣୀଟିଏ ହୋଇଯିବ । ନିଶା ପିଶା ଖୁବ୍ ଖାଉଥିବ, ନ ହେଲେ ଏତେ ଲାଲ୍ ଆଖି ।
୧୯୯୨: ବୋଉ ଏ ବର୍ଷ ତ କେହି ଆସୁନାହାନ୍ତି । ମୁଁ କଣ ବୁଢ଼ୀ ହୋଇଗଲି, ନା କ'ଣ ?

Digitized by srujanika@gmail.com

ଉପହାର

ଭାଇ ନବୀନ ସୁନ୍ଦର ତୁମେ ଯେଉଁ ଟି ସେଟ୍ ଦେଇଥିଲ, ତହିଁରୁ ତିନୋଟି କପ୍‌ର ହେଣ୍ଡଲ୍ ଭାଙ୍ଗି ଗଲାଣି, ପ୍ଲେଟଗୁଡ଼ିକରେ ଲଙ୍କା ଲୁଣ ଲେମ୍ବୁ ନ ହେଲେ ଭଜା କି ଶାଗ ବଢ଼ା ହେଉଛି। ଭାଇ ଅଭିନ୍ନଚନ୍ଦ୍ର ତୁମେ ଯେଉଁ ପ୍ଲାଷ୍ଟିକ ତାଜମହଲ ଦେଇଥିଲ ତହିଁର ଦୁଇଟି ମିନାର୍ ଉଠିଗଲାଣି। ଭାଇ ସୁରେଶ କୁମାର ତୁମେ ଯେଉଁ କନାଫୁଲ ଗଛଟି ଦେଇଥିଲ ତହିଁରେ ମଇଳା ଜମିଗଲାଣି।

ମାମୁଁ ଆପଣ ପ୍ୟାରିସ୍‌ରୁ ଫେରିଲାବେଳେ ଯେଉଁ ଅତର ଶିଶି ଆଣିଥିଲେ ଠିପି ଖୋଲି ରଖିଦେବାରୁ ସବୁ ପବନରେ ମିଳାଇଗଲା। ମଉସା ଆପଣ ଦିଲ୍ଲୀରୁ ଯେଉଁ ରାଜସ୍ଥାନୀ ୱାଲ୍ ହେଙ୍ଗିଙ୍ଗ୍ ଆଣିଥିଲେ ତହିଁର ରଙ୍ଗ ଛାଡ଼ିଗଲାଣି ଓ କନା ଠାଏଠାଏ ଚିରିଗଲାଣି। ବଡ ବାପା ଆପଣ ଯେଉଁ ପିତଳ ଦୀପ ସ୍ତମ୍ଭ ଆଣିଥିଲେ ତହିଁରେ ଆମେ ମହମବତୀ ଖଞ୍ଜି ଡ୍ରଇଂ ରୁମ୍‌ରେ ରଖିଦେଇଛୁ।

ଅନୁରେ ତୁ କେତେ ସଉକରେ ଯେଉଁ ଶିଂଘଟିଆରି ଟେବୁଲ୍ ଲେମ୍ ଦେଇଥିଲୁ ତହିଁର ସ୍ୱିଚ୍ ବିଗିଡ଼ିଗଲାଣି। ମନୁରେ ତୁ ଯେଉଁ ଆଲ୍‌ବମ୍ ଦେଇଥିଲୁ ତହିଁରେ ଲଗାଇବା ପାଇଁ ଆମର ଆଉ ଫଟୋ ନାହିଁ।
ବଡ଼ ମା ତୁମେ ଯେଉଁ ଭାଗବତ ଦେଇଥିଲ ତାହା ଆମେ ଆଉ ପଢୁନାହିଁ। ଅନନ୍ତଦା ତୁମେ ଯେଉଁ ଉପନ୍ୟାସ ଦେଇଥିଲ ତହିଁରେ ତୁଚ୍ଛା ମିଛ କଥା ସବୁ ଲେଖା ହୋଇଥିଲା।

Digitized by srujanika@gmail.com

ପେଟ ପଚାରିଲା,

- ମୁଁ କ'ଣ ଖାଦ୍ୟ ପାଇଁ ହକଦାର୍?
- ମାନେ? କ'ଣ କହିବାକୁ ଚାହୁଁଛୁ ତୁ?
- ମାନେ ଖାଦ୍ୟ ଉପରେ ମୋର କିଛି ଅଧିକାର ଅଛି କି ନାହିଁ?
- ହଁ ହଁ ନିଶ୍ଚୟ ଅଛି।
- ତା ହେଲେ ମୋତେ ଖାଇବା ପାଇଁ କିଛି ମିଳୁନାହିଁ ଯେ।

ଛାତ୍ର : ମୁଁ ତ ଏବେ ପଢୁଛି। ମୁଁ ବା କ'ଣ କରି ପାରିବି?

ଶିକ୍ଷକ : ମୁଁ ତ ପଢ଼ାଉଛି। ଏଥିରେ ମୁଁ ବା କ'ଣ କରିପାରେଁ?

କବି: ମୁଁ ତ ଲେଖୁଛି। ଲୋକ କଥା ବି ଲେଖୁଛି। ଏଠୁ ଅଧିକ ମୁଁ କ'ଣ ବା କରିପାରିବି?

ମନ୍ତ୍ରୀ : ମୁଁ ତ କହୁଛି। ଯେତେ ପାରୁଛି, ଯେଉଁଠି ଯେତେବେଳେ ପାରୁଛି, କହୁଛି। କହିବାରେ ଟିକିଏ ବି ହେଳା କରୁନାହିଁ ହଉ, ଏଣିକି ତୋ କଥାଟା ନେଇ ମୁଁ ଅସଲ କାନରେ ପକାଇ ଦେଉଛି।ତେଣିକି ଯାହା ତାଙ୍କର ଇଚ୍ଛା, ତାହା ହିଁ ତୋର ଭାଗ୍ୟ।

ମନ୍ତ୍ରୀଙ୍କ ଏ ପ୍ରକାର କଥା ଶୁଣି ପେଟ ଆଶ୍ୱସ୍ତ ହେଲା।

ଅସଲ କାନରେ କଥାଟି ପଡ଼ିଲା ପରେ କିଛି ସମୟର ନିରବତା। ତା ପରେ ଦୃଢ଼ କଣ୍ଠରୁ ଶୁଭିଲା - ମିଛ ଲୋକ। ପାପୀ ପେଟ। ଅନ୍ତର୍ଘାତୀ ତୁଣ୍ଡ। ଦେଶଦ୍ରୋହୀ ଜିଭ। ଏ ସବୁ କାର୍ଯ୍ୟର ବିରୋଧ କରିବାକୁ ହେବ।

ସେଇ ବିରୋଧର ତୁରନ୍ତ ସଂକେତ ସ୍ୱରୂପ ଅନାମା ବନ୍ଧୁକରୁ ଗୋଟିଏ ଗୁଳି ଆସି ପ୍ରଶ୍ନ ପଚାରୁଥିବା ପେଟ ଭିତରେ ପଶି ହଜିଗଲା।

ପେଟଧାରୀ ମରିଗଲା।

Digitized by srujanika@gmail.com

ମତର ବେପାର

ପୁଣି ଥରେ ଏଇ ଗାଆଁ ଦାଂଡରେ ଢିପ୍ ଉଡ଼ାଇବ ଧୂଳି
ପୁଣି ଥରେ ଏଠି ହାଟରେ ବାଟରେ ମାଇକ୍ କରିବେ କଳି
କେହି ଆଉ ଏଠି କହିପାରୁନାହିଁ ସରେ କେବେ କାହା କାଇ
ଶୁଭୁଥାଏ ଖାଲି 'ଦିଅ ଦିଅ' ଡାକ ମତ-ଭିକ୍ଷୁକ ଦଳ
ହାତ ଯୋଡ଼ି ଦେଇ ହସମାନ ପିଂଧି ଆସିବେ ପୁରୁଣା ଲୋକ
ସମୟାନୁସାରେ ନେଇ ଫେରିଯିବେ ତୁମଠାରୁ ମୁଠେ ଭିକ
ସେଇ ମୁଠେ ଭିକ ଦେବାର ଆଗରୁ ପଚାର ତାହାକୁ ଥରେ
ତୁମ ମତ ନେଇ କେଉଁଠି ବିକିଲା କ'ଣ ପୂରାଇଲା ଘରେ ?

'ଦେଶ ଦେଶ' ବୋଲି ରଡ଼ି ବାରଂବାର କଲା ଯିଏ ନିଜ ପୂଜା
ସେ ପୁଣି ଆସିବ ତୁମରି ଚାଳରେ ଖଂଜି ଦେବାକୁ ଧ୍ୱଜା
ତା କଥାକୁ ଟିକେ ତରକି ନ ଥିଲେ ଭ୍ରମିଯାଇପାରେ ମଥା
କାହାଣୀ ମଝିରେ ହୁଁକାର ନ ଦେଇ ନ ଯୋଡ଼ି ଆହୁରି ଲଥା
ଗତ ଦିନମାନ ମନେ ପକାଇଲେ ଦିଶିବ ଯାହାର ମୁହଁ
ସୁବିଧାବାଦୀ ସେ ମେରୁଦଂଡହୀନ କାହାରି ବଂଧୁ ନୁହଁ
ଦେଶସେବା- ପେଶା କରାଇଛି ଯିଏ ସେ ପୁଣି ଆସିବ ଥରେ
ଫେରାଇ ଦେବ ହେ ଗ୍ରାମବାସୀ ବଂଧୁ ବୁଝିବ ହାରିଲା ପରେ

ପୁଣି ଥରେ ଏଇ ପାଖ ପଡ଼ିଆରେ ଡକାହେବ ଏକ ସଭା
ଅଚିହ୍ନା ମଣିଷ ଆସି ଦଳଦଳ ହେବେ ସେଇଠାରେ ଉଭା
ତୁମ ହାତୁଁ କାମ ଛଡ଼ାଇ ନେବେ ସେ ଶୁଣାଇବେ କେତେ କଥା
ସବୁ ଶୁଣି ଶୁଣି ମନେ ଗୁଣିଗୁଣି ପାଳୁଥିବ ନୀରବତା
'ଭାଇ ଭାଇ' ବୋଲି କହିବେ ବୁଝାଇ ମାଗିବେ ତୁମର ମତ
ରାଜଧାନୀ ଯାଇ ଗୁହାରି କରିଲେ ଶୋଷିବେ ତୁମ ରକତ
ମାଟି ସଂଗେ ଖଟି ଅର୍ଜିବ ଯାହା ଚାହିଁବେ ତହିଁରୁ ଭାଗ
ତୁମ ଆଡ଼େ ପିଠି ଦେଖାଇ ବସିବେ ତୁମେ ଶୁଝୁଥିବ ଲାଗ

Digitized by srujanika@gmail.com

ସେମାନଂକ ପ୍ରତି ସାବଧାନ ଥିବ ତୁମ ପୁଅ ମୁହଁ ଚାହିଁ
ଯାହା ପାଇଲେ ବି ଇମାରୁ ଏଣିକି କଥାରେ ଭୁଲିବ ନାହିଁ
କ୍ଷଣିକରେ ପରା ବଣିକ ବିଶ୍ୱାସୀ ସତମିଛ ମିଛସତ
ତା ହାତରେ ଆଉ ଦେବ ନାହିଁ ମୋଟେ ଇଜ୍ଜତ ମାନତ୍ ମତ
ତୁମରି ଉଜୁଡ଼ା କାଂଥରେ ଲେଖିବେ ଆଂକି ଦେଇଯିବେ ଛବି
ସେଇଥିରେ ଭୁଲି ଦେଇଦେବ ଯଦି ତୁମ ଭାଗ୍ୟର ଚାବି
ଏଇମିତି ଥିବ ଅଛ ଯେଉଁପରି ଆହୁରି ଅନେକ ଯୁଗ
ସାହସ ଛୁଟାଇ ଚାହିଁଲେ ଦେଖିବ ବିଲେଇ ସାଜିଛି ବାଘ

'ଡରିଲେ ହାରିବ' ଏଇ ପଦେ କଥା ମନେ ରଖିଥିବ ଭାଇ
ନ ପାଇଲେ ଲାତ ତାଂକର ଜଗତ୍ ନିଦରୁ ଉଠିବ ନାହିଁ



Digitized by srujanika@gmail.com

ଶୋଇ ପଡ଼୍

ରାତି ଅଂଧାର ହେଲାଣି ପୁଅ ପଡ଼୍‌ରେ ଧୀରେ ଶୋଇ
ନ ଶୋଇ ଖାଲି କାଂଦିବୁ ଯଦି ଡାଆଣୀ ଯିବ ନେଇ
ଭୂତ ଯାଇଛି କହି

ଶୋଇଶୋଇ ତୁ ଉଠିବୁ କାଲ କହିବୁ ନାହିଁ ସତ
ଜାଗା ଅଜାଗା ତରକି ଥିବୁ ନ ଦେବୁ ତୋର ମତ
ସ୍ୱାଧୀନତାର ସୀମାରେଖା ତୁ ନ ଯିବୁ କେବେ ଡେଇଁ
ଡେଇଁବୁ ଯଦି କଏଦୀ ଘରେ ପୂରାଇ ଦେବେ ନେଇ
ପଢ଼ିବୁ ପାଠ ମନ ଦେଇ ତୁ ଖୋଜିବୁ ନାହିଁ କାମ
ଅଢ଼ଲା ଯହିଁ ଚାକିରି ନାହିଁ ମୂର୍ଖର ବଡ଼ ନାମ
ଘୋଷିବୁ ବସି ଗୋଟିଏ ନାଁ ସଂସାର ଯିବୁ ତରି
ତାହାର ନାମ ଅଧୀନ ହୋଇ କିଣା-କିଂକର ପରି
କୁକୁରର ତୁ ଚାକର ହେବୁଁ ଡରିବୁ ଦେଖି ଛାଇ
ରାତି ବହୁତ ହେଲାଣି ପୁଅ ପଡ଼ୁନୁ କିଆଁ ଶୋଇ
ନ ଶୋଇ ଖାଲି କାଂଦିବୁ ଯଦି ଡାଆଣୀ ଯିବ ନେଇ
ଭୂତ ଯାଇଛି କହି

ମାନି ଚଳିବୁ ଜନପଥର ନିୟମ ଗୋଟି ଗୋଟି
ପାଇବୁ ଯାହା ଖାଇବୁ ଧନ ପୁଅର ସାଥେ ବାଂଟି
ଅପଥ ଆଡ଼େ ନ ଚାହିଁ କେବେ ସଳଖ ପଥେ ଯିବୁ
ତଥାପି ରଜାଲୋକ ଦେଖିଲେ ସଲାମ ମାରୁଥିବୁ
ଲୁହର ହ୍ରଦେ ଫୁଟାଇ ଦେବୁ ଜୀବନ ନାଳକଇଁ
ନ ଶୋଇ ଖାଲି ରଡ଼ିବୁ ଯଦି ପାଟି ପଡ଼ିବ ନଇଁ
ପଡ଼୍‌ରେ ଧୀରେ ଶୋଇ

Digitized by srujanika@gmail.com

କେହି ନ ଥିବେ ନିଜର ବୋଲି ଏକ୍ଲା ଯିବୁ ଚାଲି
ଗାଲିଚା ନୁହେଁ ଘାସ ବି ନୁହେଁ ଜୀବନ ତପ୍ତ ବାଲି
ସଭିଏଁ ଏଠି ଶତ୍ରୁ ତୋର ପାଣି ପବନ ମାଟି
ପଶୁ ମଣିଷ ଜୀବାଣୁ କୀଟ ନେବେରେ ସବୁ ଲୁଟି
ଇତିହାସର କବର ତଳୁ ମାରୁଛି କିଏ ହାଇ ?
ସକାଳୁ ଉଠି ତାହାକୁ ଭେଟି ବୁଝାଇଦେବି ମୁହିଁ
ଶୋଇବା ବେଳ ଯାଉଛି ବଢ଼ି
ପତ୍ରୁନ୍ କିଆଁ ଶୋଇ ?

ନାଇଁରେ ଧନ ନାଇଁରେ ସୁନା ନାଇଁରେ ଗଳାହାର
ନାଇଁରେ ପୁଅ ପଡ଼୍‌ରେ ଶୋଇ ନାଇଁରେ ରଜା ମୋର
ନିଜ ନିଦରୁ ଅଧେ ସପନ ଦେଇ ଦେବିରେ ବାବୁ
ତୋହରି ପାଇଁ ରହିଛି ଜିଇଁ ତୋହରି ପାଇଁ ସବୁ
ସାରା ସହର ପଡ଼ିଛି ଶୋଇ ଟାକିଛୁ କାହା ପାଇଁ ?
ରାତି ହେଲଣି ବହୁତ ବେଶି କେହି ଆସିବେ ନାହିଁ
ପଡ଼୍‌ରେ ଧୀରେ ଶୋଇ



Digitized by srujanika@gmail.com

ମୁଂଡ-ବିକ୍ରି

କେତେ କୁହାବୋଲା କରି ଭୁବନେଶ୍ୱରରେ ଚାକିରି ଗୋଟିଏ ଜୁଟିଲା
ତେଣୁ ମନେହେଲା ମୋର ଲଟେରିରେ ଏବେ ଲକ୍ଷାଧିକ ଟଂକା ଫିଟିଲା

ତେଣୁ ମୁଁ ଛାତି ଫୁଲାଇ ପଦକ ଝୁଲାଇ ବନିଗଲି ଗୋଟେ ସାଇବ
ଏବେ ଲୋକ ଠୁଳ କରି ବଂଧୁ ମେଳକରି କିଏ ମୋର ଗୁଣ ଗାଇବ ?

ମୋର ମୁହଁ ପଛପଟେ ମୁହଁ ମୁଁ ଲୁଚାଇ ବସିଥାଏଁ ଭୀରୁ ପରି
କ୍ରୀତଦାସ ହୋଇ ମତ ମୁଁ ବିକିଛି କେହି ନାହିଁ ମୋର ସରି

କିଂତୁ ଭିତରେ ଭିତରେ ଅଦେଖା ଚିତ୍ତରେ କୁହୁଳି ଉଠୁଛି ନିଆଁ
କିପରି ଚାପିବି ହୃଦୟ-ଖୋପରେ ଏଡ଼େ ବିରାଟ ଦୁନିଆ ?

ମୁଁ ତ ମଣିଷଟି ଛାର ମଣିଷଟିଏ
ଖାଲି ପୋଷୁଛି ପେଟ
ଭଲକରି ଜାଣେ ଶେଷେ ଯମର ଭେଟ

ଏଇ ଜୀବନ ଜିଇଁ କିଛି ଗୌରବ ନାହିଁ
ଇଏ ଗୋଟେ ବାସିଫୁଲ ସୌରଭ ନାହିଁ
ଦାସ ଅଧମ ନାମ ମୋର ନାହିଁ ବିଶ୍ରାମ
ଜୀବନକୁ ମରିବାଟା ମୋହରି କାମ
ମୁଁ ତ ବିକିଛି ମୁଂଡ ତେଣୁ ଖୋଲୁନି ତୁଂଡ
ଦିନରାତି ମୋ ବପାରେ ଚାକର ଲୁଂଡ
ଏଇ ବାଜିବ ଦଶ ମୁହିଁ ଯିବି ଅଫିସ
ସେଠି ଯାଇ ଲେଖିଦେବି 'ଅଧମ ଦାସ'

Digitized by srujanika@gmail.com

ମୁଂଡ ନୁଆଁଇଦେବି ଗାଲ ଦେଖାଇଦେବି
ସମସ୍ତଂକୁ ଏକା ମଂତ୍ର ଶିଖାଇଦେବି
ଶୁଆ ଜପିବ ନାମ ସେଇ ଗୋଟିଏ କାମ
କରିକରି ଥକିଯାଇ ନେବି ବିଶ୍ରାମ
ଶୁଆ ଗାଇଲେ ଗୀତ ଶୁଣ ଶୁଣ ହୋ ମିତ
ପାଟି ତାର ଫିଟୈନାହିଁ ଏ ଆଟଂକିତ
ଆମ ଶୁଆପଣିଆ ଯଦି ଚାରିଦିନିଆ
କେମିତି ଛାଡ଼ିବା ଭଲା ଏ ଦିଆନିଆ ?
ଶୁଆ ଘୋଷିବ ମଂତ୍ର ଏଇ ଅଜବ ତଂତ୍ର
ସବୁଠୁ ନିଆରା ଆମେ ସବୁ ସ୍ୱତଂତ୍ର
ତେଣୁ କହିବ କଥା ଯାହା ଶୁଣି ଜନତା
ଘାରି ହେବ ଭାଳିଭାଳି ଅଚିଂତା ଚିଂତା
ଆମେ ସବୁ ମଣିଷ ଆମେ ଅଧମ ଦାସ
ମୁଂଡ ବିକି ଜିଉଁ ବଡ଼ କଷ୍ଟ ଉପାସ



Digitized by srujanika@gmail.com

ସଲାମ ଘେନ

ସଲାମ ଘେନ ରାଜ୍ୟବାସୀ ସଲାମ ଘେନ ନେତା
ମିଳୁ ନ ମିଳୁ ଆଦେଶ ପଛେ କହିବି ଗୋଟେ କଥା
ଉଆସ କିଆଁ ଭୁଶୁଡ଼ିଯାଏ ରାଜ୍ୟ ଯାଏ ଚାଲି
ପ୍ରୀତିର ନଈ ଉଭେଇ ଯାଏ ପଥର ହୁଏ ବାଲି
ବୁଝାଇ କହ ଅଧମ କବି ପଚାରୁଅଛି ଆଜି
କାହିଁକି ଆମ ସାହସ ଆଉ ସ୍ୱପ୍ନ ଗଲା ଭାଜି
ସବୁ ଜିଭରେ ପଡ଼ିଛି ତାଲା ସବୁଠି ନୀରବତା
ସଲାମ ଘେନ ରାଜ୍ୟବାସୀ ସଲାମ ଘେନ ନେତା

ସଲାମ ଘେନ ପାଠୁଆବାବୁ ସଲାମ ଘେନ କୁଲି
କାହିଁକି ଯାହା ଆସୁଛି ମନେ ପାରୁନି ମୁହଁ ଭୁଲି
ପେଟ ଓ ପିଠି ଗୋଟିଏ ଯା'ର ସିଏ କି ବୁଝେ ଗୀତା
ଭୋକିଲା ଲୋକ ପାରେନା ଜାଣି କଥାର କଣ୍ଠାପିତା
ଧର୍ମ,କଳା,ଅର୍ଥନୀତି ଏ ସବୁ ନାମ ଧରି
ଯୁଗ ଯୁଗରୁ ମଣିଷକୁ ଯେ ଶୋଷଣ ଯାଅ କରି
ହୃଦରେ ନିଆଁ ଜଳିଲେ ଜାଣେ ଲିଭିବ ଘର ଚୁଲି
ସଲାମ ଘେନ ପାଠୁଆବାବୁ ସଲାମ ଘେନ କୁଲି

ସଲାମ ଘେନ ମହାଜନ ହେ ସଲାମ ଘେନ ଧନୀ
ପାରେନା ମୁହିଁ ଏ ଦୁନିଆର ଖାଲ ଓ ଢିପ ଚିହ୍ନି
କଳା ଓ ଗୋରା, ଉଚ୍ଚ ଓ ନୀଚ ଜାତିକି ଜାତି ଗଢ଼ି
କହିଲ ତୁମେ ଈଶ୍ୱରୀୟ ଚେତନା ଆସେ ମାଡ଼ି
ପେଟରେ ସଢ଼େ ଛାତିର କଥା ପେଟରେ ଭିନେ କଥା
ଦେହରେ ତୁମ ଉଲ୍ଲାସ ଯେ ଆତ୍ମା ପାଏ ବଥା
ଧନ୍ୟ ସେହି ଆତ୍ମା ତାର ସ୍ୱରୂପ ନାହିଁ ଜାଣି
ସଲାମ ଘେନ ମହାଜନ ହେ ସଲାମ ଘେନ ଧନୀ

Digitized by srujanika@gmail.com

ସଲାମ ଘେନ ଜଗନ୍ନାଥ ସଲାମ ଘେନ ଭ୍ରାତା
ଘିଅ ମହୁର ଦେଶରେ ଏ ଯେ ବିକଟ ଦରିଦ୍ରତା
କାରଣ ତାର ପଚାରୁଅଛି ଅଧମ ଜଣେ କବି
ଅଂଧାର କଳା ବହଳ ଏତେ ପାରୁନି କିଛି ଭାବି
ଉତ୍ତରଟା ଦେବ ତ ଦିଅ ନ ହେଲେ ମାର ହାଣ
ଜଗତ୍ ମଲେ ଜିଇଁଲେ କେହି ଜାଣି ତ ପାରୁନାହିଁ
ଚୁପ୍ ରହିବା ସବୁଠୁ ଭଲ ଶ୍ରେଷ୍ଠ ନୀରବତା
ସଲାମ ଘେନ ବଡ଼ ଠାକୁର ଉତ୍କଳର ନେତା



Digitized by srujanika@gmail.com

ବନବାସୀ

ଏଇ ବନ ସବୁଜିମା ଏଇ ଆକାଶ ନୀଳିମା
ଏଇ ଡେଙ୍ଗ ଡେଙ୍ଗ ବୋହିଯାଏ କହି ଏ ଝରଣା
ତୁମେ ଜାଣିଛ କି କହ ତୁମେ ଶୁଣିଛ କି କହ
ବନବାସୀର ଠିକଣା

ସେ ଯେ କାଠ ବୋହି ବୋହି ତାର ପିଠି ଯାଏ ନଇଁ
ତାର ଜୀବନଟା ବିତେ ଖାଲି ମରଣର ପାଇଁ
ସେ ତ ଜାଣି ନାହିଁ କେବେ ସେ ତ ଶୁଣିନାହିଁ କେବେ
ସେ ତ ଯାଇନାହିଁ କେବେ ଥରେ ପୁର ଓ ପାଟଣା
ତୁମେ ଜାଣିଛ କି କହ ବନବାସୀର ଠିକଣା

ସିଏ ବୁଝେ ତାର ଗାଆଁ ସେଠି ଜନମ ମରଣ
ସିଏ ବସି ଶୁଝୁଥାଏ ତେର ପୁରୁଷର ଋଣ
କିଏ କରିଛି କଳନା ଆମ ହିସାବ ଖାତାରେ
କେତେ ବାକି ତାର ଦେ'ଣା
କେତେ ବାକି ତା ପାଉଣା
ତୁମେ ଜାଣିଛ କି କହ ମଫସଲୀର ଠିକଣା

ସେ ଯେ ପାଣି ଟୋପେ ପାଇଁ ନିତି ଦୁଇ କୋଶ ଧାଇଁ
ଢାଳିଦିଏ ଖାରାଝାଳ ହେଲେ ଲୁଣ ପାଏ ନାହିଁ
ତାର ଦୁଃଖ କିଏ ବୁଝେ କିଏ ବୁଝେ ତା ଯଂତ୍ରଣା
ତୁମେ ଜାଣିଛ କି କହ ସେଇ ଲୋକର ଠିକଣା

Digitized by srujanika@gmail.com

ତୁମ ଜନସୁମାରିରେ ସତେ ଉଠିଛି ତା ନାମ
ଥିବା ନ ଥିବା ସମାନ ଚାଲିଥାଏ ତୁମ କାମ .
ତୁମେ କରୁଥାଅ କ୍ଷତି ସିଏ କରେ ତା ଭରଣା
ତୁମେ ଜାଣିଛ କି କହ ନାଗରିକର ଠିକଣା

ସିଏ ଚିହ୍ନେନି ଅକ୍ଷର ସିଏ ପଢ଼ିନାହିଁ ପାଠ
ତୁମ ପାପଦାହ ପାଇଁ ସିଏ କାଟୁଥାଏ କାଠ
ତାର ନିଜ ମୁଲକରେ ସିଏ ରହିଛି ଅଜଣା
ତୁମେ ଜାଣିଛ କି କହ କରଦାତାର ଠିକଣା

ତୁମ ଟିରାଖଂବ ପାଇଁ, ତୁମ ଆସବାବ ପାଇଁ
ତା'ର ଦିନ ଯାଏ ବିତି ଖାଲି କାଠ ବୋହି ବୋହି
ସିଏ ଗଣୁଥାଏ ଜିଇଁ ତାର ଶ୍ୱାସର ଖଜଣା
ତୁମେ ଜାଣିଛ କି କହ ବନବାସୀର ଠିକଣା



Digitized by srujanika@gmail.com

ରଂଗ ଗୀତ

କଳା ଚାରି ଜାତି କହରେ ଅମଲା କଳା ଚାରି ଜାତି କହ
କହି ନ ପାରିଲେ ଏ ରାଜଧାନୀରେ ମିଳିବନି ତୋତେ ଠିହ

କଳା ଟକାଟୋକା ନୟନ ଯୁଗଳ
କଳା ମୋ ଘରଣୀ ଶାଢ଼ି ହୋ ମାଲିକେ
କଳା ମୋ ଘରଣୀ ଶାଢ଼ି ହୋ ସାଇବ
କଳା ମୋ ଘରଣୀ ଶାଢ଼ି ବଡ଼ବାବୁ
କଳା ମୋ ଘରଣୀ ଶାଢ଼ି
କଳା ହୃଦୟର ଦି'ଫାଳ କବାଟ କଳା ତୁମ ନୂଆ ଗାଡ଼ି

ଧଳା ଚାରି ଜାତି କହ ହୋ ସାଆଂତ ଧଳା ଚାରି ଜାତି କହ
କହି ନ ପାରିଲେ ଗାଉଁଲି ଗାଆଁରେ ହସିଦେବେ ଝିଅ ପୁଅ

ଧଳା ତୃନବୋଳା ଜଥାସ ଆମର
ଧଳା ମୋ ସିଂଦୁକ ଧନ ରେ ଅମଲା
ଧଳା ମୋ ସିଂଦୁକ ଧନ ରେ ଚାକର
ଧଳା ମୋ ସିଂଦୁକ ଧନ ରେ ଭିକାରି
ଧଳା ମୋ ସିଂଦୁକ ଧନ
ଚାଂଦ ଗାଈ ମୋର ଦିଏ ଧଳା କ୍ଷୀର ଧଳା ମୋ ତିଳକ ଚିହ୍ନ

ନୀଳ ଚାରି ଜାତି କହରେ ମୂଲିଆ ନୀଳ ଚାରି ଜାତି କହ
କହି ନ ପାରିଲେ ମାଡ଼ ମାରିମାରି ଫଟାଇଦେବି ତୋ ଦିହ

Digitized by srujanika@gmail.com

ନୀଳ ମୋର ନାଡ଼ି ଶିରା ଉପଶିରା
ନୀଳ ମୋ ଆଖିର ତୋଳା ଜମିଦାର
ନୀଳ ମୋ ଆଖିର ତୋଳା ଗଉଁତିଆ
ନୀଳ ମୋ ଆଖିର ତୋଳା ସାହୁକାର
ନୀଳ ମୋ ଆଖିର ତୋଳା
ନୀଳ ଏ ଆକାଶ ନୀଳ ଏ ସାଗର ହେଲା ଚାରି ନୀଳ ହେଲା

ନାଲି ଚାରି ଜାତି କହ ନାଗରିକ ନାଲି ଚାରି ଜାତି କହ
କହି ନ ପାରିଲେ ଶୁଣ କାନ ପାତି କରି ମନଧ୍ୟାନ ଥୟ
ନାଲି କୃଷ୍ଣଚୂଡ଼ା ନାଲି ପାନପିକ
ନାଲି ତା ପାଦ ଅଳତା ହେ। ଲେଖକ
ନାଲି ତା ପାଦ ଅଳତା ବଂଧୁଗଣ
ନାଲି ତା ପାଦ ଅଳତା ଭାଇମାନେ
ନାଲି ତା ପାଦ ଅଳତା
ଆଉ ଏକ ନାଲି ସଭିଏଁ ଜାଣିଛ: ନାଲି ସରକାରୀ ଫିତା



Digitized by srujanika@gmail.com

ସହର-ଦେଖା

ଯେଉଁ ଘର ଆଗେ ନସର ପସର ମୁଲକ ଯାକର ଚୋର
ସେଠି ରହେ ତାଂକ ନେତା
କଳା ବେପାରର ନିବୁଜ ବଜାର
ରାତି ଅଧ ବେଳେ ଶୁଭେ ଫୁସ୍‌ଫାସ୍ କଥା

ଯେଉଁ ଘର ଆଗେ ଜାତିଜାତି ଜାମା ପୁଅଝିଅ ଯୋଡ଼ି ଯୋଡ଼ି
ସେଠି ପଢ଼ାହୁଏ ପାଠ
ଅଧେ ଦିନ ସେଠି ପରୀକ୍ଷା ଓ ଛୁଟି
ଆଉ ଅଧେ ଦିନ ଖେଳ, ପ୍ରଦର୍ଶନୀ, ନାଟ

ଯେଉଁ ଘର ଆଗେ ଥୁଆ ହୋଇଥାଏ ସାଇକଲ୍ ମାଳମାଳ
ସେଇଟା ଶାସନ ଗାଦି
ନିଦ ଯିବା ପାଇଁ ଭଲ ଜାଗାଟିଏ
ସବୁ ମିଳେ ସେଠି, ଖୋଜିଲେ ନ ମିଳେ ବୁଦ୍ଧି

ଯେଉଁ ଘର ଆଗେ ରକ୍ଷୀ ପ୍ରହରୀ ବଂଧୁକ ଧରି ଠିଆ
ସେଇଠି ରହଂତି ରଜା
ପ୍ରଜାବତ୍ସଳ, ଦାନୀ, କ୍ଷମାଶୀଳ
ବୋଲି ପ୍ରଚାରିତ କରି, ନିଜେ ମାରୁଥାଂତି ମଜା

ଯେଉଁ ଘରଆଗେ ଲାଭଖୋର୍ ଶେଠ, ମୂର୍ଖ ଶାସକ, ଦୁର୍ବଳ ସେନା
ସଦା ଲଗାଇଛି ଭୀଡ଼
ସେ ଘର ଦେଶର ବିଧାନ-ମଂଦିର
ଚାରିପାଖେ ତାର ମୁଂଡ ଟେକିଲାଣି ପୁରୁଷେ ଉଚ୍ଚର ହିଡ଼

Digitized by srujanika@gmail.com

ଯେଉଁ ଘର ଆଗେ ମଳିମୁଂଡିଆ ଗାଆଁରି ଗରିବ ବସି ରହିଥାଏ
ବରଗଛ ଛାଇ ତଳେ
ସେ ଘର ଦେଶର ବିଚାର ଆଳୟ
ଚେହେରାକୁ ଚାହିଁ ଫଇସଲା ହୁଏ
ଦୋଷୀ ମଧ ହୁଏ ନିର୍ଦୋଷ ବେଳେବେଳେ

ହାତୀ ପରି ଉଚ କାଂଥରେ ଘେରା ଯେ ଘର କଇଦୀଖାନା
ସେ ଏକ ଗୋଲକ-ଧଂଦା
ବୁଦ୍ଧିହୀନତା ଗ୍ରାସ କରିଅଛି ବାହାର ଜଗଦ୍‌ଟାକୁ
ତାହାରି ଭିତରେ ଚେତନା ପଡ଼ିଛି ବଂଧା

ଘର ଘର ବୁଲି ପାଦ ଥକିଗଲା, ମଥା ଘୂରିଗଲା
ସରିଲା ସହର-ଦେଖା
ସବୁଠି ଖୋଜିଲି, ମିଳିଲା ନାହିଁରେ
ଯିଏ ହେବ ଠିକ୍ ମଣିଷ ନାମରେ ଲେଖା



Digitized by srujanika@gmail.com

ମାଲ ପଲ୍ଲି

କିଏ ତା'ର ଶତ୍ରୁ କିଏ ତା'ର ସଖା କିଛି ପଡ଼େନାହିଁ ଜଣା
ଲୋକଂକୁ ନ ମିଳୁ ପାଣିଟୋପେ ପଛେ ଆପେ ପିଉଥାଏ ପଣା
ରାତି ବିତେ ତାର ରାବଣ ସଂଗତେ ଦିନ ସାରା ରାମ ରାମ
କହିଲ ଦେଖିବା କେମିତି ବୁଝିଛି
କ'ଣ ଅଟେ ତାର ନାମ ?

ବେତନ ଭୋଗୀର ଲେଖା ବିବରଣୀ ମଣେ ଯିଏ ମହାସତ୍ୟ
ଅନର୍ଗଳ କଥା କହିଚାଲିଥାଏ ନ ଥାଏ ଟିକିଏ ତଥ୍ୟ
ଖବରକାଗଜବାଲାଂକୁ ଡକାଇ ବକୁଥାଏ ଅବିରାମ
କହିଲ ଦେଖିବା କେମିତି ବୁଝିଛ
କ'ଣ ଅଟେ ତାର ନାମ ?

ବେଳ ଜାଣି ବେଶ ବଦଳାଉଥାଏ ଲୋକ ଦେଖି ବ୍ୟବହାର
ରୋପିଲା ଗଛକୁ ଦିଏ ନାହିଁ ପାଣି ସବୁବେଳେ ହରବର
ଲୋଡ଼ିବାକୁ ମତ ଅଦିନେ ଦୁର୍ଦ୍ଦିନେ ବୁଲୁଥାଏ ଗ୍ରାମ ଗ୍ରାମ
କହିଲ ଦେଖିବା କେମିତି ବୁଝିଛ
କ'ଣ ଅଟେ ତାର ନାମ ?

ମନ ହେଲେ ତା'ର ସୁଦୂର ସହରୁ ଫୁର୍‌କିନି ଆସେ ଉଡ଼ି
ତାର ଯିବା ପରେ ସବୁ ଜିନିଷର ଦରଦାମ୍ ଯାଏ ବଢ଼ି
ଜଣାପଡ଼େ ନାହିଁ କୁଆଡ଼େ ଯାଏ ସେ ଡାହାଣ ଅଥବା ବାମ
କହିଲ ଦେଖିବା କେମିତି ବୁଝିଛ
କ'ଣ ଅଟେ ତାର ନାମ ?

Digitized by srujanika@gmail.com

ସପତ ପୁରୁଷ ସକାଶେ ସଂପଦ କରିଥାଏ ସିନା ଜମା
ଖାଇ ଚାଲିଥାଏ ସବୁରି ହାତରୁ ନ ବୁଝେ ଭୋକର ଦାମ।
ତେବେ ବି ଭୋକିଲା ଶୋଷିଲା ମଣିଷ
କରଂତି ତାକୁ ସଲାମ
କହିଲ ଦେଖିବା କେମିତି ବୁଝିଛ
କ'ଣ ଅଟେ ତାର ନାମ ?

ମୁଣ୍ଡଟି ତାହାର ପିକଦାନି ପରି ଆଂଗୁଠି ଯେମିତି ଛୁରି
ପେଟଟି ତାହାର ଶ୍ମସାନ ଗୋଟିଏ ବାସଗୃହ ଇଂଦ୍ରପୁରୀ
ବେଳେବେଳେ ଲାଗେ କିପରି ଏହାକୁ ପାସୋରି ଦେଇଛି ଯମ
କହିଲ ଦେଖିବା କେମିତି ବୁଝିଛ
କ'ଣ ଅଟେ ତାର ନାମ ?

ଅତି ପରିଚିତ ଜଂତୁଟିଏ ସେ ବେଳେବେଳେ ଦିଏ ଦେଖା
କହେ ବାରଂବାର ବଦଳାଇଦେବ ତୁମ ଭାଗ୍ୟର ରେଖା
ତୁମରି କାଂଦଣା ଶୁଣିଲେ ସେ ହସେ
ଭଗିଥାଏ ନିଜ ଧାମ
କହିଲ ଦେଖିବା କେମିତି ବୁଝିଛ
କ'ଣ ଅଟେ ତାର ନାମ ?

Digitized by srujanika@gmail.com

ଏଠି

ଏଠି ନିନ୍ଦୁଆମାନେ ଖୋଇ ଖୋଇ ସାରି ଦିଅଂତି ବଢ଼ିଆ ଜହ୍ନରାତି
ଏଠି ମଦୁଆମାନେ ପିଇ ପିଇ ମାରି ନିଅଂତି କଳାକାରର ଖ୍ୟାତି
ଏଠି କିସମ କିସମ ମଣିଷ ପୁଣି ଅଲଗା ଅଲଗା ଜାତି
ଏଠି ଖେଦି, ଆବୋରି, ଘଉଡ଼ି, ଡାକି ଗଢ଼ଂତି ଲୋକ ବସ୍ତି
ଏଠି ନାମ ଓ ଗୁଣ ଭିନେ
ଏଠି ରାସ୍ତା ସାରା ଦୁଇ କଡ଼ରେ ବତି ଜଳୁଥାଏ ଦିନେ

ଏଠି ସପନ ପରି ମଧୁର ଲାଗେ ଆଗାମୀ ଯୁଗ ଛବି
ଏଇ କଳ୍ପନାରେ ବିତାଏଁ କାଳ ଛବିର କଥା ଭାବି
ଏଠି ହୁଏନା କିଛି, ଘଟେନା କିଛି ଦିହକ ଯାଏ ସରି
ଏଇ ଅଂଧକାର ରାତିରେ ଏକ ଆଲୋକରେଖା ପରି
ଏଠି ପ୍ରସୂତି ଦେଖେ ହତ୍ୟା ଆଉ ଜନକ ଦେଖେ ନାଶ
ଏଠି ମରିବା ଲୋକ ଅଜାଣତରେ ବଢ଼ାଏ ନିଜ ବଂଶ
ଏଠି ମରଣ ପୂଜନୀୟ
ଏଠି ଜୀବନ ଗତି ମାନିବା ଲୋକ ପଥିକ ଦୟନୀୟ

ଏଠି ପତାକା ତଳେ ଖଟ ପକାଇ ଲୋକ ଗଢ଼ଂତି ଦଳ
ଏଠି ନିରବତାର ମହତ୍ ନାହିଁ ବଂଦ୍ୟ କୋଳାହଳ
ଏଠି ଜିଭଲାଳସୀ ଭୋକିଲା ହୁଏ ପାଚକ ସୂପକାର
ଏଠି ଗଂତାଘରର ପ୍ରହରୀ ହୁଏ ସବୁଠୁଁ ବଡ଼ ଚୋର
ଏଠି ଅଂଧ ଦେଖାଏ ବାଟ
ଏଠି କ୍ଷମତାଧର ଭକୁଆ ଶିରେ ବଂଧା ହୁଏ ପାଟ

Digitized by srujanika@gmail.com

ଏଠି ପାହାଡ ପରି ଉପର ତଳ ମଣିଷ ଥାକ ଥାକ
ଏଠି ଶଶିଠାରରେ ବେପାର ଚାଲେ ଜାଣିବା ଲୋକ ମୂର୍ଖ
ଏଠି ବଧିର ବୁଝେ ମୂକର କଥା ପଂଗୁ ସେନାପତି
ଏଠି ଯାହାକୁ ଯାହା ଦେଶ ଗୋଟିଏ ମାଣ୍ଡବଡ଼ ଦାତା
ଏଠି ନାହିଁ ତ ସମନ୍ୱୟ
ଏଠି ତାଲିକା ଯେବେ ତିଆରି ହୁଏ ମାଡ଼ି ବସଇ ଭୟ



Digitized by srujanika@gmail.com

ଅସହାୟ କଉଡ଼ି

ନା କହିଲେ ଅଡୁଆ ହଁ କହିଲେ ବଢ଼ିଆ
ଚାଲିଛି ଖେଳ ଦିନରାତି ଶୂନ୍ୟ ଖେଳ ପଡ଼ିଆ
ନା କହିଲେ ବିଦାୟ ହଁ କହିଲେ ସ୍ୱାଗତ
ଦିଆନିଆର ହିସାବରେ ପାଇବୁ ନିଜ ଭାଗ ତ

ଖେତଟିଏ ଖଳାଟିଏ ସୁଂଦର କୋଠା
ଝାରୀ ପରି ନାରୀଟିଏ ଚିକ୍କଣ ମଠା
ନୂଆନୂଆ ଗାଡ଼ିଟିଏ କଥାକୁହା ଯଂତ୍ର
ବଢ଼ିଆ କଲମଟିଏ ଦରଘୋଷା ମଂତ୍ର
ବଂଶ ବଢୁ ତୋରଂକର, ବୃକ୍ଷ ମେଲୁ ଡାଳ
ସେମାନଙ୍କୁ ମିଳୁଥାଉ ସେକାଳ ପଖାଳ
ଥା କହିଲେ ଚେରେଇ ଯା, ଖା କହିଲେ ଗିଳି ଦେ
ଚିହ୍ନା ମୁହଁ ଦିଶିଲେ ଡାଟି କବାଟ କିଳି ଦେ

ସରୁଟିଏ ଭୀରୁଟିଏ ଲୁଚିଛି ଭିତରେ
ମୋଟାଟିଏ ଚୋଠାଟିଏ ଥରୁଛି କାତରେ
ମୂଷାଟିଏ ପୋଷିପାରି ହୃଦୟରେ ତୋର
ମନେ ମନେ ଠକିଯିବୁ ଏ ଖେଳ ସଂସାର
ଯା କହିଲେ ଧାଇଁଲୁ, ଆ କହିଲେ ଦଉଡ଼ି
ପଶାପାଲିର ବାଜିରେ ତୁ ଅସହାୟ କଉଡ଼ି

ଖୋଲୁଖୋଲୁ ଖୋଲିଯାଏ ଗଂଭୀରି କବାଟ
ଚାଲୁଚାଲୁ ଦିଶିଯାଏ କେତେ ନୂଆ ବାଟ
ଖୋଲୁ ଖୋଲୁ କୁଅଟିଏ ବର୍ଷିଦିଏ ମେଘ
ବିଲେଇ ହୁଏ ହିଂସ୍ର ଏଠି, ପୋଷା ମାନେ ବାଘ

Digitized by srujanika@gmail.com

ନା କହିଲେ ଅଡୁଆ ହଁ କହିଲେ ବଢ଼ିଆ
ଚେଇଁଥାଇ ସ୍ୱପ୍ନ ଦେଖୁ ତୁ ଜଣେ ଓଡ଼ିଆ
ମୁଁ ଜଣେ ଓଡ଼ିଆ



ଋଣ ଧନରେ ତିଆରି ଘରଟିକୁ ନିଜର କରିବା ପାଇଁ
ନିର୍ମାତାଗଣ ଭଡ଼ାଟିଆମାନଙ୍କର ସହାୟତା ନିଅନ୍ତି ।

Digitized by srujanika@gmail.com

ଚଢ଼ା ଉତୁରା

ମୁଖା ଖୋଲିଦେଲେ ମୁହଁ ଲଂଗଳା, ଲଂଗଳା ମୁହଁରେ ଚୂନ ଓ କଳା
ଲାଗିଛି ଭାଇ
ଚୋର ଚାଲୁଅଛି ତଳକୁ ଚାହିଁ

ସବୁ ତରକାରି ହେଲେ ଅଲଣା, ପାଚକ ବିଚରା କାହିଁରେ ଗଣା ?
କହ ବୁଝାଇ
କିଆଁ ତରତର ଖାଇବା ପାଇଁ ?

ରାଇଜ ରହିଲା ରାଜନ ଗଲା, ପେଡ଼ି ଓ ସିଂଦୁକ ପଡ଼ିଛି ମେଲା
ଥିଲା କି କିସ ?
କେହି ମରିନାହିଁ ନ ଥିଲା ବିଷ

ଖେଳ ଚାଲିଅଛି ଚଢ଼ାଉତୁରା, କାଲିର ଗଂଧିଆ ସଫାସୁତୁରା
କିଏ କେଉଁଠି ?
କିଏ ଖଟେ କିଏ ଖଟାଏ ବେଠି ?

ଏହାର ଆରଂଭ ତାହାର ଶେଷ, ଏହାର ରେଜେଇ ତାହାର ବେଁସ
ନିତିଦିନିଆ
ଭାବନାହିଁ କିଛି ଘଟୁଛି ନୂଆ

Digitized by srujanika@gmail.com

ଭୁଲାମନ

ଏତେ ଜଲ୍‌ଦି ସବୁକଥା ଭୁଲିଯିବା ଠିକ୍ ନୁହେଁ
ଜାଣି ସୁଦ୍ଧା ଏତେ ଜଲ୍‌ଦି ସବୁ କଥା
ସେମାନଂକ ସବୁ କଥା
ତୁମେମାନେ ଭୁଲି ଯାଇ ପାରୁଛ କେମିତି ?

ରଂଗିନ ଲିପିରେ ଲେଖା ପ୍ରକାଂଡ ମିଥ୍ୟାକୁ
ପୁଣି ଉଜ୍ଜ୍ୱଳ ଆଭାରେ ଧୂଆ ରେଶମୀ ଭ୍ରମକୁ
ପୁଣି ଉଲ୍ଲାସରେ ଥରହର ତାଂଡବ ଠାଣିକୁ
ଭୁଲି ଯାଇ ପାରୁଛ କେମିତି ?

ସେମାନେ ତ କହିଥିଲେ ହାତକୁ ତୁମର ଦେବେ କାମ
ଆଉ ପେଟକୁ ତୁମର ଦେବେ ଭାତ
ଆଉ ଆଖିକୁ ତୁମର ଦେବେ ନିଦ,
ଏବେ ତ ନିଷ୍କର୍ମା ଆଉ ଭୋକିଲା ଓ ନିଦହରା ତୁମେ
ଏବେ ବି ପଡୁନି ମନେ ? କି ଆଶ୍ଚର୍ଯ୍ୟ !
ଏତେ ବେଶି ପ୍ରତାରଣା ଏତେ ସହଜରେ
ଭୁଲିଯାଇ ପାରୁଛ କେମିତି ?

ଭୋକ କି ଭୁଲାଇଦିଏ ସବୁ କିଛି ?
ଆଶାବାଦୀମାନେ କ'ଣ ଏତେ କ୍ଷମାଶୀଳ ?
ଲୁଂଠନକାରୀଠୁ ଦାନ ପାଇବା ନିମନ୍ତେ
ପ୍ରାର୍ଥୀ କ'ଣ ହୋଇପାରେ ତୁମ ପରି ଏତେ ଭୁଲାମନ ?

ତୁମକୁ ହୁଏନା ବୁଝି, ସେମାନେ ତ ସହଜେ ଚତୁର
ମୁଁ ଏଠାରେ ହସ୍ତକ୍ଷେପକାରୀ
ସ୍ମୃତି ପାଇଁ ସ୍ମାରକ ଯେମିତି
ବହୁବାର ଶୁଣିଥିବା କଥା ସବୁ ଠିକ୍ କାମ ବେଳେ
ପ୍ରତିଥର ତୁମେମାନେ
ଭୁଲିଯାଇ ପାରୁଛ କେମିତି ?

Digitized by srujanika@gmail.com

ପେଟ ପାଟି

ପେଟର କଥା ବୁଝେନା ପାଟି ପାଟିର କଥା ପେଟ
ଏଭଳି ଏକ ରାଜ୍ୟ କାହିଁ ଦୁହେଁ ଯେଉଁଠି ଭେଟ ?

ଖାଇବାପାଇଁ ଯାହାର ଜିଭ ସଦା ରଖଇ ଆଶା
କହିବାପାଇଁ ସିଏ ବା କାହୁଁ ପାଇବ କହ ଭାଷା ?
ଭୋକ ବୁଝେନା ବିଶ୍ଳେଷଣ ତର୍ଜମା ଓ ବ୍ୟାଖ୍ୟା
ଭୋକିଲା ଜିଭ ପାରେନା ବାରି ମହୁଲ ଆଉ ଦ୍ରାକ୍ଷା
ଖାଇବା ଆଉ କହିବା ଦୁହେଁ
କେଉଁଠି ଏକଜୁଟ ?

ଜିଭ ଯାହାର ପ୍ରତି ନିମିଷ ପେଟର କଥା ବୁଝେ
ମନର କଥା ହୃଦୟ କଥା ଜିଭ ଅଗରେ ହଜେ
ରସନା ଯଦି ବଚନ ଲାଗି ନ କରେ କିଛି କାମ
ଅକଥନର ମୂଲ୍ୟ କେତେ ? ଅକୁହା କେଉଁ ନାମ ?
ଏଡ଼େ ବିରାଟ ଶରୀର କିଂତୁ
ଜିଭଟା କେତେ ଛୋଟ ।

ଖାଉଛ ବୋଲି କହିବ ନାହିଁ କାହିଁ ଏମିତି ନୀତି ?
ସଳଖ କଥା ନ କହି କିଆଁ ତେଢ଼ାରେ ଅଛ ମାତି
ଖାଇବା ପାଇଁ ନ ମିଳୁ ପଛେ କହିବା ଆମେ କଥା
ହଲିଲେ ପାଟି ଫୁଟିବ ବାଣୀ ହଟିବ ନିରବତା
ଶବ୍ଦମୟ ଘର ସଂସାର
କାହିଁକି ଏତେ ଫାଟ ?

Digitized by srujanika@gmail.com

ଟେବୁଲ ଧାରା ହୋଇଛି ଥୁଆ ଖାଦ୍ୟ ଜାତି ଜାତି
ପେଟକୁ କିଏ ରଖନ୍ତା ଥଣ୍ଡା ମୁଣ୍ଡକୁ ଦେବ ଜାଣି
ବାହା ଭୋଜିରେ ଭାତ ପାହାଡ଼ ଡାଲି ବେଶିଆ ମିଳି
ଖାଅରେ ଭାଇ ପାଇବ ନାହିଁ ଏ ସବୁ ଯିବ ସରି

ଅନେକ କଥା ଅକୁହା ହୋଇ ପାରେନା ଜିଭ ଭେଟି
କହରେ ଭାଇ ସେ ଭଳି କଥା
ଖୋଲରେ ଭାଇ ପାଟି
ନ ହେଲେ ଖାଲି ଖାଦ୍ୟ ଦେଇ
ନେବେରେ ଶବ୍ଦ ଲୁଟି



ଗୋଟିଏ ବହିରୁ ନକଲ କରିଥିବା ଛାତ୍ର ପରୀକ୍ଷାରେ ଅକୃତକାର୍ଯ୍ୟ ହେଉଥିବା ସ୍ଥଳେ ପଚିଶଟି ବହିରୁ ନକଲ କରିଥିବା ଅଧ୍ୟାପକଙ୍କୁ ଡକ୍ଟରେଟ୍ ଉପାଧି ଦିଆହେଉଛି ।

Digitized by srujanika@gmail.com

ଚୁପ୍

ଖୋଲିବା ପାଇଁ ପଡ଼ିଛି ଭାଇ ହଜାର ହଜାର ଗଂଠି
ନେତା ହାତରେ ରହିଛି ଭାଇ ସାରା ଦେଶର ପାଂଠି
ଉଦ୍ ଉଦ୍ ହଗୁରାରେ ମୁତୁରା
ସବୁରି ଦିହରେ ମାଛି ଭଣଭଣ
କିଏ ଏଠି ସଫାସୁତୁରା ?
ତୁ ନୋହୁରେ ମୁଁ ବି ନୁହେଁ ନୁହେଁ ମୋ ଅଜା ବାପ
ତେଂଗା ଛାଇର ଦାକିମାତିରେ ପାଟି ଖୋଲିଲେ ପାପ
ତେଣୁ ଚୁପ୍ ଚୁପ୍ ଚୁପ୍
ଆମେ ପାଉନୁ ତୋରାଣି ଟୋପେ, ସିଏ ଖାଆଂତି ସୁପ୍

କହିବା ପାଇଁ ରହିଛି ଭାଇ କେତେ ନା କେତେ କଥା
ଟେକିବା ପାଇଁ ପଡ଼ିଛି ନଇଁ ଗୋଟା ଦେଶର ମଥା
ଉଦ୍ ଉଦ୍ ଚାକରରେ ଉଦ୍ ଉଦ୍ କୁକୁର
ଦାଂତ ଲେଫଡ଼ାଇ ସଭିଏଁ ହସିଲେ
କାହା ମୁହଁ ମନ-ମୁକୁର ?

କିଏ ପିଂଧିଛି ହସ ଓ ଲୁହ, କିଏ ପିଂଧିଛି ମୁଖା
ଛୁରି ପଚାଇ ଧରିଛି ଯିଏ ସିଏ କାହାର ସଖା ?
ତେଣୁ ଶିଖ୍ ଶିଖ୍ ଶିଖ୍
ବନ୍ଧୁ ଜାତିର ମଣିଷ-ମେଳା, କେଉଁଟି ଭୁଲ୍ ଠିକ୍

ପିଇବା ପାଇଁ ଦଉଡ଼ିଗଲେ ଶୁଖିଯାଉଛି ନଦୀ
ଗୋଳିଆ ସୂତା ବାରି ହେଉନି କେଉଁଟା ଅଂତ ଆଦି
ଉଦ୍ ଉଦ୍ ଶୋଷିଲାରେ ଉଦ୍ଉଦ୍ ଭୋକିଲା
ତୋର କିସ ଯାଏ ଆସେରେ ମୁରୁଖ
କିଏ ଜେଲ୍ ଘରେ ଢୁକିଲା ?

Digitized by srujanika@gmail.com

ଥରେ ଶୋଇଲେ ପାଂଚ ବରଷ ଫିଟେନା ତୋର ନନ୍ଦ
କୁଂଭକର୍ଣ୍ଣକୁ ଟପିବୁ ବୋଲି ମନେ ରଖିବୁ ସାଧ
ତେଣୁ ଲେଖ୍ ଲେଖ୍ ଲେଖ୍
କିଏ ଯାଉଛି କେଉଁ ବାଟରେ ଆଖି ଫିଟାଇ ଦେଖ୍
ଶୋଇବା ପାଇଁ ମରିବା ପାଇଁ ସବୁ ବଢ଼ିଆ ଥାନ
ପ୍ରଶ୍ନ ଚାପି ତୋଟିର ତଳେ ଗାଆ ମଧୁର ଗାନ
ଶୋଇପଡ଼୍ କପିଳାରେ ଶୋଇପଡ଼୍ କାଶିଆ
ଶୋଇ ରହିଥିଲେ ସଭିଏଁ ଏକା
ଅରସିକ ଓ ରସିଆ



ଯନ୍ତ୍ର ସଜାଡ଼ି ନ ପାରିବାର ଅସାମର୍ଥ୍ୟକୁ ଘୋଡ଼ାଇବା ନିମନ୍ତେ ଶାସକମାନେ ବାରମ୍ବାର ଚାଳକମାନଙ୍କୁ ବଦଳି କରନ୍ତି ।

Digitized by srujanika@gmail.com

ସଭାକୁ ଚାଲ

ବେଳ ବୁଡ଼ିଗଲେ ବ୍ୟୋମଯାନ ଚଢ଼ି ନେତା ଉଡ଼ିଯିବେ ଗଡ଼କୁ ଫେରି
ଆଉ କେହି କରନା ଡେରି

ଚାଲ ଚାଲ ଯିବା ସହଳ
ନେତାଂକ କଥାରୁ ବାଂଫ ଉଠୁଥିବ, ହୋଇଥିବ ଭାରି ଲୋକଗହଳ

ଉଠ ଉଠ ଗାଡ଼ିରେ ବସ
ତୁମ ଲୁହକଥା ଶୁଣିଲା ଦିନଠୁ ଉଭେଇ ଯାଇଛି ଓଠର ହସ

ସହର ଦେଖିବ ମାଲ୍ ମୂଲେଇବ ଯାହା କାମ ଅଛି ପାରିବ ସାରି
ଆଉ ଭାଇ କରନା ଡେରି

ଆସ ଆସ ଯିବା ଚଂଚଳ
ଖାଲି ତୁମ କଥା ଚିଂତା କରିକରି ମୁଂଡରୁ ତାଂକର ଝଡ଼ୁଛି ବାଳ
ନୟନ ପୂରାଇ ଦେଖିବା ସକାଶେ ହୋଇଥିବ ଭାରି ଲୋକଗହଳ

ଏଭଳି ମଣିଷ କେଉଁଠାରେ ଥରେ ତୁମରି ଭିତରେ ଦିଅଂତି ଦେଖା
ମନେ ରଖିଥିବ ଗ୍ରାମବାସୀ ବଂଧୁ ସେ ଆମ ମଉଡ଼ ଆମର ସଖା
ବହୁଦିନ ପରେ ମନେ ପଡ଼ିବାରୁ ଏ ଆଡ଼କୁ ଏବେ ଆସିଲେ ଚାଲି
ଆଉ କେହି କରନା ଡେରି

ରାଜଧାନୀ ଛାଡ଼ି ଆସିଛଂତି ଉଡ଼ି ଆମରି ଭିତରେ ହେବାକୁ ଉଭା
ଆସ ଆସ ଯିବା ଶୀଘ୍ର ପହଂଚିବା ସଫଳ କରିବା ନେତାଂକ ସଭା
ଜୟ ଜୟ କହି ହାତ ହଲାଇବା ଦେଖି ଖୁସି ହେବେ ନେତା ଆମରି
ଆଉ କେହି କରନା ଡେରି

Digitized by srujanika@gmail.com

ସୁଦିନ

ସେମାନେ ଥାଆଂତି ମେଳା ମଉଛବେ ତୁହି ରହିଥାଉ ଏକା
ତଥାପି ତୋହର ମନକୁ ଏଯାଏଁ ପଶିପାରିନାହିଁ ଦକା
ତାଂକ ଅନର୍ଗଳ ଭାଷଣ ଲିଖନ ମାତ୍ରେ ନାହିଁ ତୋର ପାଶ
କାଂଥ ଯାଏ ଭାଂଗି ଛାତ ଯାଏ ଉଡ଼ି ଚୁଲି ମୁଂଡେ ଉଠେ ଘାସ
ଅଖିଆ ଅପିଆ ବସିଥାଉ ତୁହି ଆବୋରି ଚକିଏ ମାଟି
ସେମାନଂକ ଆଡୁ ଆସି ଲୋକଟିଏ ନେଇଯାଏ ଘରଡାଟି
ମାଟିର କୁଦକୁ ଗାଆଁ ବୋଲି ଭାବୁ ଢିପକୁ ବୋଲୁ ତୋ ଘର
ଲାଖି ରହିଥାଉ ସେଇ ଟିକକରେ ମାତ୍ରେ ନାହିଁ ତୋତେ ଡର

ହରେଇବା ଭଳି କିଛି ବାକି ନାହିଁ ତେବେ ବି ତୋ ନିରବତା
ଅବାକ୍ କରିଛି ସେପଟ ଲୋକଂକୁ, ତାକୁ ନେଇ ବହୁ କଥା
କୁହା ହେଉଥାଏ ଲେଖା ହେଉଥାଏ ଶାସନ ଗାଦିରେ ନିତି
ତୋ ପାଟି ଖୋଲିବା ସକାଶେ ସେଠାରେ ଗଣାଯାଏ ଲାଭକ୍ଷତି
ଗଦାଗଦା ଖାଦ୍ୟ ସଜା ହୋଇଥାଏ ଢଳା ହେଉଥାଏ ପେୟ
ସେଠି ଚଳମାନ୍ ସୁପୁଷ୍ଟ ଲୋକଂଙ୍କ ଥାଏ ଏକମାତ୍ର ଧ୍ୟେୟ

ଗରିବକୁ ନେଇ ହେବ ଆଲୋଚନା, ଲେଖାହେବ ବହୁ ବହି
କିଂତୁ ତୋ ଚୁଲିରେ ନିଆଁ ଜଳିବାର ସୁଦିନ ଆସିବ ନାହିଁ

Digitized by srujanika@gmail.com

ଫେରି ଯା

ଆହାର ମାଗିଲେ ପାହାର ପାଇବୁ ଭାତ ମାଗିଲେ ତୁ ଲାତ
ହୀରାମୁଦି-ପିଂଧା ହାତ ବଢ଼ାଇଲେ ମିଳାଇବୁ ନାହିଁ ହାତ
ନୋହିଲେ ତୋହର ହାତରୁ ଆଂଗୁଠି କରିବେ ସେମାନେ ଚୋରି
ଆଂଗୁଠିମାଳରେ ଘର ସଜାଇବେ ଖେଳିବେ ରକ୍ତ ହୋରି
କେହି ନୁହେଁ ତୋର ପାଳକ ଓ ପ୍ରଭୁ ନୋହୁ ତୁ କାହାରି ଦାସ
ଈଭର ପାଲରେ ପଡ଼ିବୁ ନାହିଁରେ ବରଂ ଭଲ ଉପବାସ
ଚାଲି ଯା ଏଠାରୁ ଦୂରକୁ ଦୂରକୁ କାଦୁଅ ବିଲର ହିଡ଼େ
ନଂଡା ପାହାଡ଼ ଟପି ଗଲେ ପରା ତୋର ଛୋଟ ଗାଆଁ ପଡ଼େ

ସହରକୁ ପିଠି ଦେଖାଇ ଫେରିବୁ ତୋର ଛୋଟ ଗାଆଁଟିକୁ
ମନେ ରଖିଥିବୁ ଭୁଲିବୁ ନାହିଁରେ ବଂଧୁର ନାଆଁଟିକୁ
ତା'ଠାରୁ ସପନ ଉଧାର ନେଇ ତୁ ମାଟିରେ ଢାଳିବୁ ଝାଳ
ମନା କରେନାହିଁ ଏ ମାଟି କେବେହେଁ ଦିଏ କେତେ ଫୁଲଫଳ

ସହର ବଂଧ୍ୟା ମାଟିର ଉରୁରେ ବଛକା ବଳ ବା କାହିଁ?
ବୀର୍ଯ୍ୟହୀନର ଅଞ୍ଜଳିପିରେ ଶସ୍ୟ ଫଳିବ ନାହିଁ
ଲୁହା ଗେଟ୍ ପାଖେ ଅଟକି ରହି ତୁ ମାଆ ଓ ବାବୁଂକୁ ଡାକି
ପେଟ ପାଇଁ ଯଦି ରସଦ ଖୋଜୁଛୁ ପଡ଼ିବୁ ନିଶ୍ଚେ ଥକି

ଅଟକି ରହନା ମିଛେ ତୁ ଏଠାରେ ଦେବା ଭଳି କେହି ନାହିଁ
ବହୁ ବର୍ଷ ହେଲା ନିଘୋଡ଼ ନିଦରେ ଅଛଂନ୍ତି ସଭିଏଁ ଶୋଇ

Digitized by srujanika@gmail.com

କଥା

ସକାଳୁଆ ଦେଖା, ଦିପହର ଭେଟ, ସଂଜର ବୁଲା ପରେ
ସବୁ ଅନୁଭୂତି ସାଉଁଟି, ସଢ଼ାଡ଼ି ଏକ୍‌ଲା ଘରକୁ ଫେରେଁ
ଯାହା ମିଳିଯାଏ ଏଇମିତି ମୋତେ ଚାହିଁବାଠୁ ଖୁବ୍ ବେଶି
ପୂରିଯାଏ ମୋର ମନ-ଗଂଭାରି କୁହ କୁହ ରାଶିରାଶି
ଅନୁପମ ଯା'ର ପଟାଂତର ନାହିଁ, ଏହିପରି ସବୁ କଥା
ପ୍ରବଚନ ପରି ମନେ ରହିଥାଏ, ରଂଙ୍ଗାରେ ଯେପରି ଲତା
କଥାର ବେଢ଼ିରେ ବଂଧାହୋଇଛି ମୋର ଗୋଡ଼ ଆଉ ହାତ
ଏକ୍‌ଲା କଏଦୀ, ନାହିଁ ପ୍ରତିବେଶୀ, ନାହିଁ କାହା ଆତଯାତ
ଋତୁ ବଦଳିଲେ ଦୃଶ୍ୟ ବଦଳେ, ମୁହିଁ ଥାଏଁ ଏକ ରୂପ
କାଳକ୍ରମେ ମୁହିଁ ହୋଇଯାଏଁ ଏକ କଥାର ବିରାଟ ସ୍ତୂପ
ଏତେ କଥା କାହା କାମରେ ଲାଗିବ, ନାହିଁ ବିଲ୍‌କୁଲ୍ ଜଣା
ତେବେ ବି ବୁଲି ମୁଁ ଗଲି ଉପଗଲି ହୁଏଁ କଥା ସହ ବଣା
ସବୁ ସଭା, ସବୁ ବୈଠକ ସାରି ରାତିରେ ଘରକୁ ଫେରେଁ
ନିଜ ଇଚ୍ଛାରେ ବନ୍ଦୀ ହୋଇ ମୁଁ ହାତରେ କଲମ ଧରେଁ
ଯାହା ଲେଖେଁ ତାହା ଯଦି ହୋଇଥାଏ ସମୂହର ମହାବାଣୀ
କାଳର କବିତା, ସମୟର ଗୀତ, ଘଟନାର ବିବରଣୀ
ଯାହା ପାଏଁ ତାହା ଫେରାଇ ଦିଏଁ ମୁଁ ସମୁଦ୍ର ଲହଡ଼ି ପରି
ଏକ୍‌ଲା କଏଦୀ କଥାର କାରାରେ ଏତିକି ପାରୁଛି କରି ।

Digitized by srujanika@gmail.com

ବଂଚିବାର ଭାଷା

ବହୁ ବର୍ଷ ହେଲା ମୁହିଁ କାନେଇଛିଁ, ଶୁଭୁନାହିଁ ପଦେ ମନକଥା
ସବୁଆଡ଼େ ଦର କଷାକଷି, ନୋହିଲେ ବା ଭୀରୁ ନୀରବତା
ହସ ନାମେ ଦିଶୁଅଛି ଯାହା, ଦୁଇଫାଳ ଓଠ ଆଉ ଦାଂତ
ନାହିଁ କାହିଁ ମାଟିର ମମତା, ସବୁ ଲୋକ ଦୂରଗାମୀ ପାଂଥ
ସୁଦୂର ଉଚ୍ଚତା ଖୁବ୍ ଲୋଭନୀୟ, ମୋତେ କିଂତୁ ଲାଗେ ଖାଲି ଡର
ଠଉରାଇ ପାରୁନାହିଁ ଟିକିଏ ବି, କିଏ ମୋ ନିଜର କିଏ ପର
କୁହୁଡ଼ିଆ ପରିବେଶ ସବୁଆଡ଼େ, ଦୃଶ୍ୟାବଳୀ ନିରାକାର ମେଘ
ଧ୍ୟାନ-ସ୍ଥିର ଦୃଢ଼ ନୁହେଁ କିଛି, ନିରର୍ଥକ ବାୟବାୟ ବେଗ
ଏତେ ବେଶୀ ବ୍ୟସ୍ତତା, ଖଟଣି, ହୃଦୟର ଅପମୃତ୍ୟୁ ପରେ
ମନେହୁଏ ନିହାତି ଯାଂତ୍ରିକ, ନାହିଁ ପ୍ରାଣସରା କେଉଁଠାରେ
ନିଜକୁ ହିଁ ଘଷି ମାଜି ଧୋଇ, କରୁଛଂତି ସଭିଏଁ ଚିକଣ
ଅଭ୍ୟଂତର ଯାଏ ପଚି ଶଢ଼ି, ନିର୍ବିରୋଧ ଆତ୍ମାର ମରଣ
ଏମିତି ଅଜବ ଏକ ପୃଥିବୀରେ, ଜନ୍ମନେଇ ରହିଛିଁ ମୁଁ ଜିଇଁ
ଖର୍ବତର ଅଭିଳାଷ ଦିନୁ ଦିନ, କିଛି ପରିଷ୍କାର ଦିଶୁନାହିଁ
ଅଂତହୀନ ପ୍ରତୀକ୍ଷାରେ ମିଶାଉଛିଁ, ପ୍ରତି ମୁହୂର୍ତ୍ତରେ ନୂଆ ଆଶା
ଶୂନ୍ୟସଂକଳନ ମୋର ଏକମାତ୍ର କାମ,
ହଜାଇଦେଇଛିଁ ମୁହିଁ ବଂଚିବାର ଭାଷା ।

Digitized by srujanika@gmail.com